ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୦୩
ତିଥି : ପୂର୍ଣ୍ଣିମା
୦୯ ଅଗଷ୍ଟ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 303
09 Aug 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in





## ଗହ୍ମା ପୂର୍ଣ୍ଣିମା

ଭାଇଭଉଣୀଙ୍କ ପବିତ୍ର ସମ୍ପର୍କର ସାକ୍ଷୀ ହେଲା ରାଖୀ । ଗାଁ ଠାରୁ ସହର ଦେଶ ଠାରୁ ବିଦେଶ ସବୁଠାରେ ଭାରତୀୟମାନେ ପାଳନ କରିଥାଆନ୍ତି ଏହି ସ୍ନେହ ସମ୍ପର୍କର ପର୍ବକୁ । ତେବେ ଓଡିଶାରେ ରାଖୀ ପୂର୍ଣ୍ଣିମା ଦିନ ପଡିଥାଏ ଓଡିଶାର ଆରାଧ୍ୟ ଦେବତା ଶ୍ରୀବଳଭଦ୍ରଙ୍କର ଜନ୍ମ ଦିନ । ଓଡିଶା ବାସୀ ଏହାକୁ ରାକ୍ଷୀ ପୂର୍ଣ୍ଣିମା ସହିତ ଗହ୍ମା ପୂର୍ଣ୍ଣିମା ଭାବେ ମଧ୍ୟ ପାଳିଥାଆନ୍ତି । ଶ୍ରାବଣମାସ ପୂର୍ଣ୍ଣିମାରେ ପଡିଥାଏ ଗହ୍ମା ପୂର୍ଣ୍ଣିମା, ଯେଉଁଦିନ ଘରେଘରେ ବଳଭଦ୍ରଙ୍କର ପ୍ରତିକ ହଳ ଲଙ୍ଗଳ ସହ ଗୋମାତାଙ୍କୁ ପୂଜା କରାଯାଇଥାଏ । ସେମାନଙ୍କୁ ଗାଧୋଇ ଦିଆଯାଇ ତାଙ୍କ ଶିଙ୍ଗରେ ରାକ୍ଷୀ ବାନ୍ଧିବା ସହ ସେମାନଙ୍କୁ ପୂଜା କରାଯାଇଥାଏ । ଏହାପରେ ସେମାନଙ୍କୁ ପିଠା ଖାଇବାକୁ ଦେବାର ପରମ୍ପରା ରହିଛି । ଏହାସହ ଏହି ଦିନ ଭାଇର ଶୁଭ ମନାସି ଭଉଣୀ ଭାଇ ହାତରେ ରଖୀ ବାନ୍ଧିଥାଏ । ଭାଇ ମଧ୍ୟ ଜୀବନ ସାରା ଭଉଣୀର ସମସ୍ତ ପ୍ରକାରର ସୁରକ୍ଷା କରିବାନେଇ ବଚନ ଦେଇଥାଏ । ଶ୍ରୀମନ୍ଦିରଠାରୁ ଆରମ୍ଭ କରି ପୂରପଲ୍ଲୀ ପର୍ଯ୍ୟନ୍ତ ସବୁଠାରେ ଖୁବ୍ ଧୁମ୍‌ଧାମରେ ପାଳନ ହୋଇଥାଏ ରାଖୀ । ପୂରାଣରେ ମଧ୍ୟ ରାଖୀକୁ ନେଇ ରହିଛି ସ୍ୱତନ୍ତ୍ର ବର୍ଣ୍ଣନା । ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା । ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ । ଯାହାକୁ ରାଖୀସହିତ ତୁଳନା କରାଯାଇଥାଏ ।



ଭାଇ ଭଉଣୀଙ୍କ ଭିତରେ ସ୍ନେହ ଓ ଶ୍ରଦ୍ଧାର ବନ୍ଧନ ହୋଇଥାଏ ରାଖୀ । ରକ୍ଷା ବନ୍ଧନରେ ରାଖୀ ବାନ୍ଧି ଭଉଣୀଟିଏ ଭାଇଠାରୁ ସାରା ଜୀବନର ସୁରକ୍ଷାର ଶପଥ ନେଇଥାଏ । ସାରା ଜୀବନ ପାଇଁ ଉଭୟେ ଉଭୟଙ୍କର ସୁରକ୍ଷା କବଚ ହୋଇ ରହିବା ପାଇଁ ନେଇଥାଆନ୍ତି ଶପଥ ।



## ଦିଅନ୍ତୁ ମନଜାଣି ଉପହାର

ପ୍ରତିବର୍ଷ ରାଖୀ ଆସିଲେ ଭଉଣୀମାନେ ଚାହିଁ ବସିଥାଆନ୍ତି କିଭଳି ଭାଇଙ୍କ ହାତରେ ରକ୍ଷାବନ୍ଧନ ବାନ୍ଧି ଜୀବନସାରା ପାଇଁ ସୁରକ୍ଷାର ବଚନ ନେବେ । ତେବେ ଏହି ଦିନ ପ୍ରାୟ ସମସ୍ତ ଭାଇ ଶ୍ରଦ୍ଧାରେ ଭଉଣୀଙ୍କ ପାଇଁ କିଛି ଉପହାର ଆଣିଥାଆନ୍ତି । ଏହା ବାଧ୍ୟତାମୂଳକ ନହେଲେ ମଧ୍ୟ ସ୍ନେହର ପ୍ରତୀକ ହୋଇଥାଏ । ତେବେ ଏହି ଉପହାର ପାଇଁ ଆଗରୁ ପ୍ଲାନ କରିବାକୁ ପଡିଥାଏ । କିନ୍ତୁ ଏଭଳି କିଛି ଉପହାର ରହିଛି ଯାହାକୁ ଆପଣ ସେହି ଦିନ ମଧ୍ୟ କିଣି ଦେଇପାରିବେ ଏବଂ ଭଉଣୀଙ୍କୁ ଖୁସି କରାଇପାରିବେ । ଆସନ୍ତୁ ଜାଣିବା ସେହିଭଳି କିଛି ଉପହାର ସମ୍ପର୍କରେ



**ମେକଅପ୍ କିଟ୍–** ସମସ୍ତ ଝିଅଙ୍କର ମେକଅପ ପସନ୍ଦ ହୋଇଥାଏ । ତେଣୁ ଆପଣଙ୍କର ଭଉଣୀଙ୍କ ପାଇଁ ମେକଅପ ସାମଗ୍ରୀ ଦେଇପାରିବେ । ଏହା ଏକ ସୁନ୍ଦର ଉପହାର ହୋଇଥାଏ । ଏଥିରେ ଭଉଣୀଙ୍କୁ ପସନ୍ଦ ଆସିବାଭଳି ସମସ୍ତ ମେକଅପ ସାମଗ୍ରୀ ରଖି ଏକ ଗିଫ୍ଟ ପ୍ୟାକ୍ କରିଦେଇପାରିବେ ।

**ଗହଣା–** ଝିଅମାନଙ୍କର ପସନ୍ଦ ମେକଅପ ସହିତ ଗହଣା ମଧ୍ୟ ହୋଇଥାଏ । ଆପଣ ଭଉଣୀଙ୍କୁ କିଛି ଛୋଟମୋଟ ଗହଣା ଯେପରି କାନ ଫୁଲ, ଫ୍ୟାନ୍ସି ନେକଲେସ (ଯାହା ସୁନା ନୁହେଁ ବରଂ ଷ୍ଟୋନ କିମ୍ବା ଇମିଟେସନ ହୋଇପାରେ) ଦେଇପାରିବେ । ଏହି ତାଲିକାରେ ବ୍ରେସଲେଟ, ମୁଦି ଓ ଆଙ୍କଲେଟ୍ ମଧ୍ୟ ସାମିଲ ଅଛି । ଏଗୁଡିକ ଖୁବ ସୁନ୍ଦର ହୋଇଥାଏ ଏବଂ ଭଉଣୀଙ୍କୁ ପସନ୍ଦ ମଧ୍ୟ ଆସିବ ।

**ଗ୍ୟାଜେଟ୍–** ଯଦି ଆପଣଙ୍କ ଭଉଣୀ ଗୀତ ଶୁଣିବାକୁ କିମ୍ବା ଗେମ୍ ଖେଳିବାକୁ ଭଲ ପାଆନ୍ତି, ତେବେ ସେମାନଙ୍କ ପାଇଁ ଗ୍ୟାଜେଟ୍ ଏକ ଭଲ ବିକଳ୍ପ ପାରିବ । ଆପଣ ତାଙ୍କୁ ହେଡ୍ ଫୋନ୍, ସ୍ପିକର କିମ୍ବା ପ୍ଲେ ଷ୍ଟେସନ ମଧ୍ୟ ଦେଇପାରିବେ । ସେହିଭଳି ଆହୁରି ହାତଘଣ୍ଟା, ଫୋନ୍ ମଧ୍ୟ ଏହି ତାଲିକାରେ ରହିଛି ।

**ପୋଷାକ–** ଶାଢୀ ହେଉ କିମ୍ବା କୈାଣସି ଡ୍ରେସ ସବୁବେଳେ ମହିଳାଙ୍କର ପସନ୍ଦ ଆସିଥାଏ । ତେଣୁ ରାକ୍ଷୀର ସବୁଠାରୁ ଭଲ ଗିଫ୍ଟ ପୋଷାକ ହୋଇଥାଏ । ଭଉଣୀଙ୍କୁ ପାଇଁ ଶାଢୀ ହେଉ କିମ୍ବା ଡ୍ରେସ ଟିଏ କିଣି ଦେଇ ପାରିବେ । ଏହି ଉପହାର ତାଙ୍କର ଖୁବ ପସନ୍ଦ ଆସିବା ସହିତ ଏହାକୁ ସଙ୍ଗେସଙ୍ଗେ କିଣି ମଧ୍ୟ ହେବ ।



## ସୁଜି ଖୁଆ ଲଡୁ

ରାଖୀରେ ଘରେ କିଛି ମିଠା ପ୍ରସ୍ତୁତ କରି ସେଲିବ୍ରେଟ କରନ୍ତୁ । ଏହି ଅବସରରେ ଘରେ ପ୍ରସ୍ତୁତ କରନ୍ତୁ ସୁଜି ଖୁଆ ଲଡୁ ।

**ସାମଗ୍ରୀ–** ଛୋଟ ଦାନା ସୁଜି ଏକ କପ୍, ଘିଅ ଅଧାକପ୍, ଖୁଆ ସ୍ୱାଦ ଅନୁସାରେ, ଅଳ୍ପ ଗୁଜୁରାତି ଗୁଣ୍ଡ, ସଜାଇବା ପାଇଁ ଖିସମିସ, ଗୁଣ୍ଡ ଚିନି ଏକ କପ୍



**ପ୍ରଣାଳୀ–** ପ୍ୟାନ୍‌ରେ ଅଧାକପ୍ ଘିଅ ଗରମ କରନ୍ତୁ । ଏଥିରେ ଏକ କପ୍ ସୁଜି ପକାନ୍ତୁ (ଛୋଟ ଦାନା ସୁଜି) । ସୁଜିକୁ କିଛି ସମୟ ପର୍ଯ୍ୟନ୍ତ କମ ଆଞ୍ଚରେ ଭାଜନ୍ତୁ । ସୁଜିକୁ ଅଳ୍ପ ଗୋଲ୍ଡେନ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ସମସ୍ତ ଘିଅ ସୁଜିରେ ମିଶିଯିବା ପରେ ଏଥିରେ ଗ୍ରେଟେଡ୍ ଖୁଆ ମିଶାନ୍ତୁ । ଏହାପରେ ଏହାକୁ ଭଲକରି ଗୋଳାନ୍ତୁ । ଖୁଆ ମିଶିବା ପର୍ଯ୍ୟନ୍ତ ସୁଜିକୁ ଭାଜନ୍ତୁ । ଏଥିରେ ବର୍ତ୍ତମାନ ଅଧା ଚାମଚ ଗୁଜୁରାତି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରିନିଅନ୍ତୁ । ଏକ ପ୍ଲେଟ୍‌କୁ କାଢି ଥଣ୍ଡା କରନ୍ତୁ । ହାତରେ ଧରିହେଉଥିବା ଭଳି ଗରମ ଥିବା ଅବସ୍ଥାରେ ଏଥିରେ ଗୁଣ୍ଡ ଚିନି ଏକ କପ୍ ମିଶାନ୍ତୁ । ହାତରେ ଭଲକରି ମିଶାଇ ନିଅନ୍ତୁ । ଏହାପରେ ହାତରେ ଘିଅ ମାରି ଏହି ମିଶ୍ରଣକୁ ଲଡୁ ଆକାରରେ ଗଢନ୍ତୁ । ପ୍ରସ୍ତୁତ ହୋଇଗଲା ସୁଜି ଖୁଆ ଲଡୁ ।

## ଆଜି ଜନ୍ମଦିନ

# ସରଳା ଦେବୀ



୧୯୦୪ ମସିହା ଅଗଷ୍ଟ ୯ରେ ଜଗତସିଂପୁର ଜିଲ୍ଲାରେ ଜନ୍ମିତା ସରଳା ଦେବୀ ଓଡିଶାର ଜଣେ ସୁଲେଖିକା ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାବେ ଘରେଘରେ ପରିଚିତ । ତାଙ୍କର ସ୍ୱାମୀ ଭାଗିରଥୀ ମହାପାତ୍ର ମଧ୍ୟ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ । ନାରୀ ଶିକ୍ଷା ତଥା ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ଲଢିବା ପାଇଁ ହେଉଥିବା ଆନ୍ଦୋଳନର ସେ ଥିଲେ ମୁଖ୍ୟ ପୁରୋଧା । ବିଧାୟିକା ରୂପେ ସରଳାଦେବୀଙ୍କ କାର୍ଯ୍ୟକାଳ ଥିଲା ୧୯୩୭ରୁ ୧୯୪୧ ମସିହା ପର୍ଯ୍ୟନ୍ତ । ସରଳାଦେବୀ ବିଧାନସଭାରେ ଓଡ଼ିଆ ଓ ଇଂରାଜୀରେ ଭାଷଣ ଦେଉଥିଲେ । ଏହି ସମୟଟି ସମଗ୍ର ବିଶ୍ୱରେ ଓ ଭାରତର ଇତିହାସରେ ଏକ ଘଡ଼ିସନ୍ଧିର ମୁହୂର୍ତ୍ତ ଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ଅନ୍ୟ ରାଷ୍ଟ୍ରମାନେ ପ୍ରସ୍ତୁତ ହେଉଥିବା ବେଳେ ଭାରତର ମୁକ୍ତିସଂଗ୍ରାମ ଶେଷ ପର୍ଯ୍ୟାୟରେ ଥିଲା। ନାରୀଶିକ୍ଷାର ପ୍ରସାର, ମହିଳାମାନଙ୍କର ବିକାଶ, ବାଲ୍ୟବିବାହ ପ୍ରଥାର ଉଚ୍ଛେଦ, ଯୌତୁକ ପ୍ରଥାର ପ୍ରତିବାଦ ଇତ୍ୟାଦି ବିଲ୍ ସରଳାଦେବୀ ବିଧାନସଭାରେ ଆଗତ କରିଥିଲେ । ବାଲ୍ୟବିବାହ ବିରୋଧରେ 'ଶାରଦା ଆଇନ' ପାରିତ ହେବା କ୍ଷେତ୍ରରେ ତାଙ୍କର ଅବଦାନ ରହିଥିଲା । ନାରୀମାନଙ୍କ ବହୁବିଧ ବିକାଶ ପାଇଁ ସେ ଅନେକ ସ୍ୱପ୍ନ ଦେଖିଥିଲେ । କଟକ ନିର୍ବାଚନମଣ୍ଡଳିରୁ ନିର୍ବାଚିତା ପ୍ରଥମ ବିଧାୟିକା ସରଳାଦେବୀଙ୍କର ନିଷ୍ଠା ଓ କର୍ମପ୍ରବଣତା ସେକାଳର ନଥିପତ୍ରକୁ ଅନୁଧ୍ୟାନ କଲେ ଜଣାପଡ଼ିଥାଏ । ତାଙ୍କ ଉଦ୍ୟମ ଫଳରେ ବାଲ୍ୟବିଧବା ଓ ପୋଇଲି ପ୍ରଥାର ଉଚ୍ଛେଦ ହୋଇଥିଲା । ବାଲ୍ୟବିଧବାମାନେ ପୁନର୍ବିବାହ କରିବାର ସୁଯୋଗ ପାଇଁ ସେ ପଥ ପରିଷ୍କୃତ କରିଥିଲେ । ନାରୀମାନଙ୍କର ସ୍ୱାର୍ଥରକ୍ଷା ଲାଗି ସେ ସ୍ୱର ଉତ୍ତୋଳନ କରି ସଫଳତା ଲାଭ କରିଥିଲେ । ବିଧାୟିକା ଭାବରେ ତାଙ୍କର ବକ୍ତୃତା ଓ ବିବରଣୀ ହିଁ ତାଙ୍କୁ ଜଣେ ଅଦ୍ୱିତୀୟା ପ୍ରତିଭା ଭାବେ ପ୍ରତିପାଦିତ କରିଥିଲା । ଏହି ମହାନ ନାରୀନେତ୍ରୀଙ୍କର ୪ ଅକ୍ଟୋବର ୧୯୮୬ ମସିହାରେ ଦେହାନ୍ତ ହୋଇଥିଲା । ତାଙ୍କ ମୃତ୍ୟୁରେ ଓଡ଼ିଶା ରାଜନୀତିରେ ଏକ ବଡ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା ।

- ୧୮୩୧– ଆମେରିକାରେ ପ୍ରଥମକରି ଷ୍ଟିମ୍ ଇଞ୍ଜିନ୍ ଟ୍ରେନ୍ ଚାଲିଲା ।
- ୧୯୪୨– ଅଗଷ୍ଟ ୮ରେ ଭାରତ ଛାଡ ଆନ୍ଦୋଳନ ନିଷ୍ପତ୍ତି ନିଆଯିବା ପରେ ଏହାର ଆଗାମୀ ଦିନକୁ ଅଗଷ୍ଟ କ୍ରାନ୍ତି ଦିବସ ରୂପେ ପାଳନ କରାଗଲା ।
- ୧୯୪୨– ମହାତ୍ମା ଗାନ୍ଧୀଙ୍କୁ ବ୍ରିଟିଶ ସରକାର ଗିରଫ କଲା ।
- ୧୯୪୨– ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜାପାନ ସହାୟତାରେ ମାଲେସିଆରେ ଇଣ୍ଡିଆନ ନ୍ୟାସନାଲ୍ ଆର୍ମିର ସ୍ଥାପନା କଲେ ।
- ୧୯୪୫– ଜାପାନର ନାଗାସାକୀ ସହରରେ ଆମେରିକାର ପରମାଣୁ ବମ୍ ବିସ୍ଫୋରଣ ।
- ୧୯୬୩– ଋଷ ରାଜଧାନୀ ମସ୍କୋରେ ପରମାଣୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣ ପ୍ରତିବନ୍ଧକ ଚୁକ୍ତି ଉପରେ ପ୍ରଥମ ଦେଶ ରୂପେ ଭାରତର ସ୍ୱାକ୍ଷର ।
- ୧୯୭୦– ଦେଶର ମହାନ ସ୍ୱତନ୍ତ୍ରତା ସେନାନୀ ତ୍ରୈଲୋକ୍ୟନାଥ ଚକ୍ରବର୍ତ୍ତୀଙ୍କ ପରଲୋକ ।
- ୧୯୭୧– ଭାରତ–ପାକିସ୍ତାନ ମୈତ୍ରୀ ଚୁକ୍ତି ସ୍ୱାକ୍ଷର ।
- ୧୯୯୬– ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ଭାରତୀୟ କ୍ରିକେଟ ଟିମ୍‌ର କ୍ୟାପ୍ଟେନ୍ ଚୟନ କରାଗଲା ।
- ୨୦୧୨– ଅଗ୍ନି ୨ ବାଲେଷ୍ଟିକ୍ ମିସାଇଲ୍‌ର ସଫଳ ପରୀକ୍ଷଣ ।




ଆଜି ଅଗଷ୍ଟ ୯ ତାରିଖ । ଆଜିର ଦିନକୁ ସମଗ୍ର ଭାରତବର୍ଷରେ 'କ୍ରାନ୍ତି ଦିବସ' ଭାବେ ପାଳନ କରାଯାଏ । ଇଂରେଜମାନଙ୍କ ବିରୋଧରେ ଭାରତର ଶେଷ ଲଢ଼େଇ ଥିଲା ଭାରତ ଛାଡ଼ ଆନ୍ଦୋଳନ । ଦେଶ ମାତୃକାଳକୁ ସ୍ୱାଧୀନ କରିବା ପାଇଁ ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ମହାତ୍ମା ଗାନ୍ଧୀ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲେ । ସେ ଦିନ ମହାତ୍ମା ଗାନ୍ଧୀଙ୍କ 'ଭାରତ ଛାଡ଼' ଆହ୍ୱାନ ଓ 'କର ବା ମର' ମନ୍ତ୍ରରେ ସାରା ଦେଶ ଯେମିତି ଦୀକ୍ଷିତ ହୋଇଯାଇଥିଲା । ପ୍ରତ୍ୟେକ ଭାରତୀୟଙ୍କ ହୃଦୟକୁ ଅନୁପ୍ରାଣିତ କରିଥିଲା ଏହି ଡାକ । ସାରା ଭାରତରେ ବ୍ରିଟିଶ ଶାସନ ବିରୋଧୀ ଆନ୍ଦୋଳନ ନିଆଁ ଚରି ଯାଇଥିଲା । ଅଗଷ୍ଟ ୮ ତାରିଖରେ ବମ୍ବେରେ ଅନୁଷ୍ଠିତ ସର୍ବଭାରତୀୟ କଂଗ୍ରେସ କମିଟି ବୈଠକର ନିଷ୍ପତ୍ତି ଅନୁସାରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ସେଇ ଦିନରୁ ହିଁ ଭାରତର ସ୍ୱାଧୀନତା ପାଇଁ ପଥ ପ୍ରସ୍ତୁତ ହୋଇଯାଇଥିଲା । ସେହି ଐତିହାସିକ ଗୋୱାଲିଆ ଟ୍ୟାଙ୍କ ମଇଦାନ ତା ପର ଠାରୁ 'ଅଗଷ୍ଟ କ୍ରାନ୍ତି ମଇଦାନ' ଭାବେ ପରିଚିତ ହେଲା । ଦେଶବାସୀଙ୍କୁ ମହାତ୍ମାଙ୍କ ଐତିହାସିକ ଆହ୍ୱାନ ଥିଲା କର ବା ମର । ଆବାଳ – ବୃଦ୍ଧ – ବନିତା ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆନ୍ଦୋଳନରେ ସାମିଲ ହୋଇଥିଲେ । ଆନ୍ଦୋଳନକୁ ଦମନ କରିବା ପାଇଁ ଇଂରେଜ ସରକାର କଂଗ୍ରେସକୁ ନିଷିଦ୍ଧ କରିଥିଲେ । ବହୁ ସଂଗ୍ରାମୀ ନେତାଙ୍କୁ ଗିରଫ କରାଯାଇଥିଲା । ଉତ୍ତର ପ୍ରଦେଶ, ବିହାର, ବେଙ୍ଗଲ, ବମ୍ବେ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ଏହି ଆନ୍ଦୋଳନର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲା । ଇଂରେଜ ସରକାର ବିରୋଧରେ ଉତ୍କ୍ଷିପ୍ତ ଲୋକେ ସବୁଠି ବିକ୍ଷୋଭ ଓ ହରତାଳ କରିଥିଲେ । ରେଳ ଷ୍ଟେସନ, ପୁଲିସ ଷ୍ଟେସନ, କୋର୍ଟ କଚେରୀ ଆଦିରେ ବ୍ୟାପକ ଭଙ୍ଗାରୁଜା ହୋଇଥିଲା । ଟେଲିଗ୍ରାଫ ଓ ରେଳ ଧାରଣା ଉପୁଡ଼ାଯାଇଥିଲା । ଶେଷରେ ବ୍ରିଟିସ ସରକାର ଆନ୍ଦୋଳନକୁ ଦମନ କରିବା ପାଇଁ ସେନା ବାହିନୀକୁ ଆଦେଶ ଦେଇଥିଲେ । ସଂଗ୍ରାମୀଙ୍କ ଉପରେ ଆଖିବୁଜା ଗୁଳି ଚାଳନା ଓ ଲାଠି ପ୍ରହାର ହୋଇଥିଲା । ବୃଦ୍ଧ ଓ ଶିଶୁମାନେ ବି ଏଥିରୁ ବାଦ ପଡ଼ିନଥିଲେ । ଶତାଧିକ ନିରୀହ ଲୋକ ପ୍ରାଣ ହରାଇଥିଲେ । ସେହି ବର୍ଷ ଡିସେମ୍ବର ମାସ ସୁଦ୍ଧା ଷାଠିଏ ହଜାରରୁ ଅଧିକ ଲୋକଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା । ଏହି ଆନ୍ଦୋଳନ ବ୍ରିଟିସ ସରକାରକୁ ମୂଳରୁ ଅଗ ପର୍ଯ୍ୟନ୍ତ ଦୋହଲାଇ ଦେଇଥିଲା । ଫଳରେ ଭାରତ ଛାଡ଼ିବା ପାଇଁ ଫିରଙ୍ଗୀ ସରକାର ଚିନ୍ତା କରିଥିଲା । ମହାତ୍ମାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନ ଆମ ଦେଶର ସ୍ୱାଧୀନତା ଇତିହାସରେ ଏକ ଅଲିଭା ଅଧ୍ୟାୟ ହୋଇରହିଛି ।

ଡ଼ଃ.ଅରୁନ୍ଧତୀ ଦେବୀ

ଦୂରଭାଷ : ୯୯୩୭୧୭୨୮୧୦



## ଅଗଷ୍ଟ କ୍ରାନ୍ତି ଦିବସ



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୦୩
ତିଥି : ପୂର୍ଣ୍ଣିମା
୦୯ ଅଗଷ୍ଟ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 303
09 Aug 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

### ଆମେରିକା ସହ ଭାରତର ଟାରିଫ ଯୁଦ୍ଧ

## ପୁଟିନ୍‌ଙ୍କ ସହ କଥା ହେଲେ ମୋଦି



ନୂଆଦିଲ୍ଲୀ, ୮ ।୮ : ଆମେରିକା ସହ ଭାରତର ଏକରକମ ଟାରିଫ ଯୁଦ୍ଧ ଲାଗିଥିବାବେଳେ ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେଲିଫୋନ୍ ଯୋଗେ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ଉଭୟ ନେତାଙ୍କ ମଧ୍ୟରେ ୟୁକ୍ରେନ୍ ଯୁଦ୍ଧ ଓ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଆଲୋଚନା ହୋଇଛି । ଆଲୋଚନା ସମୟରେ ପୁଟିନ୍‌ଙ୍କୁ ଭାରତ ଆସିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନିମନ୍ତ୍ରଣ କରିଛନ୍ତି ।

ଆଲୋଚନା ସମ୍ପର୍କରେ ପ୍ରତିକ୍ରିୟା ରଖି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ପୁଟିନ୍‌ଙ୍କ ସହ ଖୁବ୍ ଭଲ ଓ ବିସ୍ତୃତ ଆଲୋଚନା ହୋଇଛି । ଉଭୟ ଦେଶ ମଧ୍ୟରେ ଚାଲିଥିବା ଅଂଶୀଦାର ନେଇ ଆଲୋଚନା କରାଯାଇଛି । ଉଭୟ ଦେଶ ମଧ୍ୟ ଆରେମିକା ରାଷ୍ଟ୍ରପତି ଭାରତୀୟ ସାମଗ୍ରୀ ଉପରେ ଲଗାଇଥିବା ୫୦% ଟିକସ ସମ୍ପର୍କରେ ଆଲୋଚନା କରିଛନ୍ତି । ଭାରତ-ଋଷ୍ ସ୍ୱତନ୍ତ୍ର ଓ ସୁବିଧାପ୍ରାପ୍ତ ରଣନୈତିକ ସହଭାଗିତାକୁ ଆହୁରି ନିବିଡ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଇଛି । ବର୍ଷ ଶେଷରେ ଭାରତର ରାଷ୍ଟ୍ରପତି ପୁଟିନ୍‌ଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଛୁ । ପୁଟିନ୍ ମୋର ବନ୍ଧୁ ବୋଲି ସୋସିଆଲମିଡିଆରେ ଉଲ୍ଲେଖ କରିଛନ୍ତି । ଦୁଇ ନେତା ମଧ୍ୟ ଦ୍ୱିପାକ୍ଷିକ ଏଜେଣ୍ଡା ଏବଂ ଭବିଷ୍ୟତ ପାଇଁ ବିଭିନ୍ନ କ୍ଷେତ୍ରରେ ପ୍ରତିବଦ୍ଧତା ନେଇ ଆଲୋଚନା କରିଛନ୍ତି । ଟ୍ରମ୍ପ ଶୁଳ୍କ ଲଗାଇବା ପରେ ଏହି ଆଲୋନା ବେଶ୍ ଗୁରୁତ୍ୱ ବହନ କରୁଛି । ସୂଚନାଯୋଗ୍ୟ ଋଷ୍ ଗସ୍ତରେ ଥିବା ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲା ମସ୍କୋରେ ପୁଟିନଙ୍କୁ ସାକ୍ଷାତ କରି ଭାରତ ଆସିବାକୁ ନିମନ୍ତ୍ରଣ କରିଛନ୍ତି । ଋଷରୁ ଭାରତ ତେଲ କିଣୁଥିବା ନେଇ ଆମେରିକା ଏବେ ଖପ୍ପା ହୋଇଛି । ଏଥିପାଇଁ ଭାରତ ଉପରେ ପ୍ରଥମେ ୨୫% ଓ ପରେ ଆଉ ୨୫% ଅତିରିକ୍ତ ଶୁଳ୍କ ଲଗାଇଛି । ୨୫% ଶୁଳ୍କରେ ଭାରତୀୟ ସାମଗ୍ରୀ ଯାହା ରପ୍ତାନୀ ହୋଇଥିଲା ତାହା (୯ ପୃଷ୍ଠାରେ)

### ଭରତପୁର ଥାନା ବିରୋଧରେ ପୁଣି ଅଭିଯୋଗ

## ହତ୍ୟାକୁ ଆତ୍ମହତ୍ୟା ରୂପ ଦେବାକୁ ପୋଲିସର ଚାପ !

ଭୁବନେଶ୍ୱର, ୮ ।୮ (ସବ୍ୟୁ) : ରାଜଧାନୀ ଉପକଣ୍ଠ ଭରତପୁର ଥାନା ଅନ୍ତର୍ଗତ ପଣ୍ଡାକୁଦିଆ ବସ୍ତି ନିକଟ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ଶବ ଉଦ୍ଧାର କରିଛି ପୋଲିସ । ମୃତ ଯୁବକଙ୍କ ଘର ଯାଜପୁର ଜିଲ୍ଲାରେ ହୋଇଥିବା ବେଳେ ସେ ଭରତପୁର ଥାନା ଅଞ୍ଚଳ ପଣ୍ଡାକୁଦିଆ ବସ୍ତି ପାଖ ଶ୍ୱଶୁର ଘରକୁ ଆସିଥିଲେ । ତାଙ୍କୁ ପଣ୍ଡାକୁଦିଆ ବସ୍ତିର କିଛି ଯୁବକ ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିବାରୁ ପୋଲିସ ପ୍ରତିକ୍ରିୟା ପ୍ରକାଶ କରିଥିଲା । ଶବ ଉଦ୍ଧାର ପାଇଁ ଆସିଥିବା ଭରତପୁର ଥାନାର ପୋଲିସ ଅଫିସର ବୈକୁଣ୍ଠନାଥ ବେହେରା

**➢ ସ୍ୱାମୀଙ୍କ ଝୁଲନ୍ତା ଶବ ଉଦ୍ଧାର**

**➢ ହତ୍ୟା ଅଭିଯୋଗ କଲେ ସ୍ତ୍ରୀ**

ଶିବଙ୍କ ସ୍ତ୍ରୀକୁ ଆତ୍ମହତ୍ୟା କରିଥିବା ଲେଖିବାକୁ ପ୍ରବର୍ତ୍ତାଇ ଥିବା ସେ ଗଣମାଧ୍ୟମକୁ କହିଛନ୍ତି । ଆତ୍ମହତ୍ୟା ଲେଖିବେ ନାହିଁ ବୋଲି କହିବାରୁ ପୋଲିସ ଅଫିସର ତାଙ୍କ ଉପରେ ବିରକ୍ତ ହୋଇଥିବା ସେ କହିଛନ୍ତି ।

ଯାଜପୁର ଜିଲ୍ଲାର ଶିବ କୁମାର ବାରିକ ପଣ୍ଡାକୁଦିଆ ପାଖ ଶ୍ୱଶୁର ଘରକୁ ଆସିଥିଲେ । ପଣ୍ଡାକୁଦିଆ ବସ୍ତିର କିଛି ଯୁବକଙ୍କ ସହ ତାଙ୍କର କଳିଝଗଡା ହୋଇଥିଲା । ଗୁରୁବାର ରାତିରେ ଶିବଙ୍କୁ (୯ ପୃଷ୍ଠାରେ)

### ଆଜି ମିଳିବ ସୁଭଦ୍ରାର ତୃତୀୟ କିସ୍ତି

## କୋଟିଏ ମହିଳା ପାଇବେ ୫ ହଜାର କୋଟି



ଭୁବନେଶ୍ୱର, ୮ ।୮ (ସବ୍ୟୁ) : ଶନିବାର ରାଜ୍ୟର ୧ କୋଟି ମହିଳାଙ୍କୁ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ଯିବ । ଜୟପୁରରେ ସୁଭଦ୍ରା ତୃତୀୟ କିସ୍ତି ଟଙ୍କା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରଦାନ କରିବେ । ଏହା ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କୋଟିଆ ଗସ୍ତ କରିଛନ୍ତି । ସେ କହିଛନ୍ତି ଯେ ୨୦୭୮ ମହିଳା କୋଟିଆରେ ସୁଭଦ୍ରା ପାଇଁ ଆବେଦନ କରିଥିଲେ । ୧୮୦୦ ଜଣ ଦୁଇଟି କିସ୍ତି ପାଇଛନ୍ତି । କାଲି ଆଉ ପାଖାପାଖି ୨୪୦ ଜଣ ଏକକାଳିନ ତିନୋଟି (୯ ପୃଷ୍ଠାରେ)

## ଏମ୍ସରେ ସିବିଆଇ ଚଢାଉ

ଭୁବନେଶ୍ୱର, ୮ ।୮ (ସବ୍ୟୁ) : ଏମ୍ସରେ ନିଯୁକ୍ତି ଜାଲିଆତିକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ସିବିଆଇ ଚଢାଉ କରୁଥିବା ବେଳେ ଭୁବନେଶ୍ୱର ଏମ୍ସରେ ମଧ୍ୟ ଚଢାଉ ହୋଇଛି । ଚଢାଉ କରୁଥିବା ସିବିଆଇ ଟିମ୍ ଭୁବନେଶ୍ୱରର ଦୁଇଟି ସ୍ଥାନ ସମେତ ଜଗତସିଂହପୁରରେ ମଧ୍ୟ ଚଢାଉ କରିଥିବା ସୂଚନା ମିଳିଛି ।

ଏମ୍ସରେ ନିଯୁକ୍ତି ଜାଲିଆତିର ସିବିଆଇ ତଦନ୍ତ କରୁଥିବା ବେଳେ ଗୁରୁବାର ଓଡ଼ିଶାର ତିନୋଟି ସ୍ଥାନ ସମେତ ଦେଶର ବହୁ ସ୍ଥାନରେ ଚଢାଉ କରାଯାଇ ବହୁ କାଗଜପତ୍ର ଜବତ କରାଯାଇଛି । ଭୁବନେଶ୍ୱର ଏମ୍ସ ହସ୍ପିଟାଲ, କଳ୍ପନା ନିକଟ ଏକ ଫ୍ଲାଟ୍ ଓ ଜଗତସିଂହପୁରର ଏକ ସ୍ଥାନରେ ସିବିଆଇ (୯ ପୃଷ୍ଠାରେ)

## ଆୟକର ବିଲ୍ ପ୍ରତ୍ୟାହୃତ

ନୂଆଦିଲ୍ଲୀ, ୮ ।୮ : ଫେବୃଆରୀ ୧୩ରେ ସଂସଦରେ ଉପସ୍ଥାପନ ହୋଇଥିବା ଆୟକର ବିଲ୍ ୨୦୨୫କୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିନେଇଛନ୍ତି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବିଲ୍ ପ୍ରତ୍ୟାହାର ହେଲା ବୋଲି ଉଲ୍ଲେଖ କରିଛନ୍ତି । ସୋମବାର ଏହି ବିଲ୍‌କୁ ପୁନଃ ଉପସ୍ଥାପନ କରାଯିବ । ୧୯୬୧ର ଆୟକର ବିଲ୍ ସ୍ଥାନ ଏହି ନୂଆ ବିଲ୍ ନେଇଥାନ୍ତା । (୯ ପୃଷ୍ଠାରେ)

### ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡି ଘଟଣା

## ଚେନ୍ନାଇରୁ ପ୍ରେମିକ ଠାବ



- ନିଜ ପୁଅକୁ ନିର୍ଦ୍ଦୋଶ କହିଲେ ବାପା
- ମୃତ ଛାତ୍ରୀଙ୍କ ପରିବାରକୁ ଦୋଷାରୋପ
- ସାଇଣ୍ଟିଫିକ୍ ଟିମ୍‌ର ତନାଘନା

କେନ୍ଦ୍ରାପଡ଼ା, ୮ ।୮ (ସବ୍ୟୁ) : ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ପୋଲିସର ତନାଘନା ଜାରି ରହିଛି । ମୃତ କଲେଜ ଛାତ୍ରୀଙ୍କ ପ୍ରେମିକଙ୍କୁ ପୋଲିସ ଚେନ୍ନାଇରୁ ଠାବ କରି ଓଡ଼ିଶା ଫେରୁଛି । ଛାତ୍ରୀଙ୍କ ପ୍ରେମିକ କୁହାଯାଉଥିବା ପଟ୍ଟାମୁଣ୍ଡାଇ ବ୍ଲକ୍‌ର ତେରେହି ଗ୍ରାମର ପ୍ରମୋଦଙ୍କୁ ଚେନ୍ନାଇରୁ ପୋଲିସ ଧରି ଓଡ଼ିଶା ଆସୁଛି ।

କେନ୍ଦ୍ରାପଡା ଏସ୍‌ପି ସିଦ୍ଧାର୍ଥ କଟାରିଆ ନିଜେ ମାମଲାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରୁଛନ୍ତି । ପଟ୍ଟାମୁଣ୍ଡାଇ ମଡେଲ ଥାନା (୯ ପୃଷ୍ଠାରେ)



### ଜୀବନ ଯୁଦ୍ଧରେ ହାରିଲେ ଯୁବକ : ଅଧୁରା ରହିଲା ରୋଜଗାର ସ୍ୱପ୍ନ

# ହୋମ୍‌ଗାର୍ଡ ପରୀକ୍ଷା ଦେବାକୁ ଯାଇ ଶବ ହୋଇ ଫେରିଲେ

ଖୋର୍ଦ୍ଧା, (ସବ୍ୟୁ): ଲିଖିତ ପରୀକ୍ଷାରେ ଉତିର୍ଣ୍ଣ ହୋଇଥିବା ଯୁବକ ଜଣକ ଶାରୀରିକ ପରୀକ୍ଷାରେ ଉତିର୍ଣ୍ଣ ହୋଇ ହୋମ୍ ଗାର୍ଡ ଚାକିରୀ କରିବା ସହିତ ରୋଜଗାର କରି ଅଭାବି ପରିବାରକୁ ଖୁସି ଦେବା ଉଦ୍ଦେଶ୍ୟରେ ଶୁକ୍ରବାର ସକାଳୁ ଘରୁ ବାହାରି ଆସିଥିବା ଯୁବକ ଜଣଙ୍କ ପ୍ରାର୍ଥିବ ଶରୀର ଶେଷରେ ତାଙ୍କ ଘରକୁ ଫେରିଛି ।ଯାହା ସମଗ୍ର ଅଂଚଳରେ ଏକ ପ୍ରକାର ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି । ଏହି ଦୁଃଖଦ ଘଟଣା ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମରେ ଘଟିଛି ।ମୃତ ଯୁବକ ଜଣକ ହେଲେ ୪୨ବର୍ଷୀୟ ଏମାଦୁଲା ହକ ଖାଁ । ସେ ପରିବାରର ଏକ ମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିବା ବେଳେ ତାଙ୍କର ବିଧବା ପତ୍ନୀ ସମେତ ୯ବର୍ଷର ଏକ ଶିଶୁ ପୁତ୍ର ଏବଂ ୩ବର୍ଷର ଏକ ଶିଶୁ କନ୍ୟା ଅଛନ୍ତି ।

ଖୋର୍ଦ୍ଧା ନିକଟସ୍ଥ ପୋଲିସ ରିଜର୍ଭ ପଡିଆ ଠାରେ ହୋମ୍ ଗାର୍ଡ ନିଯୁକ୍ତି ନିମନ୍ତେ ଶାରୀରିକ ପରୀକ୍ଷା ଅନୁଷ୍ଠିତ ହେଉଥିଲା ।ମୃତ ଯୁବକ ଜଣକ ଦୌଡିବା ସମୟର ହଠାତ ତଳେ ପଡିଯାଉଥିଲେ । ପରେ ନିକଟସ୍ଥ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ମାତ୍ର ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଥିଲା । ଭୁବନେଶ୍ୱରର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଯୁବକ ଜଣଙ୍କର ମୃତ୍ୟୁ ଘଟିଥିଲା । ଜିଲ୍ଲା ପୁଲିସ ପ୍ରଶାସନ ଅଧିନରେ ହୋମ୍ ଗାର୍ଡ ନିଯୁକ୍ତି ନିମନ୍ତେ ଜିଲ୍ଲାସ୍ତରରେ ଲିଖିତ ପରୀକ୍ଷା ଦେଇଥିବା ୨୪ଶହ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬ଶହ ପରୀକ୍ଷାର୍ଥୀ ଉତିର୍ଣ୍ଣ ହୋଇଥିଲେ । ସେମାନଙ୍କର ୪ଟି ଗ୍ରୁପରେ ଶାରୀରିକ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା ପୂର୍ବରୁ ୩ଟି ଗ୍ରୁପର ପରୀକ୍ଷାର୍ଥୀଙ୍କ ପରୀକ୍ଷା ଶେଷ ହୋଇଥିବା ବେଳେ ଆଜି ଶେଷ ଗ୍ରୁପର ପରୀକ୍ଷାର୍ଥୀଙ୍କ ପରୀକ୍ଷା ଅନୁଷ୍ଠିତ ହେଉଥିଲା ।ଏହି ସମୟରେ ୧୬ଶହ ମିଟର ଦୌଡ ପ୍ରତିଯୋଗୀତାରେ ଉତିର୍ଣ୍ଣ ହେବା ନିମନ୍ତେ ଦୌଡିବା ସମୟରେ ମୃତ ଏମାଦୁଲା ହଠାତ ତଳେ ପଡ଼ିଯାଇଥିଲେ ।



ପରେ ପୁଲିସ ମୃତ ଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିବାର ଜଣାପଡିଛି । ପରିବାରରେ ରୋଜଗାରକ୍ଷମ ବ୍ୟକ୍ତିର ମୃତ୍ୟୁ ରେ ପୁରା ପରିବାର ନିଃସ୍ୱ ହୋଇଯାଇଥିବା ବେଳେ ପରିବାର ପ୍ରତିପୋଷଣ ନିମନ୍ତେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସହାୟତା ପ୍ରଦାନ କରିବାକୁ କେରଙ୍ଗ ପଂଚାୟତ ସରପଂଚ, ବନ୍ଧୁ ଏବଂ ଗ୍ରାମବାସୀ ମାନେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କୁ ଭେଟି ଦାବି ଜଣାଇଥିଲେ । ଏହା ଗୋଟିଏ ସ୍ୱର୍ଷକାତର ଘଟଣା ବୋଲି ନିଜେ ଆରକ୍ଷୀ ଅଧିକ୍ଷକ କହିଛନ୍ତି । ବିଧବା ପତ୍ନୀ ଏବଂ ଦୁଇ ଶିଶୁଙ୍କ ନିମନ୍ତେ ସମସ୍ତ ପ୍ରକାର ସହାୟତା ପ୍ରଦାନ ଲାଗି ବ୍ୟବସ୍ଥା କରାଯିବା ସହିତ ମୃତକଙ୍କ ପତ୍ନୀଙ୍କୁ ନିଯୁକ୍ତି ଦେବା ଲାଗି ସୁପାରିଶ ନିମନ୍ତେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି । ରାଜ୍ୟ ସରକାରଙ୍କୁ ସହାୟତା ପାଇଁ ମଧ୍ୟ ଅନୁରୋଧ କାଯାଇଛି ବୋଲି ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଥ ପ୍ରତିଶ୍ରୁତି ଦେଇଥିବା ପରିବାରବର୍ଗ କହିଛନ୍ତି । ମୃତକଙ୍କ ଅନ୍ତ୍ୟେଷ୍ଟିକ୍ରୀୟା ପାଇଁ ୨୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହୋମ୍‌ଗାର୍ଡ ପରୀକ୍ଷାରେ ପରିକ୍ଷାର୍ଥୀ ଅମାଦୁଲ୍ଲା ହକ୍‌ଖାନ୍‌ଙ୍କ ଦେହାନ୍ତ ବିଷୟ ଜାଣି ଗଭିର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବା ଘୋଷଣା କରିଛନ୍ତି ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ଜଣେ ନାବାଳିକା ଦୁଷ୍କର୍ମକାରୀକୁ ଅଦାଲତ ୨୦ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ଦେବା ସହ ୫ହଜାର ଟଙ୍କା ଜୋରିମାନା ପାଇଁ ନିର୍ଦ୍ଦେଶ ହୋଇଛି । ଜୋରିମାନା ଅନାଦେୟ ହେଲେ ଅଧିକ ୩ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ କୁହାଯାଇଛି । ପକ୍‌ସୋ ଧାରା ୬ ଅନୁଯାୟୀ ୨୦ବର୍ଷ ସଶ୍ରମ ଜେଲ୍‌ଦଣ୍ଡ ହୋଇଥିବା ବେଳେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୫୦ ଅନୁଯାୟୀ ଅଭିଯୁକ୍ତ ରବୀନ୍ଦ୍ର ବେହେରାକୁ ୭ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ହୋଇଛି । ଏଥିସହ ୩ ହଜାର ଟଙ୍କା ଏହି ଦଫା ଅନୁଯାୟୀ ଜୋରିମାନା ଆଦେଶ ହୋଇଛି ।ଯଦି ସେହି ଜୋରିମାନା ସେ ନଦିଏ ୨ମାସ ଅଧିକ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ କୁହାଯାଇଛି ।

ଅଭିଯୋଗକାରୀଙ୍କ ପରିବାର ସହ ତମାଣ୍ଡୋ ଥାନା ଅଞ୍ଚଳରେ ରୁହନ୍ତି । ୨୦୨୧ ମସିହା ଫେବୃଆରୀ ୨୫ ତାରିଖ ମଧ୍ୟାହ୍ନ ସମୟରେ ସେ ନିଜର କିଛି ପଡୋଶୀ ମହିଳାଙ୍କ ସହ ମିଶି ଘର ନିକଟରେ କଥାବାର୍ତ୍ତା ହେଉଥିଲେ । ଘର ଭିତରେ ତାଙ୍କର ୭ବର୍ଷର ନାବାଳିକା ଓ ଦୁଇ ଜାଆଁଳା ପୁଅ ସାଙ୍ଗହୋଇ ଖେଳୁଥିଲେ । କଥାବାର୍ତ୍ତା ହେଉଥିବା ଅଭିଯୁକ୍ତ ରବୀନ୍ଦ୍ର ବେହେରା ତାଙ୍କ ଘର ନିକଟରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଅଭିଯୋଗକାରିଣୀ ଦେଖିଥିଲେ । ଏହାର କିଛି ସମୟ ପରେ ସେ ଅଭିଯୁକ୍ତକୁ ସେଠାରେ ଦେଖିବାକୁ ପାଇନଥିଲେ । ମନରେ ସନ୍ଦେହ ହେବାରୁ ସେ ଘର ଭିତରକୁ ଯାଇଥିଲେ । ଘର ଭିତରେ ଅଭିଯୁକ୍ତ ତାଙ୍କ ନାବାଳିକା ଝିଅ ସହ ଦୁଷ୍କର୍ମ କରୁଥିବା ନିଜେ ଦେଖିଥିଲେ । ଏହା ଦେଖି ସେ ହତବାକ୍ ହୋଇଯାଇଥିଲେ । ଅଭିଯୁକ୍ତର କଲର ଧରି ବଡପାଟି କରି ସମସ୍ତଙ୍କୁ ଡାକ ପକାଇବାରୁ ସେ ତାଙ୍କୁ ଧକ୍କା ମାରି ଖସି ପଳାଇଥିଲା ।

ପୀଡିତା ମା'ଙ୍କ ପାଟି ଶୁଣି ବାହାରେ ଥିବା ପଡୋଶୀମାନେ ଅଭିଯୁକ୍ତ ରବୀନ୍ଦ୍ରକୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଅଭିଯୋଗକାରିଣୀ ପିସିଆର୍‌କୁ ଡାକି ଅଭିଯୁକ୍ତକୁ ହସ୍ତାନ୍ତର କରିଥିଲେ । ପରେ ତମାଣ୍ଡୋ ଥାନାକୁ ଯାଇ ଏତଲା ଦାଏର କରିବା ପରେ ଅଭିଯୁକ୍ତ ରବୀନ୍ଦ୍ର ବେହେରାକୁ କୋର୍ଟଚାଲାଣ କରାଯାଇଥିଲା । ୯ଜଣ ସାକ୍ଷୀ ଓ ୫୫ଟି ଦସ୍ତାବିଜ୍‌କୁ ଆଧାର କରି ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ରବୀନ୍ଦ୍ରକୁ ଗୁରୁବାର ଦଣ୍ଡବିଧାନ କରିଛନ୍ତି ।

### ରାଜ୍ୟରେ ବଢି ଚାଲିଛି ନାରୀ ନିର୍ଯାତନା

# ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଲା ଛାତ୍ର ବିଜେଡି

କଟକ, (ସ୍ୱପ୍ର): ଓଡ଼ିଶାରେ ଅହେତୁକ ଭାବେ ବୃଦ୍ଧି ପାଉଥିବା ମହିଳା, ଛାତ୍ରୀଙ୍କ ଉପରେ ନିର୍ଯାତନା ଓ ଅପରାଧ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ବିଜୁ ଛାତ୍ର ଜନତାଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିଜେଡି ଛାତ୍ରନେତାମାନେ ସ୍ଥାନୀୟ ଜେକେବିକେ ମହାବିଦ୍ୟାଳୟରୁ ବାହାରି ମୋହନ ସରକାରଙ୍କ ବିରୋଧରେ ନାରାବାଜର କରିବା ସହ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଚାଉଳିଆଗଞ୍ଜ ଥାନାରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି କଟକ ଜୋନ ସଭାପତି ଶୁଭ୍ରାଂଶୁ ନାରାୟଣ ମିଶ୍ର, ସାହୁ, ହରପ୍ରିୟା ସାହୁ, ଧ୍ରୁବ ନାୟକ, ବିଜୟ ସାମଲ, ସୁଜଳ ପରିଡା,



ଛାତ୍ର ବିଜେଡି ରାଜ୍ୟ ସମ୍ପାଦକ ଚନ୍ଦ୍ରକାନ୍ତ ସାହୁ, ପୂର୍ବତନ ଛାତ୍ର ବିଶ୍ୱଜିତ ସ୍ୱାଇଁ,ଜ୍ୟୋତି ପ୍ରକାଶ, ଆଶିଷ ବାରିକ, ଦୁର୍ଗାପ୍ରସାଦ ପଣ୍ଡା ଏବଂ ମହାବିଦ୍ୟାଳୟର ଲୁଲୁ ପ୍ରସାଦ ରୁଦ୍ର ଘଡେଇ, ମଣିଷ ସାହୁ, ଶୁଭମ, ଚିନ୍ମୟ ବାରିକ, ଗୁଡଲି ସ୍ୱାଇଁଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଏପିବି ଇଣ୍ଟରନ୍ୟାସନାଲ ସ୍କୁଲରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

କଟକ, (ସବ୍ୟୁ): ବିଦ୍ୟାଳୟରେ ଅଧ୍ୟୟନ ସାଙ୍ଗକୁ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ହେଉଛି ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଦାୟିତ୍ୱ । ଏହା ଦାୟିତ୍ୱକୁ ପ୍ରାଧାନ୍ୟ ଦେଇ ଆସୁଛି ସିଡିଏ ସେକ୍ଟର-୭ ସ୍ଥିତ ଏପିବି ଇଣ୍ଟରନ୍ୟାସନାଲ ସ୍କୁଲ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ନିଜସ୍ୱ ପରିସରରେ ରୋଟାରୀ କ୍ଲବ ସହଯୋଗରେ ଛାତ୍ର ଛାତ୍ରୀ ମାନଙ୍କର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । କଟକର ବିଶେଷଜ୍ଞ ଚିକିତ୍ସକ ମାନେ ଶିବିରରେ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଆବଶ୍ୟକୀୟ ଚିକିତ୍ସା ନିମନ୍ତେ




ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କାନ, ନାକ, ଦାନ୍ତ ଓ ଚକ୍ଷୁ ପରୀକ୍ଷା କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ଚୌଧୁରୀ ପ୍ରଜ୍ଞା ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା । ରୋଟାରୀ କ୍ଲବର ସହଯୋଗ ପାଇଁ ସଭାପତି ଏବଂ କ୍ଲବର୍ ସଦସ୍ୟଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ର କୃତଜ୍ଞତା ଜଣାଇଥିଲେ । ସ୍କୁଲର ଏଭଳି ପ୍ରୟାସକୁ ଅଭିଭାବକ ମହଲରୁ ପ୍ରଶଂସା କରାଯାଇଛି ।

## ସେଣ୍ଟ୍ରାଲ୍ ବ୍ୟାଙ୍କ ପ୍ରତିଷ୍ଠାତାଙ୍କ ୧୪୪ତମ ଜନ୍ମ ଦିବସ

ଭୁବନେଶ୍ୱର, (ସବ୍ୟୁ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସଂସ୍ଥାପକ ସାର୍ ସୋରାବ୍‌ଜୀ ପୋଚ୍‌ଖାନାୱାଲାଙ୍କ ୧୪୪ତମ ଜନ୍ମ ଦିବସ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ । ଦେଶର ପ୍ରଥମ ସ୍ୱଦେଶୀ ବ୍ୟାଙ୍କ ପ୍ରତିଷ୍ଠାରେ ତାଙ୍କର ଅନନ୍ୟ ଅବଦାନକୁ ସ୍ମରଣ କରି ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ମୂଲ୍ୟବୋଧ ଏବଂ ଦୃଷ୍ଟିକୋଣ ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ପୁନର୍ଜୀବୀତ କରିବା ଉଦ୍ଦେଶ୍ୟରେ ପୋଚ୍‌ଖାନାୱାଲାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବ୍ୟାଙ୍କ ଗ୍ରାମୀଣ ଏବଂ ଅର୍ଦ୍ଧ ସହରାଞ୍ଚଳରେ ବ୍ୟାଙ୍କିଙ୍ଗ୍ ଆବଶ୍ୟକତାକୁ ପୂରଣ କରିବାରେ ଉଚ୍ଚ ସ୍ଥାନରେ ରହିଛି । ଆର୍ଥିକ ବଜାରରେ ଉପଲବ୍ଧ ଅନେକ ବ୍ୟାଙ୍କିଙ୍ଗ୍ ଉତ୍ପାଦରେ ବ୍ୟାଙ୍କ ଅଗ୍ରଣୀ ରହିଛି । ଜୁନ୍ ୨୦୨୫ ଆର୍ଥିକ ବର୍ଷ ସୁଦ୍ଧା ବ୍ୟାଙ୍କ ୩୩ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ରେକର୍ଡ ସୃଷ୍ଟି କରିଛି ।

# ନାରୀଙ୍କ ପାଇଁ ଅସୁରକ୍ଷିତ ହେଉଛି ଓଡ଼ିଶା : ଡିଜି ଅଫିସ୍ ସମ୍ମୁଖରେ କଂଗ୍ରେସର ଶାନ୍ତିପୂର୍ଣ୍ଣ ଧାରଣା

କଟକ (ସବ୍ୟୁ) ଦିନକୁ ଦିନ ଓଡ଼ିଶା ଅସୁରକ୍ଷିତ ହେବାରେ ଲାଗିଛି । ମହିଳା ଓ ଛାତ୍ରୀ ମାନଙ୍କ ପାଇଁ ବାହାରକୁ ଯିବା ବି କଷ୍ଟକର ହୋଇପଡ଼ିଲାଣି । ପ୍ରତିଦିନ ନାରୀ ନିର୍ଯାତନାର ଖବର ଆସୁଛି । କିନ୍ତୁ ସରକାର ଓ ପୋଲିସର କାର୍ଯ୍ୟାନୁଷ୍ଠାନ ଶୁନ । ମହିଳା ମାନଙ୍କୁ ସୁରକ୍ଷା ଏବଂ ବଳଙ୍ଗା ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ସରକାର ଓ ପୋଲିସ ପ୍ରଶାସନକୁ ଚେତାଇ ଦେବା ନିମନ୍ତେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଟକ ପୋଲିସ ଡ଼ିଜି କାର୍ଯ୍ୟାଳୟ ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ଧାରଣା କରାଯାଇଥିଲା । ମାତା ମଠ ଛକ ଠାରୁ ଶୋଭାଯାତ୍ରା ଆରମ୍ଭ କରି ଡ଼ିଜି ଅଫିସ ପହଞ୍ଚିବା ସହ ଡ଼ିଜି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

ଏହି ଧାରଣାରେ ପିସିସି ସଭାପତି ଭକ୍ତ ଚରଣ ଦାସ ନିଜ ଅଭିଭାଷଣରେ କହିଥିଲେ, ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ବଦଳରେ ଘଟଣାକୁ ଚପାଇ ଦେବାକୁ ପ୍ରୟାସ କରୁଛନ୍ତି ସରକାର । ଯଦି ମହିଳା ଓ ଛାତ୍ରୀଙ୍କ ପ୍ରତି ଟିକେ ବି ସମ୍ବେଦନଶୀଳତା ଅଛି, ତେବେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ଉଦାହରଣ ସୃଷ୍ଟି କରନ୍ତୁ ସରକାର । ରାଜ୍ୟରେ ମହିଳାଙ୍କୁ ସୁରକ୍ଷା, ସମ୍ମାନ ଓ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବ କଂଗ୍ରେସ । ବାଲେଶ୍ୱର ଛାତ୍ରୀ ଆତ୍ମାହୁତିକୁ ନେଇ ରାଜ୍ୟ ବନ୍ଦ ପାଳନ, ବିଧାନସଭା, ମୁଖ୍ୟମନ୍ତ୍ରୀ ନିବାସ ଘେରାଉ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରି ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଛୁ । ରାଜ୍ୟରେ କଂଗ୍ରେସ ନାରୀଙ୍କ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇଛି । ଆଗାମୀ ଦିନରେ ପ୍ରଚଣ୍ଡ କିନ୍ତୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହେବ ।ପୋଲିସ ଥକିଯିବ, କଂଗ୍ରେସ ଥକିବ ନାହିଁ । ପ୍ରତ୍ୟେକ ଥାନା ସାମ୍ନାରେ ଧାରଣା ଦେବ କଂଗ୍ରେସ ବୋଲି ସଭାପତି ଶ୍ରୀ ଦାସ ଘୋଷଣା କରିଥିଲେ ।



ଏହି ଶାନ୍ତିପୂର୍ଣ୍ଣ ଧାରଣାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ସୁରେଶ କୁମାର ରାଉତରାୟ, ଦେବାଶିଷ ପଟ୍ଟନାୟକ, ଜଗନ୍ନାଥ ପଟ୍ଟନାୟକ, ରବି ମଲ୍ଲିକ, ପୂର୍ବତନ ସାଂସଦ ଅନନ୍ତ ଚରଣ ସେଠୀ, ରାମଚନ୍ଦ୍ର ଖୁଣ୍ଟିଆ, ବିଧାୟିକା ସୋଫିଆ ଫିର୍ଦୋଷ, ବିଧାୟକ ଅଶୋକ ଦାଶ, ଓଡିଶା ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଉପସଭାପତି ସସ୍ମିତା ବେହେରା, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ମାନସ ଚୌଧୁରୀ, ସୁରେଶ ମହାପାତ୍ର, କଟକ ଜିଲ୍ଲା ସଂଯୋଜକ ପ୍ରଦୀପ୍ତ କୁମାର ଦାସ, ଭୁବନେଶ୍ୱର ସଂଯୋଜକ ବିଶ୍ୱଜିତ ଦାଶ, ସେବାଦଳ ଅଧକ୍ଷ ଶୁଭେନ୍ଦୁ ମହାନ୍ତି, ମିଡ଼ିଆ ସେଲ ଅଧକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ପୋଲିସର ନିଷ୍କ୍ରିୟତା ପାଇଁ ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନାର ଦୃଢ ନିନ୍ଦା କରିବା ସହ ପୋଲିସକୁ ତାର କର୍ତ୍ତବ୍ୟ ଅନୁଯାୟୀ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଏକ ୧୧ ଜଣିଆ ମହିଳା ପ୍ରତିନିଧି ମଣ୍ଡଳୀ ପୁଲିସ ଡିଜିଙ୍କ ଅନୁପସ୍ଥିତିରେ ଅତିରିକ୍ତ ପୁଲିସ ଡିଜିଙ୍କୁ ସ୍ମାରକ ପତ୍ର ପ୍ରଦାନ କରି ନାରୀ ନିର୍ଯାତନା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

# ପୁରୀ ବାର ଆସୋସିଏସନ୍ ପକ୍ଷରୁ ଓକିଲଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଓ ସୁରକ୍ଷା ଆଇନ୍ ଦାବି

ପୁରୀ (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଓକିଲ ସଂଘର ସଭାପତି ସୁଶିଲ ଗଡ଼ନାୟକଙ୍କୁ ଦୁର୍ବୃତ୍ତ ମାନେ କରିଥିବା ମରଣାନ୍ତକ ଆକ୍ରମଣକୁ ପୁରୀ ଓକିଲ ସଂଘ ପକ୍ଷରୁ ନିନ୍ଦା କରା ଯାଇଛି । ସୁଶିଲ ଙ୍କୁ ଆକ୍ରମଣ କରି ଥିବା ଦୃର୍ବୃତ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା ସହ ସରକାର ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ବାର ଆସୋସିଏସନ୍ ପକ୍ଷରୁ ଦାବୀ ହୋଇଛି । ଶ୍ରୀ ଗଡ଼ନାୟକଙ୍କ ପେଟରେ ପିଠିରେ ଛୁରା ଭୁଷି ତାଙ୍କୁ ମାରି ଦେବା ପାଇଁ ଯୋଜନା ପୂର୍ବକ ଆକ୍ରମଣ କରା ଯାଇଛି । ଆହତ ସୁଶିଲଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଆଜି ପୁରୀ ଓକିଲ ସଂଘ ପକ୍ଷରୁ ଏକ ସଧାରଣ ସଭା ବୈଠକ ଅନୁଷ୍ଠିତ ହୋଇ ଥିଲା । ସଭାପତି ପ୍ରେମାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ବୈଠକ ବସି ଥିଲା । ସଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ କହିଛନ୍ତି ଯେ ଜଣେ ଆଇନଜୀବୀ ଓକିଲାତି ପେଶା କରିବା ବେଳେ ପ୍ରତିପକ୍ଷଙ୍କ ରୋଷର ଶୀକାର ହୁଏ, କିନ୍ତୁ ସାମାଜିକ ସ୍ତରରେ ତାର ସୁରକ୍ଷା ପାଇଁ ଆଇନ ନାହିଁ । ବିଚାର ବିଭାଗ ରେ ଓକିଲଙ୍କ ଅବଦାନ ଯଥେଷ୍ଟ ବେଶୀ ଏବଂ ବ୍ୟବସ୍ତାର ଏକ ପାର୍ଶ୍ୱ । ସେମାନଙ୍କ ଅନୁପସ୍ଥିତରେ ବିଚାର ପ୍ରକ୍ରିୟା ସ୍ୱଂୟ ସମ୍ପୂର୍ଣ ନୁହେଁ ସମସ୍ତ ବର୍ଗର ଲୋକେ ସ୍ୱାସ୍ଥ୍ୟ ବୀମା ପାଉଥିଲା ବେଳେ ଓକିଲ ଙ୍କପାଇଁ ସ୍ୱାସ୍ଥ୍ୟ ବୀମା ନାହିଁ । ଆଜି ଗଡ଼ନାୟକଙ୍କ କ୍ଷେତ୍ରରେ ଖାଲି ନୁହେଁ ଓଡ଼ିଶା ତଥା ଭାରତ ବର୍ଷର ଓକିଲ ମାନଂକ ପାଇଁ ଓକିଲ ସୁରକ୍ଷା ଆଇନ୍ ଓ ସ୍ୱାସ୍ଥ୍ୟ ବୀମା ଯୋଜନା ଆବଶ୍ୟକ ବୋଲି ମତ ଦେଇଥିଲେ ।

# ଓଡ଼ିଶା ଗୋଷ୍ଠୀ ସଂଯୋଗକୁ ନିବିଡ଼ କଲା ବେଦାନ୍ତ ଆଇରନ୍ ଓର୍

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଲୁହା ଆଇରନ୍ ଓର୍ (ଆଇଓଓ) 'କର୍ମଚାରୀ ସ୍ୱେଚ୍ଛାସେବକ ସପ୍ତାହ' (ଇଭିଡବ୍ଲୁ) ର ସଦ୍ୟତମ ସଂସ୍କରଣ ଆୟୋଜନ କରିଥିଲା । ଏହି ପଦକ୍ଷେପ ଓଡ଼ିଶାର ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲ୍ଲାର



ନଦୀଧି, ରେଙ୍ଗାଲବେଡା, କୋଇଡା, ଗୁଆଲି ଏବଂ ଯୋଡାରେ ସମ୍ପ୍ରଦାୟ ସଦସ୍ୟଙ୍କ ସହିତ ସଂଯୋଗ ସ୍ଥାପନ କରିବାରେ ସାହାଯ୍ୟ କରିଥିଲା । ଯୁବ ସଶକ୍ତିକରଣ, ସ୍ୱଚ୍ଛତା ଏବଂ ପରିବେଶ ସଚେତନତା ଉପରେ କେନ୍ଦ୍ରିତ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରି, ବେଦାନ୍ତ ନିୟମିତ ଭାବରେ ଆୟୋଜନ କରିଥାଏ । ଏହି ଅବସରରେ ବେଦାନ୍ତ ଆଇଓଓର ମୁଖ୍ୟ ପରିଚାଳନା ଅଧିକାରୀ ବିଶ୍ୱନାଥ ସାହୁ କହିଲେ,ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ପ୍ରକୃତ ପ୍ରଗତି କେବଳ ଆର୍ଥିକ ଦୃଷ୍ଟିରୁ ନୁହେଁ, ବରଂ ଆମେ ସେବା କରୁଥିବା ସମ୍ପ୍ରଦାୟ ସହିତ ଆମର ସମ୍ପର୍କର ଶକ୍ତିରେ ମାପ କରାଯାଏ । କର୍ମଚାରୀ ସ୍ୱେଚ୍ଛାସେବକ ପଦକ୍ଷେପ ଆମର ମୂଲ୍ୟବୋଧର ଏକ ପ୍ରକାଶନ ବିଶେଷକରି ଯତ୍ନ ଏବଂ ମୁଁ ଏକ ପ୍ରକୃତ ପରିବର୍ତନ ଆଣିବା ପାଇଁ ଆମ ଦଳର ଉତ୍ସର୍ଗ ଉପରେ ଗର୍ବିତ ।

ବେଦାନ୍ତ ଆଇଓଓ କର୍ମଚାରୀମାନେ ବୃଦ୍ଧାଶ୍ରମର ବାସିନ୍ଦାମାନଙ୍କ ସହିତ ଅର୍ଥପୂର୍ଣ୍ଣ ସମୟ ବିତାଇଥିଲେ ଏବଂ ସୁବିଧାର ଭିତିଭୂମିକୁ ବୃଦ୍ଧି କରିବା ପାଇଁ ଆର୍ଥିକ ଅବଦାନ ଦେଇଥିଲେ । ବେଦାନ୍ତ ଆଇଓଓରେ ମୋବାଇଲ୍ ହେଲ୍‌ଥ ୟୁନିଟ୍ ଏବଂ ବୃତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ଦଳମାନଙ୍କ ସହାୟତାରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଯେଉଁଥିରେ ଡାକ୍ତରୀ ପରାମର୍ଶ ଏବଂ ଯାଂଚ୍ କରାଯାଇଥିଲା । କର୍ମଚାରୀମାନେ ଦାନ କରାଯାଇଥିବା ଗ୍ୟାଜେଟ୍‌ଗୁଡ଼ିକୁ ଆତ୍ମବିଶ୍ୱାସର ସହିତ ବ୍ୟବହାର କରିବାରେ ବାସିନ୍ଦାମାନଙ୍କୁ ସାହାଯ୍ୟ କରିବା ପାଇଁ ତାଲିମ ଅଧିବେଶନ ଆୟୋଜନ କରିଥିଲେ । ବେଦାନ୍ତ ଆଇଓଓ କର୍ମଚାରୀମାନେ କ୍ୟାରିଅର ମାର୍ଗଦର୍ଶନ ଅଧିବେଶନ, ଝିଅମାନଙ୍କ ପାଇଁ ଆତ୍ମରକ୍ଷା କର୍ମଶାଳା ଏବଂ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଥିଲେ । ଇକୋ-କ୍ଲବ ଗଠନ ଛାତ୍ରମାନଙ୍କ ମ୍ନରେ ପରିବେଶଗତ ଚେତନା ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା । ବେଦାନ୍ତ ଆଇଓଓ ସାମଗ୍ରିକ ପ୍ରଗତିକୁ ଆଗେଇ ନେବା ପାଇଁ ସମ୍ପ୍ରଦାୟଗୁଡ଼ିକ ସହିତ ସହଭାଗୀତା କରିବାର ପ୍ରତିବଦ୍ଧତାରେ ଅଟଳ ରହିଛି । ନିରନ୍ତର କର୍ମଚାରୀ ନିୟୋଜିତତା ଏବଂ ଅର୍ଥପୂର୍ଣ୍ଣ ପଦକ୍ଷେପ ମାଧ୍ୟମରେ, କମ୍ପାନୀ ଯେଉଁ ଅଂଚଳରେ କାର୍ଯ୍ୟ କରୁଛି ସେଠାରେ ଏକ ସକାରାତ୍ମକ, ସ୍ଥାୟୀ ପ୍ରଭାବ ସୃଷ୍ଟି କରିଚାଲିଛି ।

## ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଦୁଷ୍କର୍ମ ଅଭିଯୋଗରେ ପାହାଳ ଥାନା ପୋଲିସ ବିକାଶ ନାୟକ (୨୭)କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି । ତା' ଘର ନହରକଣ୍ଟା କାଣ୍ଡି ସାହିରେ ବୋଲି ପୋଲିସ କହିଛି ।

ପୀଡିତାଙ୍କ ମାମୁଁ ଘର ନହରକଣ୍ଟାରେ । ସେ ଛୋଟବେଳଠାରୁ ମାମୁଁ ଘରେ ରୁହନ୍ତି । ଅଭିଯୁକ୍ତ ବିକାଶ ତାଙ୍କ ମାମୁଁ ଘର ପଡୋଶୀ । ବିକାଶ କିଛିଦିନ ତାଙ୍କୁ ଏକତରଫା ଭଲ ପାଉଥିଲେ । ପରେ ଅଭିଯୋଗକାରିଣୀଙ୍କୁ ପ୍ରଭାବିତ କରି ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା । ଚଳିତବର୍ଷ ଜୁନ୍ ୧୬ ତାରିଖ ଦିନ ଅଭିଯୁକ୍ତ ପୀଡିତାଙ୍କୁ ବାଇକ୍‌ରେ ବସାଇ ଭୁବନେଶ୍ୱରର ଏକ ଗେଷ୍ଟହାଉସ୍‌କୁ ଆଣି ଦୁଷ୍କର୍ମ କରିଥିଲା । ଦୁଷ୍କର୍ମ ବେଳର ଭିଡିଓ ପୀଡିତାଙ୍କ ଅଜାଣତରେ ସଂଗ୍ରହ କରିଥିଲା ।

ଏହି ଘଟଣା ପରଠାରୁ ପୀଡିତାଙ୍କୁ ଦୁଷ୍କର୍ମ କରିବା ପାଇଁ ବାରମ୍ବାର ଡାକିଥିଲା । ସେ ଅଭିଯୁକ୍ତ ବିକାଶର କଥା ନଶୁଣିବାରୁ ଫଟୋ ଓ ଭିଡିଓ ଭାଇରାଲ କରାଇ ଦେବାକୁ ଧମକ ଦେଇ ଦୁଇଟି ସର୍ଟ ପୀଡିତାଙ୍କ ମୋବାଇଲକୁ ପଠାଇଥିଲା । ଉପାୟଶୂନ୍ୟ ହୋଇ ପୀଡିତା ପାହାଳ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଆଧାରରେ ପୋଲିସ ବିକାଶ ନାୟକକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ମଧୁର ସ୍ମୃତି ନେଇ ଫେରିଲେ କ୍ୟୁନି ଇଣ୍ଡିଆ ଟ୍ରେକ୍ ପ୍ରତିନିଧିମଣ୍ଡଳ

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ଆମେରିକାର ସିଟି ୟୁନିଭରସିଟି ଅଫ୍ ନିଉୟର୍କ (କ୍ୟୁନି) ବିଶ୍ୱବିଦ୍ୟାଳୟର ୨୬ ଜଣିଆ ଛାତ୍ର-ଅଧ୍ୟାପକ ପ୍ରତିନିଧିମଣ୍ଡଳ ଅଗଷ୍ଟ ୪ତାରିଖରୁ ୭ ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସି ଫେରିଯାଇଛନ୍ତି । ଏହି ପ୍ରତିନିଧି ଦଳରେ କ୍ୟୁନି ବିଶ୍ୱବିଦ୍ୟାଳୟର ୨୦ ଜଣ ଛାତ୍ରଛାତ୍ରୀ ଓ ୬ଜଣ ଅଧ୍ୟାପକ ଅଧ୍ୟାପିକା ସାମିଲ୍ ଥିଲେ । 'ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ ଅଫ୍ କ୍ୟୁନି (ଏଏସ୍‌ଆଇଆଇସି)' ମାଧ୍ୟମରେ ଏହି ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ । ସେମାନେ କିଟ୍ ଓ କିସରେ ସପ୍ତାହ ବ୍ୟାପୀ ରହିବା ସହ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍କୁଲ୍ ବୁଲି ଦେଖିବା ସହ ଏଠାରେ ଚାଲିଥିବା ବିଭିନ୍ନ ପାଠ୍ୟକ୍ରମ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଏଠାକାର ଛାତ୍ର ଓ ଅଧ୍ୟାପକଙ୍କ ଭାବ ବିନିମୟ କରିଥିଲେ । ସେହିପରି ସେମାନେ କିସ୍ ପରିଦର୍ଶନରେ ଯାଇ କିସ୍‌ର ବିଭିନ୍ନ ବିଭାଗ ବୁଲିବା ସହ ଶିକ୍ଷା ମାଧ୍ୟମରେ ଜନଜାତି ପିଲାମାନଙ୍କ ଜୀବନରେ କିପରି ପରିବର୍ତ୍ତନ ଅଣାଯାଇପାରୁଛି ତାହା ପ୍ରତ୍ୟକ୍ଷ କରିଥିଲେ । ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି



ସେମାନଙ୍କ ଅନୁଭୂତି ବଖାଣି ଥିଲେ । ଶ୍ରୀ ସାମନ୍ତ କିଟ୍ ଓ କିସ୍ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଛାତ୍ରଛାତ୍ରୀଙ୍କୁ ଶ୍ରୀ ସାମନ୍ତ ପରାମର୍ଶ ଦେଇ କହିଲେ, ଜୀବନରେ ଯେଉଁଠି ଯେଉଁ କ୍ଷେତ୍ରରେ ଥାଅ ନିଜକୁ ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କର । କିଟ୍ ଓ କିସରେ ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ସେମାନେ କହିଥିଲେ, ଏଠାରେ ଶୈକ୍ଷିକ କାର୍ଯ୍ୟକ୍ରମ ଚାଲିବା ସହ ଛାତ୍ରଛାତ୍ରୀଙ୍କ ଜୀବନରେ ପରିବର୍ତ୍ତନ ଅଣାଯିବା ଏକ ଅନନ୍ୟ ଅନୁଭୂତି । ଫେରିବା ସମୟରେ ଓଡ଼ିଶାରୁ ବିଶେଷ କରି କିଟ୍ ଓ କିସ୍‌ରୁ ମଧୁର ଅନୁଭୂତି ନେଇ ଫେରିଥିବା ସେମାନେ ପ୍ରକାଶ କରିଥିଲେ ।

# ମାଉଜର, ଗୁଳି ଜବତ : ୨ ଗିରଫ



ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ତାରସିଂ ପୋଲିସ ଗୁରୁବାର ରାତିରେ ଯୋଗଡ ସଂଲଗ୍ନ ଜଙ୍ଗଲ ରାସ୍ତାରୁ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ପୋଲିସ ଗୋଟିଏ ମାଉଜର, ୨ ଟି ଜୀବନ୍ତ ଗୁଳି, ଗୋଟିଏ ବାଇକ, ଦୁଇଟି ମୋବାଇଲ ଫୋନ ଜବତ କରିଛି। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଦୁଇଜଣ ହେଲେ ବୁଡ଼ାପଦରର ଗ୍ରାମର ଅରୁ ବିଶୋୟୀ ଓ ଏଫପଲ୍ଲୀ ଅଞ୍ଚଳ ପୋଲଡରିର ବିଲ୍ଲି ଭୂଷଣ ରଥ। ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଭଞ୍ଜନଗରର ଏସଡିପିଓ ଦୀପକ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଘଟଣା ପ୍ରକାଶ ଯେ ବିଗତ କିଛି ମାସ ହେବ ଜିଲ୍ଲାରେ ଅପରାଧ ହାର ବଢ଼ିଯାଇଥିଲା। ସେଥିମଧ୍ୟରୁ କିଛି ଗୁରୁତ୍ୱପୂର୍ଣ୍ଣ ଅପରାଧ ମଧ୍ୟ ଘଟିଥିଲା। ଯାହାକୁ ନେଇ ପୋଲିସ ଚିନ୍ତା ବଢ଼ିଯାଇଥିଲା। ଜିଲ୍ଲାରେ ଅପରାଧ ଦମନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା। ଆଇଆଇସି ଶୁଭଲକ୍ଷ୍ମୀ ପୂଜାରୀ ଦଳପଲ୍ଲୀ ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଉକ୍ତ ଦୁଇ ଯୁବକଙ୍କୁ ସନ୍ଦେହରେ ପୋଲିସ ଧରିବା ପରେ ସେମାନେ ଅପରାଧୀ ବୋଲି ଜଣାପଡ଼ିଥିଲେ। ସେମାନେ କିଛି ଅଘଟଣ ଘଟାଇବା ପାଇଁ ଯୋଜନା ଚଳାଉଥିବା ବେଳେ ତାରସିଂ ପୁଲିସ ଗିରଫ କରିଥିବାରୁ ସଫଳ ହୋଇଥିଲେ। ଏହି ଚଢ଼ାଉରେ ଗାଲେରୀ ଫାଣ୍ଡି ଅଧିକାରୀ ସମୀର ବେହେରା ସମେତ ପୁଲିସ କର୍ମଚାରୀ ଭାଗ ନେଇଥିଲେ।

## ସର୍ଟ ସର୍କିଟରୁ ଜଳିଗଲା ଇଲେକ୍ଟ୍ରି ସ୍କୁଟି ବୋଝେଇ ଟ୍ରକ୍ : ୩୨ ନଷ୍ଟ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ଡାକଘର ରାଜପଥ ନିକଟରେ ଆଜି ସର୍ଟ ସର୍କିଟରୁ ନିଆଁ ଲାଗି ଟ୍ରକରେ ବୋଝେଇ ଥିବା ୩୨ଟି ବିଦ୍ୟୁତ ସ୍କୁଟି ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି। ବିଜ୍ଞାପୁ ଆନ୍ଧ୍ରପ୍ରଦେଶର ଭମପେଖାରୁ ଟ୍ରେଲେ ଏକ ଟ୍ରକ ୟୁପି ୧୧ ଇଟି ୦୪୮୭ ଯୋଗେ ୩୨ ଟି ଇଲେକ୍ଟ୍ରି ସ୍କୁଟି ଧରି ଆସୁଥିବା ବେଳେ ଗାଡି ଚାଳକ ଅଖିଲେଶ କୁମାର ତିୱାରୀ ଛତ୍ରପୁର ଡାକୀୟ ରାଜପଥ ଡାକ ଢାବା ନିକଟରେ ରହିଥିଲେ। ସେଠାରେ ଥିବା ଏକ ବ୍ୟାରେଲକୁ ଲୈଇତିଂ ଦେବାକୁ କହିଥିଲେ। କିନ୍ତୁ ବ୍ୟାରେଲର ପିଲା ମନାକରିଥିଲେ। ପରେ ଗାଡି ଚାଳକ ସେଠାରେ ଥିବା ଦୋକାନରେ ଜଳଖିଆ ଖାଇ ଫେରିବାରେ ଶୋଚ ପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଦୋକାନି ସିଲୁ ମହାରଣା ଗାଡିରୁ ଧୂଆଁ ବାହାରୁଥିବା ଦେଖି ଗାଡି ଚାଳକଙ୍କୁ ଡାକି ଥିଲେ। ଗାଡି ଚାଳକ ତୁରନ୍ତ ଢାବା ନିକଟରେ ଥିବା ଗାଡି ସର୍ଭିସ ସେଣ୍ଟରକୁ ନେଇ ଗାଡିରେ ପାଣି ପକାଇଥିଲେ ବି ନିଆଁ ଲୋଭରେ ବ୍ୟାପି ଯାଇଥିଲା। ତୁରନ୍ତ ଛତ୍ରପୁର ଦମକଳ କେନ୍ଦ୍ରକୁ ଖବର ଦିଆଯିବା ପରେ ଘଟଣା ସ୍ଥଳରେ ପହଁଚି ନିଆଁ ଲିଭେଇବାକୁ ଚେଷ୍ଟା କରିଥିଲେ ବି ନିଆଁ ଆୟତ ହୋଇପାରି ନଥିଲା। ପୁଣି ଆଉ ଗୋଟେ ଦମକଳ ଗାଡି ପହଂଚି ସ୍ଥାନୀୟ ଲୋକ ଓ ଦମକଳ କର୍ମଚାରୀ ଦୀର୍ଘ ଏକ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ କରିଥିଲେ। ନିଆଁ ଲିଭା ବେଳକୁ ଗାଡିରେ ଥିବା ୩୨ଟି ଯାକ ବିଦ୍ୟୁତ ସ୍କୁଟି ପୋଡି ନଷ୍ଟ ହୋଇଯାଇଛି। ଖବର ପାଇ ଏନଏଚଆଇ ପେଟ୍ରୋଲିଙ୍ଗ ଟିମ ଓ ଛତ୍ରପୁର ପୁଲିସ ପହଞ୍ଚିଥିଲେ।

## ଆଦିବାସୀଙ୍କ ବିଭିନ୍ନ ଦାବି ନେଇ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସର ଗର୍ଜନ



ବାରିପଦା, (ସବ୍ୟୁ): ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମୟରେ ଅନୁସୂଚିତ ଜାତି ଓ ଜନଜାତି ଲୋକମାନଙ୍କୁ ଦେଶର ମୁଖ୍ୟ ଧାରାରେ ସାମିଲ କରିବା ପାଇଁ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ୨୦୦୬ ଓ ନିୟମ ୨୦୦୭ ଓ ସଂଶୋଧନ ୨୦୧୨ ରେ ସୁଧାର ପରିବର୍ତ୍ତନ କରି, ସେମାନଙ୍କ ନିମନ୍ତେ ଜଙ୍ଗଲ ଜମିର ସ୍ୱ-ବନ୍ଦୋବସ୍ତ କରାଯାଇଥିଲା। କ୍ଷମାତ୍ର ଦୁର୍ଭାଗ୍ୟର ବିଷୟ, ଇତି ମଧ୍ୟରେ ୨୧ବର୍ଷ ବିତିଯାଇଥିଲେ ମଧ୍ୟ, ଆଦିବାସୀ ମାନଙ୍କୁ ସେମାନଙ୍କ ଅଧିକାରକୁ ବର୍ତ୍ତମାନର ସରକାର ପ୍ରଦାନ କରିବାରେ ଟାଳଟୁଲ ନୀତି ଅବଲମ୍ବନ କରୁଛନ୍ତି। ଏହାର ପ୍ରତିବାଦରେ ଆଜି ରାଜ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ, ମୟୂରଭଞ୍ଜ ଜିଲ୍ଲାର ସଦର ମହାକୁମା ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଂଯୋଜକ (ପୂର୍ବ) ଅରବିନ୍ଦ ଦାସଙ୍କ ନେତୃତ୍ୱରେ କର୍ମୀମାନେ, ଦୀର୍ଘ ସମୟ ଧରି ଧାରଣା ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସାତ ଦଫା ସମ୍ବଳିତ ଦାବି ପତ୍ର ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସେଙ୍କୁ ପ୍ରଦାନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ର ପୂର୍ବତନ ସଭାପତି ହେମନ୍ତ ଦାସ, ବିଜନ ଦାସ, ଯୋଗେଶ ଅଗ୍ରୱାଲ, ଜ୍ୟୋତିପ୍ରକାଶ ରଥ, ପ୍ରତାପ ମିଶ୍ର, ସୁସ୍ମିତା ଘୋଷାଲ, ମୋତିପ୍ରକାଶ ଦାସ, ଶିବାନନ୍ଦ ଦାସ, ନିକେତନ ବେହେରା, ଚୈତନ ହାଁସଦାଃ, ଗୌରୀ ନାୟକ, ମାଧବୀ ସେନାପତି, ଦେବେନ୍ଦ୍ର ସିଂ, ରାମରତନ ମହାନ୍ତ, ରବି ଗୁପ୍ତ, ବାଦଲ ହେମ୍ବ୍ରମ, ତାର ବେହେରା, ବିଷ୍ଣୁ ସିଂ, ସୁକାନ୍ତ ସିଂ, ଚୈତନ ମାଝୀ, ଦୀପକ ଦାସ ଓ ସୁଦିପ ମହନ୍ତ ପ୍ରମୁଖ ଆଜିର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ୱାରେଣ୍ଟ ବଳରେ ୩ ଫେରାର ଆସାମୀ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ପୋଲିସ ଆଜି ୱାରେଣ୍ଟ ବଳରେ ୩ ଫେରାର ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ମଡାଝରି ଗ୍ରାମର ଜଳନ୍ଧର ପ୍ରଧାନ, ଜଗଦପାଶଣା ଗ୍ରାମର ବସନ୍ତ ବେହେରା ଓ ବୁଗୁଡ଼ାର ବିପ୍ର ନାଇକ। ତୋରା ମଦ କାରବାରରେ ଲିପ୍ତ ଥିବା ଜଳନ୍ଧରଙ୍କ ବିରୁଦ୍ଧରେ ଜିଆର୍ କେସ୍ ନଂ ୩୮/୨୦୨୦ରେ ଏକ ମାମଲା ଥିବାବେଳେ ଗାଡି ଦୁର୍ଘଟଣାରେ ଜଡିତ ବସନ୍ତ ବେହେରାଙ୍କ ବିରୁଦ୍ଧରେ ଜିଆର୍ କେସ୍ ନଂ ୧୧୯/୨୦୦୮ ଓ ଲୁଟାଖେଳରେ ସମ୍ପୃକ୍ତ ଥିବା ବିପ୍ର ନାଇକଙ୍କ ବିରୁଦ୍ଧରେ ଜିଆର୍ କେସ୍ ନଂ ୭୩/୨୦୨୦ରେ ମାମଲା ରୁଜୁ ଥିଲା। ତେବେ ଦୀର୍ଘ ବର୍ଷ ଧରି ଫେରାର ଥିବା ଉପରୋକ୍ତ ୩ ଆସାମୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି।

## ଗଜପତିରେ ପୁଣି ଗୁଣି ସନ୍ଦେହରେ ଯୁବକଙ୍କୁ ହତ୍ୟା ଘଟଣା

# ଜଙ୍ଗଲ ମାଟିତଳୁ ମୃତଦେହ ଉଦ୍ଧାର, ୯ ଗିରଫ

ପାରଳାଖେମୁଣ୍ଡି, (ସବ୍ୟୁ): ଗୁଣି ସନ୍ଦେହରେ ଗଜପତି ଜିଲ୍ଲା ମୋହନା ଥାନା କମଳପୁର ଗାଁର କରୁଣାକର ଦଳାଇ(୩୦)ଙ୍କୁ ହତ୍ୟାକରି ଜଙ୍ଗଲରେ ପୋତିଦେବା ଘଟଣାରେ ପୋଲିସ ଜଙ୍ଗଲରେ ପୋତିଥିବା ମାଟିତଳୁ ମୃତଦେହକୁ ଉଦ୍ଧାର କରିଛନ୍ତି। ଏହି ଘଟଣାରେ ୯ ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ କୁସୁମପୁର ଗାଁର ଚୈତନ୍ୟ ମଳିକ (୨୦), ଦାମୋଦର ମଳିକ (୨୯), କିଶୋର ମଳିକ (୨୭), ସନ୍ତୋଷ ମଳିକ (୩୫), ମୋହନ ମଳିକ(୨୫), ତୁମ୍ୱନାଥ ମଳିକ (୨୪), ବନମାଳୀ ମଳିକ (୩୨), କାଳିଆ ମଳିକ (୪୫) ଓ ଲଛମନ ମଳିକ (୨୪)। ଏହି ଘଟଣାରେ ଆଉ କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ଗୁଣି ସନ୍ଦେହ ଓ ଚେରମୁଳି ଔଷଧ ଦେବାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ମୋହନା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଅନ୍ୟପକ୍ଷରେ ମୃତଦେହ ପୋତା ଯାଇଥିବା ଜଙ୍ଗଲରୁ ମାଜିଷ୍ଟ୍ରେଟ ମୋହନା ତହସିଲଦାର ଚକ୍ରଧର ପାଢ଼ୀ ଓ ସାଇଣ୍ଟିଫିକ ଟିମ ଉପସ୍ଥିତିରେ ମାଟି ଖୋଳି କରୁଣାକରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ଜିରାଙ୍ଗ ପଞ୍ଚାୟତ କମଳପୁର ଗାଁର କରୁଣାକର ଗତ ପ୍ରାୟ ୮ ମାସ ହେବ କୁସୁମପୁର ଗାଁ ରେ ରହି ଆସୁଥିଲେ। ଗାଁଠାରୁ କିଛି ଦୂରରେ ଏକ କୁଡ଼ିଆ କରି ରହିବା ସହ ଚାଷ ବାସ କରୁଥିଲେ। ଏଥିସହ ଲୋକଙ୍କୁ କରୁଣାକର ଚେରମୂଳି ଔଷଧ ଦେଉଥିଲେ। ଗତ କିଛି ଦିନ ତଳେ କୁସୁମପୁର ଗାଁର ନିରଞ୍ଜନ ମଳିକଙ୍କ ୧୨ ବର୍ଷର ନାବାଳକ ପୁଅକୁ କୁକୁର କାମୁଡ଼ିଥିଲା। କୁକୁର କାମୁଡା ଭଲ କରିବା ପାଇଁ ନିରଞ୍ଜନଙ୍କ ପରିବାର ଚେର ମୁଳି ଔଷଧ ଦେବାପାଇଁ ଡାକିଥିଲେ। କରୁଣାକର ନାବାଳକଙ୍କୁ ଚେରମୂଳି ଔଷଧ ଦେଇଥିଲେ। ତେବେ କିଛି ଦିନ ପରେ ନାବାଳକର ମୃତ୍ୟୁ ଘଟିଥିଲା। ଏଥିପାଇଁ ତାଙ୍କ ପରିବାର ଓ ଗାଁ ଲୋକେ କରୁଣାକର ହିଁ ଗୁଣି କରି ନାବାଳକକୁ ମାରିଦେଇଥିବା ସନ୍ଦେହ କରି ହତ୍ୟା କରିଥିଲେ।

## ଅତିରିକ୍ତ ଜିଲ୍ଲାପାଳ ଭାବେ ସୁନୀଲ କେର୍କେଟାଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ସୁନୀଲ କୁମାର କେର୍କେଟା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ସମ୍ବଲପୁର ମହାନଗର ନିଗମର ଅତିରିକ୍ତ କମିସନର ଭାବେ କାର୍ଯ୍ୟରତ ଥିଲେ। ଏହାସହ ସେ ନୂଆପଡା, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ବରଗଡ଼ ଏବଂ ଅନ୍ୟାନ୍ୟ ଜିଲ୍ଲାରେ ବିଭିନ୍ନ ପଦରେ ରହି ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଆସିଛନ୍ତି। ସେ ୨୦୦୦ ବ୍ୟାଚର ଓଏଏସ ଅଧିକାରୀ ଅଟନ୍ତି।

# ଅପ୍ରାକୃତିକ ଯୌନସମ୍ପର୍କ ମାମଲା : ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ସ୍ୱତନ୍ତ୍ର ପୋକସୋ ଜଜ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଏକ ଅପ୍ରାକୃତିକ ଯୌନସମ୍ପର୍କ ମାମଲାର ଶୁଣାଣି କରିଛନ୍ତି। ଉପଯୁକ୍ତ ପ୍ରମାଣ ଆଧାରରେ ସେ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ବୈଦ୍ୟନାଥପୁର ଥାନା ଅଞ୍ଚଳର ନିତ୍ୟାନନ୍ଦ ପାତ୍ର(୫୭)। ଅଭିଯୁକ୍ତଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନଦେୟ ଅତିରିକ୍ତ ୧ ବର୍ଷ ସଶ୍ରମ କାରଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତଙ୍କୁ ୫୦ ହଜାର ଟଙ୍କା ସହାୟତା ଦେବାକୁ କୋର୍ଟ ଆଇନସେବା ପ୍ରାଧିକାରଣକୁ ନିର୍ଦ୍ଦେଶ ହୋଇଛି। ସୂଚନାପ୍ରକାରେ ପୀଡିତ ନାବାଳକ(୧୬)ଙ୍କ ପରିବାର ସହ ଅଭିଯୁକ୍ତ ନିତ୍ୟାନନ୍ଦଙ୍କ ମଧ୍ୟରେ ପରିବାରିକ ସମ୍ପର୍କ ରହିଛି। ଅଭିଯୁକ୍ତ ନିତ୍ୟାନନ୍ଦ ଲାଞ୍ଜିପଲ୍ଲୀ ଉମା ନଗରରେ ରହୁଥିବା ବେଳେ ପୀଡ଼ିତଙ୍କ ପରିବାର ଲୋକେ ଅନ୍ୟ ଏକ ସାହିରେ ରହୁଛନ୍ତି। ହେଲେ ପରିବାର ସହ ଭଲ ସମ୍ପର୍କ ରହିଥିବାରୁ ପ୍ରାୟ ସମୟରେ ନାବାଳକ ଓ ତାଙ୍କ ପରିବାର ଲୋକେ ନିତ୍ୟାନ୍ଦଙ୍କ ଘରକୁ ଯିବାଆସିବା କରୁଥିଲେ। ଏପରିକି ନାବାଳକ ଜଣଙ୍କ ମଧ୍ୟ ଅନେକ ସମୟରେ ଅଭିଯୁକ୍ତ ନିତ୍ୟାନନ୍ଦଙ୍କ ଘରକୁ ଏକୁଟିଆ ଆସୁଥିଲେ। ହେଲେ ଅଭିଯୁକ୍ତ ନିତ୍ୟାନନ୍ଦର ମନ୍ଦ ଉଦ୍ଦେଶ୍ୟ ରହିଥିଲା। ୨୦୨୩ମସିହା ସେପ୍ଟେମ୍ବର ୧୭ ତାରିଖରେ ନିତ୍ୟାନନ୍ଦ ସମ୍ପୃକ୍ତ ନାବାଳକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତାଙ୍କ ସହ ଅପ୍ରାକୃତି ଯୌନ ସମ୍ପର୍କ ରଖିଥିଲେ। ନାବାଳକ ଜଣଙ୍କ ଏହାର ବିରୋଧ କରିବା ପରେ ମଧ୍ୟ ନିତ୍ୟାନନ୍ଦ ନିଜ ମନ୍ଦ କାର୍ଯ୍ୟ ଜାରି ରଖିଥିଲେ। ଏପରିକି ନାବାଳକଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ମଧ୍ୟ ଦେଉଥିଲେ। ଘଟଣା ବିଷୟରେ ପରିବାର ଲୋକଙ୍କୁ ଜଣାଇଲେ ଉଭୟଙ୍କ ଅଶ୍ଲୀଳ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେବେ ବୋଲି ଧମକ ଦେଉଥିଲେ। ଏପରିକି ଜୀବନରେ ମାରି ଦେବାକୁ ମଧ୍ୟ ଧମକ ଦେଇ ଆସୁଥିଲେ। ବାରମ୍ବାର ଶାରୀରିକ ନିର୍ଯାତନାର ଶିକାର ହେବା ପରେ ନାବାଳକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥିଲା। ପରିବାର ଲୋକେ ନାବାଳକଙ୍କୁ ନେଇ ବଡ ଡାକ୍ତରଖାନାରେ ଦେଖାଇଥିଲେ। ଘଟଣା ସମ୍ପର୍କରେ ନାବାଳକ ତାଙ୍କ ମା'ଙ୍କୁ କହିଥିଲେ। ପରିବାର ଲୋକେ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋକୁ ଭିତ୍ତି କରି ପୁଲିସ ନଂ ୯୪/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନିତ୍ୟାନନ୍ଦ ପାତ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ସେ କାରାଗାରରେ ରହି ଆସୁଥିଲା। ମାମଲାର ତଦନ୍ତ କରୁଥିବା ଏସଆଇ ବିଭୂତି ଭୂଷଣ ସେଠୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ ଛବିଚାରଣା ବେଳେ ମୋଟ ୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତଦନ୍ତକାରୀ ଏବଂ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣଥିବା ଦର୍ଶାଇ କୋର୍ଟ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

## କାଳ ହେଲା ଆମ୍ବୁଲାନ୍ସ ଷ୍ଟ୍ରାଇକ୍, ଚାଲିଗଲା ଜୀବନ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନର କରୁଣ ପରିଣତି, କଟକ ରେଫର ହେବା ପରେ ମିଳିଲାନି ଆମ୍ବୁଲାନ୍ସ, ଚାଲିଗଲା ଜୀବନ। ଏହପରି ସଙ୍ଗିନ୍ ଅଭିଯୋଗ ଆଣିଲେ ମୃତକଙ୍କ ସମ୍ପର୍କୀୟ। ମୟୂରଭଞ୍ଜରେ ଆମ୍ବୁଲାନ୍ସ ସେବା ବନ୍ଦ ରହିଥିବା କାରଣରୁ ବାଲେଶ୍ୱରରୁ ଡାକିଥିଲେ ଆମ୍ବୁଲାନ୍ସ, ହେଲେ ଦୁଃଖର ବିଷୟ ବାଲେଶ୍ୱରରୁ ଆମ୍ବୁଲାନ୍ସ ଆସି ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପୂର୍ବରୁ ପ୍ରାଣ ହରାଇସାରିଥିଲେ ଶାମାଖୁଣ୍ଟା ବ୍ଲକ୍ ଶରତଚନ୍ଦ୍ରପୁର ଗ୍ରାମର କାନ୍ଦ୍ରା ସିଂ। ଘଟଣା ମୁତାବକ ଗତକାଲି ବିଳମ୍ବିତ ରାତିରେ କାନ୍ଦ୍ରା ସିଂଙ୍କର ହଠାତ୍ ବିପି ହାଇ ହେବା ଫଳରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଥିଲା। ପରିବାର ଲୋକେ ତାଙ୍କୁ ରାତିରେ ଆଣି ବାରିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସମ୍ପର୍କୀୟଙ୍କ କହିବା ମୁତାବକ ସିଟିସ୍କାନ୍‌ରେ ତାଙ୍କର ବ୍ରେନ୍ ଷ୍ଟ୍ରୋକ୍ ହୋଇଥିବା ଜାଣିବା ପରେ ଆଜି ପୂର୍ବାହ୍ନରେ ଡାକ୍ତର ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ରେଫର କରିଥିଲେ। ଆଜି ଜିଲ୍ଲାରେ ଆମ୍ବୁଲାନ୍ସ କର୍ମଚାରୀଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବା କାରଣରୁ ପରିବାର ଲୋକେ ବାଲେଶ୍ୱରରୁ ସବୁପ୍ରକାରର ସୁବିଧା ରହିଥିବା ଭଳି ଏକ ଆମ୍ବୁଲାନ୍ସ ମଗେଇ ଥିଲେ। ହେଲେ ଆମ୍ବୁଲାନ୍ସଟି ବାଲେଶ୍ୱରରୁ ବାରିପଦା ପହଞ୍ଚିବା ପୂର୍ବରୁ ଆଖି ବୁଜି ଦେଇଥିଲେ କନ୍ଦ୍ରା ସିଂ।

## ଏସ୍ଆଇଆର ବାତିଲ ଦାବିରେ ସିପିଏମର ବିକ୍ଷୋଭ

ବ୍ରହ୍ମପୁର, (ସବ୍ୟୁ): ନିର୍ବାଚନ କମିଶନ ଅସମ୍ବିଧାନିକ ଭାବେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି, ଲୁକ୍କାୟିତ ଭାବେ ତଥାକଥିତ ନାଗରିକ ତାଲିକା ପ୍ରସ୍ତୁତ କରିବା। ଯାହାକି ୫ ବର୍ଷ ପୂର୍ବେ ଦେଶବାସୀ ଆଗ୍ରାହ୍ୟ ଘୋଷଣା କରିଛନ୍ତି। ଏହି ଯୋଜନାରେ ଅଳ୍ପସଂଖ୍ୟକ, ପ୍ରବାସୀ ଶ୍ରମିକ ଓ ବିଜେପି ବିରୋଧୀଙ୍କୁ ତାଲିକାରୁ ବାଦଦେବା ଯୋଜନା କରାଯାଉଛି। ନିର୍ବାଚନ କମିଶନ ଭୋଟରଙ୍କ ପରିଚୟ ପାଇଁ ଆଧାରକାର୍ଡ, ଭୋଟର କାର୍ଡ ଓ ରେସନ କାର୍ଡକୁ ଗ୍ରହଣ କରିବା ପାଇଁ ସୁପ୍ରିମକୋର୍ଟ ଦେଇଥିବା ଉପଦେଶକୁ ମଧ୍ୟ ଗ୍ରହଣ କରିନାହାଁନ୍ତି। ଫଳରେ ବିହାରରେ ୬୫ ଲକ୍ଷ ଭୋଟର ତାଲିକାରୁ ବାଦ ପଡିଛନ୍ତି। ନିର୍ବାଚନ କମିଶନ ପରିଚୟପତ୍ର ପାଇଁ ଯେଉଁ ସର୍ତ୍ତ ରଖିଛନ୍ତି ତାହା ସୁପ୍ରିମକୋର୍ଟ ଜର୍ଜ ମାନଙ୍କ ପାଖରେ ମଧ୍ୟ ନଥିବା ବିଚାରବେଳେ ଜର୍ଜ ମାନେ ପ୍ରକାଶ କରିଥିଲେ। ତେଣୁ ସାଧାରଣ ଲୋକଙ୍କ ପାଇଁ ଯୋଗାଡ଼ କରିବା ସହଜ ନୁହେଁ। ଲକ୍ଷଲକ୍ଷ ନାଗରିକ ଭୋଟ ଦେବା ଅଧିକାରରୁ ବଂଚିତ ହେବେ। ଏହାକୁ ସାରା ଦେଶରେ ଲାଗୁକରିବା ଯୋଜନା କରାଯାଇଛି। ତେଣୁ ଅତିଶୀଘ୍ର ଏସଆଇଆରକୁ ବାତିଲ କରିବା ପାଇଁ ଦାବି କରାଯାଇଛି। ସେହିଭଳି ନିର୍ବାଚନ କମିଶନ ନିରପେକ୍ଷ ଭାବେ କାର୍ଯ୍ୟ କରିବା ପାଇଁ ଦାବି କରାଯାଇଛ। ଆଜି ବ୍ରହ୍ମପୁର ଉପଜିଲ୍ଲାପାଳ ଅଫିସରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଉପଜିଲ୍ଲାପାଳଙ୍କ ଜରିଆରେ ନିର୍ବାଚନ କମିଶନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ବିଦ୍ୟାଧର ଜେନା, ଶିବ ପ୍ରସାଦ ମହାପାତ୍ର, ପ୍ରତାପ ଚୌଧୁରୀ, ବିଷ୍ଣୁପ୍ରିୟା ସାହୁ, ବାପିନି ନାୟକ, ଗୋକୁଳ ତ୍ରିପାଠୀ, ହରିନାହାକ, ପୁରସ୍ତମ ସାହୁ ଓ କାଳି ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ବାପାଙ୍କୁ ମାଡ ମାରି ପୁଅ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଏ. କରଡାବାଡି ଗ୍ରାମରେ ବାପାଙ୍କୁ ମାଡ ମାରିବା ଅଭିଯୋଗରେ ପୁଅ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି। ଗିରଫ ଜଣକ ହେଲେ ବିଜୟ କୁମାର ସ୍ୱାଇଁଙ୍କ ପୁତ୍ର ରବିନ୍ଦ୍ର କୁମାର ସ୍ୱାଇଁ(୩୬) ଓରଫ କବିରାଜ ସ୍ୱାଇଁ। ଏ ନେଇ କେସ୍ ନଂ ୪୫୩/୨୫ ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, କୌଣସି କାମଧନ୍ଦା ନକରି ମଦ ଓ ଗଞ୍ଜେଇ ଭଳି ନିଶାଦ୍ରବ୍ୟ ଖାଇ ଘରେ ପରିବାର ଲୋକଙ୍କୁ ସଦାବେଳେ ଗାଳିଗୁଲଜ କରି ଆସୁଥିବା ପୁଅ କବିରାଜ ଗତ ମାସ ୧୯ ତାରିଖ ଦିନ ତାଙ୍କ ବାପାଙ୍କୁ ତଣ୍ଟି ଚିପି ମାଡ ମାରୁଥିବା ବେଳେ ଭଉଣୀ ଲକ୍ଷ୍ମୀପ୍ରିୟା ପ୍ରଧାନ(୨୮) ପ୍ରତିରୋଧ କରିବାରୁ ତାଙ୍କୁ ମଧ୍ୟ ମାଡ ମାରିଥିଲେ। ଏଥି ସହ ଜମିବାଡି ବିକ୍ରି କରି ଟଙ୍କା ଦେବାକୁ ଦାବି କରିବା ସହ ନହେଲେ ଜୀବନରେ ମାରି ଦେବାକୁ ସେ ଧମକ ଦେଇଥିଲେ। ଏନେଇ ଲକ୍ଷ୍ମୀପ୍ରିୟା ପୋଲିସରେ ଅଭିଯୋଗ କରିବା ପରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଘଟଣାର ତଦନ୍ତ କରି ଅଭିଯୁକ୍ତ କବିରାଜକୁ ଗିରଫ କରିଥିଲେ।

## ଓଡିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଗଞ୍ଜାମ ଜିଲ୍ଲାପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଛତ୍ରପୁର, (ସବ୍ୟୁ): ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ୫ଦଫା ଦାବୀ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମସ୍ତେ ସ୍ଥାନୀୟ ଅନସ୍ଲୋ ହାଇସ୍କୁଲ ଠାରୁ ଏକ ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଁଚି ସେଠାରେ ଧାରଣାରେ ବସିଥିଲେ। ପରେ ଏକ ଟିମ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶୁନ୍ୟ ପଡ଼ିଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପଦବୀ ପୂରଣ କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ, ଶିକ୍ଷିକା ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରୀ ସର୍ତ୍ତାବଳି ସହ ପେନସନ ପ୍ରଦାନ କରିବା ସମେତ ବିଭିନ୍ନ ଦାବୀ ସମ୍ପର୍କରେ ଉକ୍ତ ଦାବୀପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବୀପତ୍ର ପ୍ରଦାନ ବେଳେ ଜିଲ୍ଲା ସଭାପତି ସନ୍ତୋଷ କୁମାର ଜେନା, ଜିଲ୍ଲା ସମ୍ପାଦକ ବିଜୟ ବେହେରା, ଛତ୍ରପୁର ବ୍ଲକ ସଭାପତି ଦଣ୍ଡପାଣି ଶତପଥି, ଗଞ୍ଜାମ ବ୍ଲକ ସଭାପତି ରାମ ଚନ୍ଦ୍ର ପଲାଇ ଏବଂ ଧୀରେନ୍ଦ୍ର ଶତପଥିଙ୍କ ସମେତ ସଂଘ ଶତାଧିକ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ୫କୋଟି ଠକେଇ ମାମଲା, ଅଭିଯୁକ୍ତ ଚେତନ ଚୌଧୁରୀଙ୍କ ଜାମିନ ଖାରଜ

ବ୍ରହ୍ମପୁର, (ସବ୍ୟୁ) : ଗୋଶାଣିନୁଆଗାଁ ଥାନା ଅଞ୍ଚଳରେ ଥିବା ସାଧବି କନଷ୍ଟ୍ରକସନ ମାଲିକ ଚେତନ ଚୌଧୁରୀ (୪୩) ଠକେଇ ମାମଲାରେ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ସେ ବ୍ରହ୍ମପୁର ଜେଲରେ ବିଚାରଧୀନ ବନ୍ଦୀ ଭାବେ ଅଛନ୍ତି। ତାଙ୍କ ଜାମିନ ପାଇଁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ କୋର୍ଟରେ ଆବେଦନ କରାଯାଇଥିଲା। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ରଜତ କୁମାର ଦାଶ ଉକ୍ତ ଜାମିନ ଆବେଦନର ଦୃଢ଼ ବିରୋଧ କରିଥିଲେ। ଅଭିଯୁକ୍ତ ଚେତନଙ୍କ ନାମରେ ପୂର୍ବରୁ ଏଭଳି ଅନେକ ଠକେଇ ମାମଲା ରହିଥିବା ପୋଲିସ ପକ୍ଷରୁ ଦାଖଲ ହୋଇଥିବା କେସ ଡାଇରୀରେ ଉଲ୍ଲେଖ ରହିଛି। ଜଜ ଜ୍ଞାନେନ୍ଦ୍ର କୁମାର ବାରିକ ଉକ୍ତ ଜାମିନ ଆବେଦନ ଖାରଜ କରିଦେଇଛନ୍ତି। ଏନେଇ ଏପିପି ଦାଶ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଚେତନ ଚୌଧୁରୀ ଗୋଶାଣି ନୁଆଗାଁରେ ସାଧବି କନଷ୍ଟ୍ରକସନ ଆଣ୍ଡ ଲଜଷ୍ଟିକସ ନାମକ ଏକ ସଂସ୍ଥା କରିଛନ୍ତି। ଇଚ୍ଛୁକ ଲୋକମାନଙ୍କୁ ସୁଲଭ ମୂଲ୍ୟରେ ବାସଉପଯୋଗୀ ପ୍ଲଟ ଦେବା ନାଁ'ରେ ଅଗଷ୍ଟ ୨୦୧୯ରେ ସେ ଏକ ସ୍କିମ କରିଥିଲେ। ଏଥିପାଇଁ ସେ ଏଜେଣ୍ଟ ନିଯୁକ୍ତି କରିଥିଲେ। ଜଣେ ଲୋକ ଦୁଇବର୍ଷ ପର୍ଯ୍ୟନ୍ତ ମାସିକ ଉକ୍ତ ସ୍କିମରେ ମାସିକ ଟଙ୍କା ଜମା କଲେ ଅର୍ଥାତ ତାଙ୍କୁ ୨୦୨୧ ସେପ୍ଟମ୍ବର ସୁଦ୍ଧା ଉକ୍ତ ସଂସ୍ଥା ତରଫରୁ ଏକ ବାସଉପଯୋଗୀ ପ୍ଲଟ ଯୋଗାଇ ଦିଆଯିବ ବୋଲି ମାଲିକ ଚେତନ ଚୌଧୁରୀ ଉକ୍ତ ସ୍କିମରେ ଉଲ୍ଲେଖ କରିଥିଲେ। ଉକ୍ତ ଦୁଇବର୍ଷ ରେ ଉକ୍ତ ସଂସ୍ଥାରେ କାମ କରୁଥିବା ଏଜେଣ୍ଟ ମାନେ ୨୦୦ ଜମାକାରୀଙ୍କ ନିକଟରୁ ୫ କୋଟି ରୁ ଉର୍ଦ୍ଧ ଟଙ୍କା ଆଦାୟ କରି ଉକ୍ତ ସଂସ୍ଥାର ଏକାଉଣ୍ଟରେ ଜମା କରିଥିଲେ। ନିର୍ଦ୍ଧାରିତ ସମୟ ସୀମା ପରେ ଜମାକାରୀମାନେ ଉକ୍ତ ସଂସ୍ଥାର ମାଲିକଙ୍କୁ ଭେଟି ସେମାନଙ୍କ ପ୍ଲଟ ଦେବାକୁ କହିଥିଲେ। ଏବାବଦରେ ସେ କୌଣସି ଜମାକାରୀଙ୍କ ଟଙ୍କା ପାଇନଥିବା ସେମାନଙ୍କୁ କହିଥିଲେ। ଶେଷରେ ଉକ୍ତ ସଂସ୍ଥାର ଏଜେଣ୍ଟ ସନ୍ତୋଷ ଗୋଷଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୨୬/୨୫ ରେ ଉକ୍ତ ଚେତନଙ୍କୁ ଗତ ଜୁଲାଇ ୧୩ ତାରିଖରେ ଗିରଫ କରିଥିଲା।

## ବେଷ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

କଟକ, (ସ୍ୱପ୍ର): କଟକ ସଦର ବେଷ୍ଟକର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇ ବିଭିନ୍ନ ସମସ୍ୟା ବିଷୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଓ ରୋଗୀ କଲ୍ୟାଣ ସମିତି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ମେଡିକାଲକୁ ପାରାମେଡିକ୍ସ ଷ୍ଟାଫ, ନର୍ସିଙ୍ଗ ଷ୍ଟାଫ, ଆଟେଣ୍ଡାଣ୍ଟ, ସଫେଇ କର୍ମଚାରୀ, ନିଯୁକ୍ତି କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବାକୁ ପ୍ରତିଶୃତି ଦେଇଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣ୍ଠୁଏ ଲେଖାଏଁ ପାଣି ଛିଡା ହୋଇ ରହୁଛି। ଫଳରେ ରୋଗୀ ମାନେ ଯାତାୟତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ବିଧାୟକଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ କର୍ମଚାରୀମାନଙ୍କ ସ୍ଥିତି ଉପରେ ଆଲୋଚନା ହୋଇଥିଲା। ଶିଶୁ ମୃତ୍ୟୁ ହାର, ଟେଲି ମେଡ଼ିସିନ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ବୟୋବନ୍ଦନ ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡ଼ଃ ପ୍ରଶାନ୍ତ କୁମାର ସାମଲ, ରୋଗୀ କଲ୍ୟାଣ ସମିତି ସଭ୍ୟ ସାମ୍ବାଦିକ ଅନିଲ ଦାସ, ଶିବପ୍ରସାଦ ବିଶ୍ୱାଳ, କିସାନସଂଘର କାର୍ଯ୍ୟକର୍ତ୍ତା ତଥା ଅସୀମ ଦାସ, ସ୍ୱେଚ୍ଛାସେବୀ ଅଶୋକ କୁମାର ଜେନା, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଅଞ୍ଜନ କୁମାର ବଳ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବିପିଏଚଓ ସସ୍ମିତା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ପଦ୍ମିନୀ କେୟାରର ସ୍ୱନକ୍ଷତ୍ର ଦିବସ



କଟକ, (ସ୍ୱପ୍ର): ପଦ୍ମିନୀ ମେୟାର ହସ୍‌ପିଟାଲର ୪ର୍ଥ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥ ଓ ସ୍ୱର୍ଗତ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ଆଭାସୀ ମାଧ୍ୟମରେ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ଅବସରରେ କହିଥିଲେ ଗ୍ରାମାଞ୍ଚଳରେ ସ୍ଥାପିତ ଏହି ମଲ୍‌ଟି ସ୍ପେସିଆଲିଟି ହସ୍‌ପିଟାଲର ଗତ ୪ବର୍ଷ ଭିତରେ ସହସ୍ର ସଂଖ୍ୟାରେ ପୀଡିତଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେଇ ଜନସାଧାରଣଙ୍କ ଅସ୍ଥାଭାଜନ ହୋଇଛି। ଏଥି ସହିତ ଡାକ୍ତରୀ ତଥା ନର୍ସିଂ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା ସମ୍ବନ୍ଧୀୟ ବାସ୍ତବ ଜ୍ଞାନ ଆହରଣର ସୁଯୋଗ ଦେଇଆସିଛି। ଏଠାରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀଙ୍କ ଉତ୍ସର୍ଗୀକୃତ ସେବା ମନୋଭାବ ଯୋଗୁ ଏହା ସଫଳ ହୋଇପାରିଛି। ସରକାର ତଥା ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ଏବଂ ଈଶ୍ୱରଙ୍କ ଆଶୀର୍ବାଦକୁ ପାଥେୟ କରି ଆଗାମୀ ଦିନରେ ହସ୍‌ପିଟାଲ ଆଗକୁ ବଢିବବୋଲି ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ମେଡିକାଲ କଲେଜର ଡିନ୍ ପ୍ରଫେସର ଡା. ବିରଂଚି ନାରାୟଣ ମହାପାତ୍ର ପଦ୍ମିନୀ କେୟାର ଜନସାଧାରଣଙ୍କ ଅଶାଭରସାର କେନ୍ଦ୍ର ପାଲଟିଥିବା ବେଳେ ଏହାର ଉନ୍ନତି ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶିକା ଗାୟତ୍ରୀ ଦାଶ, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ଡା. ବୁଲୁ ମହାନ୍ତି, ଡା. ପଞ୍ଚାନନ ପାଣିଗ୍ରାହୀ, ଡା. ନବୀନ କୁମାର ମେଡି, ଡା. ଅରବିନ୍ଦ ସାମନ୍ତରାୟଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ କର୍ମଚାରୀ ଯୋଗଦେଇଥିଲେ। ଚିନ୍ମୟୀ ମହାନ୍ତି, ଦେବାଶିଷ ସ୍ୱାଇଁ, ଶିବରାମ ସୁର୍, ସାରଦା ପଣ୍ଡା, ଶୁଭେନ୍ଦୁ ସିଂ, ଦୀପକ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱନକ୍ଷତ୍ର ଦିବସର କେକ୍ କଟାଯାଇଥିଲା।

# ବାରିପଦା ରୋଟାରୀ କ୍ଲବର ଅଧିଷ୍ଠାପନ ଦିବସ




ବାରିପଦା, (ସବ୍ୟୁ) : ବାରିପଦା ରୋଟାରୀ କ୍ଲବର ଶତାବନତମ ଅଧିଷ୍ଠାପନ ଦିବସ ସ୍ଥାନୀୟ ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ଚଳିତ ବର୍ଷର ସଭାପତି ରୋଟାରିଆନ ଭବାନୀ ଶଙ୍କର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାକାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲା-୩୨୬୨ର ଗଭର୍ଣ୍ଣର ରୋଟାରିଆନ ମନୋଜ ତ୍ରିପାଠୀ ମୁଖ୍ୟଅତିଥି ଓ ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିଆନ ଡଃ ଦିପ୍ତିମୟୀ ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ଚଳିତ ରୋଟାରୀ ବର୍ଷରେ କ୍ଲବ କିପରି ଅଧିକ ସକ୍ରିୟ ହୋଇ ଲୋକାଭିମୁଖୀ ସେବାମୂଳକ କାର୍ଯ୍ୟ ସମ୍ପାଦନ କରିବ ସେ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ବିଦାୟୀ ସଭାପତି ଡଃ ପୁଷ୍ପା ପାତ୍ର ବିଦାୟୀ ଅଭିଭାଷଣ ପ୍ରଦାନ କରିବା ବେଳେ ବିଦାୟୀ ସମ୍ପାଦିକା ବୀଣାପାଣି ଦାଶ ବିଗତ ବର୍ଷର ସମ୍ପାଦିତ କାର୍ଯ୍ୟାବଳୀର ବିବରଣୀ ଉପସ୍ଥାପନ କରିଥିଲେ। ତତ୍ପରେ ଚଳିତ ବର୍ଷର ସଭାପତି ତାଙ୍କର ନିର୍ଦ୍ଦେଶକ ମଣ୍ଡଳୀକୁ ଅଧିଷ୍ଠିତ କରିବା ପରେ ସଭାପତିୟ ଅଭିଭାଷଣ ପ୍ରଦାନ କରିଥିଲେ ଓ ସଂପାଦକ ତିମିର କୁମାର ଘୋଷ ଚଳିତ ବର୍ଷ ନିମନ୍ତେ ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନା ଉପସ୍ଥାପନ କରିଥିଲେ। ସର୍ବଶ୍ରେଷ୍ଠ ବାଳକ ସ୍କାଉଟ କ୍ୟାଡେଟ ଭାବେ ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ କୁମାର ସାହୁ ଓ ବାଳିକା କ୍ୟାଡେଟ ଭାବେ ମହାରାଣୀ ପ୍ରେମକୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ଅଣ୍ଡିଆ, ସର୍ବଶ୍ରେଷ୍ଠ ସମାଜସେବୀ ଭାବେ ହେଲପିଙ୍ଗ ହେଣ୍ଡ ଗ୍ରୁପର ସଭାପତି ଅଶୋକ କୁମାର ବେହେରା, ସର୍ବଶ୍ରେଷ୍ଠ ସ୍ୱର୍ଣ୍ଣକାର ଭାବେ ଚିତ୍ତରଞ୍ଜନ ସାହା ଏବଂ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିମନ୍ତେ ଅଶୋକ ମିସ୍ତ୍ରୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ପ୍ରାକ୍ତନ ସଭାପତି ସନ୍ଦୀପ କୁମାର ଚାନ୍ଦ ମଞ୍ଚ ସଂଚାଳନ କରିଥିଲେ ଓ ବିଭୁପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାକ୍ତନ ସଭାପତି ନିରୋଜ ପଣ୍ଡା, ଅରୁଣ କୁମାର ଦାଶ, ସୁବାଷ ଚନ୍ଦ୍ର ସାହୁ, ଡଃ ଶଶାଙ୍କ ପାଣିଗ୍ରାହୀ, ସୁନୀତ ପୁରୀ, ରବୀନ୍ଦ୍ର ମହାପାତ୍ର, ରାକେଶ ସିଂ, ପ୍ରଶାନ୍ତ କୁମାର ଜେନା, ଗଣେଶ ଚନ୍ଦ୍ର ଦାସ, ଶ୍ୟାମଳ ପଟ୍ଟନାୟକ, ଜ୍ୟୋତିରଞ୍ଜନ ସାହୁ, ମୋହନ ବଣର୍‌ୱାଲ, ସୁଶାନ୍ତ କୁମାର ବସା, ମହେନ୍ଦ୍ର କୁମାର ରାଓ୍ୱତ ପ୍ରଭୃତି ସଭା ତଥା ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ। ଏଥିରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ସମସ୍ତ ରୋଟାରୀ କ୍ଲବର ସଦସ୍ୟ ଏବଂ ବାରିପଦା ରୋଟ୍ରାକ୍ଟ, ଇଣ୍ଟରାକ୍ଟ ଓ ଇନର ହୁଇଲ କ୍ଲବର ସଦସ୍ୟ ବୃନ୍ଦ ଯୋଗଦାନ କରିଥିଲେ। ସକାଳ ସମୟରେ ଶାମାଖୁଣ୍ଟା ବ୍ଲକର ଟିକରପଡାସ୍ଥ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ପ୍ରାଙ୍ଗଣରେ ବିଭିନ୍ନ ପ୍ରକାର ଫଳ ଚାରା ରୋପଣ କରାଯାଥିଲା ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମିତ କୁମାରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏକ ସଭା କାର୍ଯ୍ୟକ୍ରମରେ ଜିଲ୍ଲା ଗଭର୍ଣ୍ଣର ଛାତ୍ରଛାତ୍ରୀ ମାନଙ୍କୁ ପରିବେଶ ସୁରକ୍ଷା ଏବଂ ବୃକ୍ଷ ରୋପଣର ଉପକାରିତା ସମ୍ପର୍କରେ ଏକ ସଚେତନଧର୍ମୀ ଅଭିଭାଷଣ ପ୍ରଦାନ କରିଥିଲେ।

# ବିଳମ୍ବିତ ରାତିରେ ଘର ଉପରକୁ ବୋମା ମାଡ, ଜଣେ ଆହତ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ସଦର ଥାନା ତରଭା ଫାଣ୍ଡି ଅନ୍ତର୍ଗତ ନୂଆଗାଁ ହରିଜନ ସାହିରେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବୋମା ମାଡ କରି ଫେରାର ହୋଇଯାଇଛନ୍ତି। ବୋମା ମାଡର କାରଣ ଜଣାପଡିନଥିବା ବେଳେ ଘର ମାଲିକ ଏହି ବୋମାମାଡରେ ଆହତ ହୋଇଛନ୍ତି। ନୂଆଗାଁ ହରିଜନ ସାହିର ବିଜୟ ନାୟକଙ୍କ ପରିବାର ସହିତ ଅନ୍ୟମାନେ ରାତିରେ ଖାଇପିଇ ଶୋଇଯାଇଥିଲେ। ରାତି ପ୍ରାୟ ୨ଟା ସମୟରେ ହଠାତ ପ୍ରଚଣ୍ଡ ଶବ୍ଦ ହେବା ଯୋଗୁ ସାହି ବାସିନ୍ଦା ମାନେ ଘର ବାହାରକୁ ଦୌଡି ଆସିଥିଲେ। ଚାରିଆଡ ଧୂଆଁମୟ ହୋଇଯାଇଥିବା ବେଳେ କିଛି ଦେଖାଯାଉନଥିଲା। କେହି ଦୁର୍ବୃତ୍ତ ସାହିର



ବିଜୟ ନାୟକଙ୍କ ଘର ଉପରକୁ ଲକ୍ଷ୍ୟ କରି ଏହି ବୋମା ମାଡ କରିଥିଲେ। ଫଳରେ ତାଙ୍କ ଝରକା ଭାଙ୍ଗି ଟିଣର ଏକ ଖଣ୍ଡ ତାଙ୍କ ମୁଣ୍ଡରେ ବାଜିବାରୁ ସେ ଆହତ ହୋଇଥିଲେ। ବିଜୟଙ୍କ କହିବା ଅନୁସାରେ ତାଙ୍କ ପତ୍ନୀ ଝିଅଙ୍କ ସହିତ ସେ ଗୋଟିଏ ଘରେ ଶୋଇଥିବା ବେଳେ ରାତି ଦୁଇଟା ବେଳେ ପ୍ରଚଣ୍ଡ ଶବ୍ଦ ହେବା ସହିତ କେହି ବୋମା ମାଡକରି ଫେରାର ହୋଇଯାଇଥିଲେ। ବୋମାମାଡ ଯୋଗୁ ଘରର ଝରକା ଭାଙ୍ଗିବା ସହିତ କବାଟର କିଛି ଅଂଶ ବି ଭାଙ୍ଗି ଯାଇଛି। ଘରେ ଥିବା ଝିଅ ଏବଂ ପତ୍ନୀ ଅଳ୍ପକେ ବର୍ତ୍ତି ଯାଇଥିବାର ଜଣାପଡିଛି। ତେବେ କିଏ କାହିଁକି ବୋମା ମାଡ କଲା ତାର କାରଣ ଜଣାପଡିନାହିଁ। ତାଙ୍କର କେହି ଶତ୍ରୁ ନଥିବାର ସେ ପ୍ରକାଶ କରିଛନ୍ତି। ଖବରପାଇ ସଦରଥାନା ପୋଲିସ ଏବଂ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ତଦନ୍ତ ପରେ ବୋମା ମାଡର କାରଣ ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି।

# କୂଅରେ ପଡ଼ି ନାବାଳକ ମୃତ

ତାଳଚେର, (ସବ୍ୟୁ): ତାଳଚେର ଟାଉନ ଥାନା ଅନ୍ତର୍ଗତ ବାଘୁଆବୋଲ ଅଂଚଳର ସୁବାଷ ଚନ୍ଦ୍ର ନାଥଙ୍କ ପୁଅ ରିଆଦ ନାଥ (୨)ବର୍ଷ ଆଜି ତାଙ୍କ କୂଅରେ ଖସିପଡ଼ି ମୃତ୍ୟୁବରଣ କରିଥିବା ଘଟଣା ଅଂଚଳରେ ଶୋକରଛାୟା ଖେଳାଇ ଦେଇଛି। ଘଟଣାରୁ ପ୍ରକାଶ ୨ବର୍ଷର ଶିଶୁଟି ଘରର ପଛପାର୍ଶ୍ୱ ଖେଳୁଥିବା ଅବସ୍ଥାରେ ସେ କୂଅରେ ଖସିପଡ଼ିଥିଲା। ପୁଅକୁ ଖୋଜାଖୋଜି କରିବା ପରେ ପରିବାର ଲୋକ କୂଅରେ ପଡ଼ିଥିବା ଦେଖି ତାକୁ ଉଦ୍ଧାର କରିବା ସହ ତାଳଚେର ମଣ୍ଡାପାଳ ଡ଼ାକ୍ତରଖାନାକୁ ଆଣିଥିଲେ ଓ ଡ଼ାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ମୃତ୍ୟୁ ଘୋଷଣା କରିଥିଲେ। ତେବେ ଛୋଟପିଲାଙ୍କୁ ନଦୀ, ନାଳ, କୂଅ, ପୋଖରୀ, ଜଳାଶ୍ରୟକୁ ବାରଣ କରିବା ପରିବାର କର୍ତବ୍ୟ ରହିଥିବା ବେଳେ ସାମାନ୍ୟ ଭୂଲ ପାଇଁ ଆଜି ଏତେ ବଡ଼ ଦଣ୍ଡ ଭୋଗିବାକୁ ପଡ଼ିଲା ବୋଲି ସ୍ଥାନୀୟବାସୀଙ୍କ ନିକଟରୁ ଶୁଣିବାକୁ ମିଳେ। ତେଣୁ କୂଅକୁ ଖୋଲାମେଲା ନରଖି ତାକୁ ଆବଶ୍ୟକ ସ୍ଥଳେ ଲୁହାଗ୍ରୀଲ କିମ୍ବା ସୁରକ୍ଷାବାଡ଼ କରିବା ନିତ୍ୟାନ୍ତ ଜରୁରୀ ହୋଇପଡ଼ିଛି।

# ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ଓ.ପି. ଜିନ୍ଦଲଙ୍କ ୯୫ ତମ ଜନ୍ମବାର୍ଷିକୀ ପାଳିତ

ଅନୁଗୁଳ, (ସବ୍ୟୁ): ଜିନ୍ଦଲ ଷ୍ଟିଲ୍ ଅନୁଗୁଳ ପକ୍ଷରୁ ଏହାର ଦୂରଦର୍ଶୀ ପ୍ରତିଷ୍ଠାତା ଶ୍ରୀ ଓମ୍ ପ୍ରକାଶ ଜିନ୍ଦଲ (ବାଉଜୀ)ଙ୍କ ୯୫ତମ ଜନ୍ମବାର୍ଷିକୀ ପାଳନ କରାଯାଇଛି। ଶିଳ୍ପ ସ୍ୱାବଲମ୍ବନ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ବାଉଜୀଙ୍କ ଐତିହ୍ୟକୁ ମନେ ପକାଇ ଅନୁଗୁଳ ପ୍ଲାଣ୍ଟ ଏବଂ ଟାଉନସିପରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ଏକାଧିକ ସ୍ମାରକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ଫିଟନେସକୁ ପ୍ରୋତ୍ସାହିତ କରିବା ପାଇଁ ଜିନ୍ଦଲ ନଗରରେ ନୂତନ ଭାବରେ ବିକଶିତ ହୋଇଥିବା ସୁଇମିଂ ପୁଲକୁ ଉତ୍ସର୍ଗ କରିଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ଜିନ୍ଦଲ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଜିନ୍ଦଲ ନଗରରେ ଉପଲବ୍ଧ ଏହି ସୁବିଧାର ଲାଭ ଉଠାଇ ସୁସ୍ଥ ରହିବାକୁ ଏବଂ ଡାକ୍ତରଙ୍କ ଠାରୁ ଦୂରରେ ରହିବାକୁ ଉତ୍ସାହିତ କରିଥିଲେ। ବାପା, ଶ୍ରୀ ଓ.ପି. ଜିନ୍ଦଲଙ୍କୁ ସ୍ମରଣ କରି, ଶ୍ରୀ ନବୀନ ଜିନ୍ଦଲ ତାଙ୍କ ସୋସିଆଲ ମିଡ଼ିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ବାଉଜୀ, ଶ୍ରୀ ଓମ୍ ପ୍ରକାଶ ଜିନ୍ଦଲ କେବଳ ଜଣେ ମହାନ ଶିଳ୍ପପତି ନଥିଲେ ବରଂ ସେ ଜଣେ ପ୍ରକୃତ



କର୍ମଯୋଗୀ, ଜନସେବକ, ସମାଜ ସଂସ୍କାରକ ଏବଂ ଏକ ଆତ୍ମନିର୍ଭରଶୀଳ ଭାରତର ଏକ ଦୂରଦୃଷ୍ଟିସମ୍ପନ୍ନ ବାର୍ତ୍ତାବାହକ ମଧ୍ୟ ଥିଲେ। ତାଙ୍କ ଚିନ୍ତାଧାରା, ମୂଲ୍ୟବୋଧ ଏବଂ ନୀତି ଆଜି ମଧ୍ୟ ଆମକୁ ମାର୍ଗଦର୍ଶନ କରିଆସୁଛି। ତାଙ୍କ ଜନ୍ମବାର୍ଷିକୀରେ, ଆମେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଉପାଧ୍ୟକ୍ଷ ଶ୍ରୀ ଭି. ଆର. ଶର୍ମା ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର ଫର ଆଡଭାନ୍ସଡ୍ ୱେଲ୍ଡିଂ ଟେକ୍ନୋଲୋଜିର ଉଦଘାଟନ କରିଥିଲେ। ଏହି କେନ୍ଦ୍ର ମଧ୍ୟରେ ବର୍ତ୍ତମାନ କମ୍ପାନୀରେ କାର୍ଯ୍ୟକରୁଥିବା ଶ୍ରମଜୀବୀମାନେ ସେମାନଙ୍କ କାର୍ଯ୍ୟ କୁଶଳତା ବୃଦ୍ଧି କରିପାରିବେ। ଏହି ଅବସରରେ ଶ୍ରୀ ଶର୍ମା କହିଥିଲେ, ଆଜି, ଓ.ପି. ଜିନ୍ଦଲ ଗ୍ରୁପ୍ ଭାରତର ପ୍ରାୟ ୪୦% ଇସ୍ପାତ ଉତ୍ପାଦନ କରୁଛି ଏବଂ ପ୍ରାୟ ୪ରୁ ୫ ଲକ୍ଷ ଲୋକଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ନିଯୁକ୍ତି ପ୍ରଦାନ କରିଛି। ଏହା କେବଳ ବାପୁଜୀଙ୍କ ଯୋଗୁଁ ସମ୍ଭବ ହୋଇଛି, ଯିଏ ଏକ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନ ଦେଖିଥିଲେ। ଏହି ଅବସରରେ, ଜିନ୍ଦଲ ଷ୍ଟିଲର ଅନୁଗୁଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମାଲହାନ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ପ୍ରକଳ୍ପ) ଦାମୋଦର ମିତ୍ତଲଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ ଏବଂ ନିକଟବର୍ତ୍ତୀ ଅଞ୍ଚଳର ଗ୍ରାମବାସୀମାନେ ଇସ୍ପାତ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ବହୁ ସଂଖ୍ୟାରେ ଏକତ୍ରିତ ହୋଇଥିଲେ। ଅପରାହ୍ନରେ, ବହୁ ପ୍ରତୀକ୍ଷିତ ଜିଲ୍ଲାସ୍ତରୀୟ ଓ.ପି. ଜିନ୍ଦଲ କପ୍ ଫୁଟବଲ୍ ଟୁର୍ନାମେଣ୍ଟ ଅନୁଗୁଳର କଦମ ପଡ଼ିଆରେ ଉଦ୍ଘାଟିତ ହୋଇଥିଲା। ଉଦଘାଟନୀ ଉତ୍ସବରେ ଅନୁଗୁଳ ପୌରପାଳିକାର ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅନୁଗୁଳ ଏଡିଏମ୍ ପ୍ରତାପ ପ୍ରୀତିମୟ ଏବଂ ଜିନ୍ଦଲ ଷ୍ଟିଲର ସଭାପତି ଅତୁଲ ଦୁବେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବାରଟି ଦଳ ଏହି ସମ୍ମାନଜନକ ଟ୍ରଫି ପାଇଁ ପ୍ରତିଯୋଗିତା କରୁଛନ୍ତି। ଫାଇନାଲ ମ୍ୟାଚ୍ ୧୮ ଅଗଷ୍ଟରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସାମାଜିକ ଦାୟିତ୍ୱ ପ୍ରତି ଏହାର ପ୍ରତିବଦ୍ଧତା ପ୍ରଦର୍ଶନ କରି, ଜିନ୍ଦଲ ଫାଉଣ୍ଡେସନ୍ ପକ୍ଷରୁ ଏହି ଅବସରରେ ଜିଲ୍ଲାର ଅନେକ ବୃଦ୍ଧାଶ୍ରମରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଓ.ପି. ଜିନ୍ଦଲ ସ୍କୁଲ ଏବଂ ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲର ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ବାଉଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସାମୂହିକ ପ୍ରାର୍ଥନା କରିଥିଲେ।

# ଟ୍ରକ୍, କଣ୍ଟେନର ଧକ୍କା : ଜଣେ ଗୁରୁତର

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା କଟକ – ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା କଦଳିମୁଣ୍ଡା ନିକଟରେ ଶୁକ୍ରବାର ଦିନ ଏକ ଟ୍ରକ ସହ ଏକ କଣ୍ଟେନର ଧକ୍କା ହୋଇଛି । ଫଳରେ ଏହି ଦୁର୍ଘଟଣାରେ କଣ୍ଟେନରର ଚାଳକ ଗୁରୁତର ଆହାତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଅନୁଗୋଳ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ପରିଚୟ ଜଣାପଡିନାହିଁ । ଘଟଣା ଜଣାପଡିଛି ସମ୍ବଲପୁରରୁ ଏକ କୋଇଲା ବୋଝେଇ ଟ୍ରକ ନମ୍ବର( ଓଡ଼ି ୩୫ ଜି ୮୩୨୭ )ଯାଉଥିବା ବେଳେ ବିପରିତ ଦିଗରୁ ଆସୁଥିବା ଏକ କଣ୍ଟେନର ନମ୍ବର (ଓଡି ୩୩ ଏ ୭୨୬୨) ସହ ମୁହାଁ ମୁହିଁ ଧକ୍କା ହୋଇଥିଲା । ଫଳରେ କଣ୍ଟେନରର ଚାଳକ ଗୁରୁତର ଆହାତ ହୋଇଥିଲେ । ଏ ସମ୍ପର୍କରେ ହଣ୍ଡପା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ୨ଟି ଜବତ କରି ଏକ ମାମଲା ରୁଜୁ କରିଛି ।

# ଗୌତମ ଦେହୁରି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଅନୁଗୋଳ ଜିଲ୍ଲା ଯୁବ ସଭାପତି



କଣିହାଁ, (ସବ୍ୟୁ): ଅନୁଗୋଳ ଜିଲା ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ଜିଲା ଯୁବ ସଭାପତି ଭାବରେ ଗୌତମ ଦେହୂରି ମନୋନୀତ ହୋଇଛନ୍ତି । ରାଷ୍ଟ୍ରୀୟ ମଜ୍ଜୁଦୁର କଂଗ୍ରେସ ଉପ ସଭାପତି ତଥା ଓଡିଶା ଶାଖା ସଭାପତି ଡଃ ରାମଚନ୍ଦ୍ର ଖୁଣ୍ଟିଆଙ୍କ ଅନୁମୋଦନ କ୍ରମେ ଯୁଥ ଆଇଏନଟିୟୁସି ରାଜ୍ୟ ଶାଖାର ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଗୌତମ ଦେହୂରୀଙ୍କୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଅନୁଗୋଳ ଜିଲ୍ଲା ଯୁବ ଶାଖା ସଭାପତି ରୂପେ ମନୋନୀତ କରିଛନ୍ତ। ଏଥି ନେଇ ଜିଲା ଯୁବ ସଭାପତି ଶ୍ରୀ ଗୌତମ ଦେହୂରୀ ଆଇଏନଟିୟୁସି ରାଜ୍ୟ ସଭାପତି ଡଃ ରାମଚନ୍ଦ୍ର ଖୁଣ୍ଟିଆ, ଓସିଏମଏସ ସଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ୟୁଥ ଆଇଏନଟିୟୁସି ରାଜ୍ୟ ଯୁବ ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ଅନୁଗୋଳ ଜିଲା ଆଇଏନଟିୟୁସି ସଭାପତି ଦିଗାମ୍ବର ଗଡ଼ନାୟକ ନିକଟରେ କୃତଜ୍ଞତା ଜଣାଇଛନ୍ତି । ଶ୍ରମିକ ତଥା କର୍ମଚାରୀ ମାନଙ୍କ ସ୍ୱାର୍ଥ ସାଧନ ପାଇଁ ସଂଗ୍ରାମ ଜାରି ରହିବ ବୋଲି ଶ୍ରୀ ଦେହୁରୀ କହିଛନ୍ତି । ସୁଚନାଯୋଗ୍ୟ ଯେ, ଶ୍ରୀ ଦେହୁରୀ କଣିହାଁ କୋଇଲା କ୍ଷେତ୍ର ଓସିଏମଏସର ଏରିଆ ସେକ୍ରେଟାରୀ ଭାବରେ କାର୍ଯ୍ୟରତ ଅଛନ୍ତି ।

# କେନାଲକୁ ଓଲଟିଲା ଯାତ୍ରୀ ବାହୀ ବସ୍, ୨୦ ରୁ ଅଧିକ ଗୁରୁତର

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାଗର ତୁମୁସିଙ୍ଗା ଥାନା ଅନ୍ତର୍ଗତ କନ୍ତଓକାଟେଣୀ ନିକଟରେ ଭାରସାମ୍ୟ ହରାଇ ଏକ ଯାତ୍ରୀବାହୀ ବସ ରେଙ୍ଗାଳି ଶାଖା କେନାଲକୁ ଓଲଟିପଡିଥିଲା। ଫଳରେ ବସରେ ଥିବା ୨୦ରୁ ଅଧିକ ଯାତ୍ରୀ ଆହତ ହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି। ଜଗନ୍ନାଥ ନାମକ ଘରୋଇ ବସ ପରଜଙ୍ଗ ଅଞ୍ଚଳରୁ ଭୁବନେଶ୍ୱର ଯାଉଥିଲା। ବସଟି ୫୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ରେଙ୍ଗାଳି ଶାଖା କେନାଲରେ ଓଲଟି ପଡିଥିଲା। ବସରେ ୫୦ରୁ ଉର୍ଦ୍ଧ ଯାତ୍ରୀ ଥିବାବେଳେ ୨୦ରୁ ଉର୍ଦ୍ଧ ଯାତ୍ରୀ ଗୁରୁତର ହୋଇଥିଲେ। ଖବର ପାଇ କାମାକ୍ଷାନଗର ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକ ବସରୁ ଯାତ୍ରୀ ମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଅନେକ ଲୋକଙ୍କ ମୁଣ୍ଡ ଫାଟିଯାଇଥିବା ବେଳେ ଅନେକଙ୍କ ଗୋଡ଼, ହାତରେ ଗଭୀର ଆଘାତ ଲାଗିଛି। ତେବେ ପରଜଙ୍ଗରୁ ପଣ୍ଡୁଆ ପୂର୍ତ୍ତବିଭାଗର ମୁଖ୍ୟ ରାସ୍ତାରେ ରାସ୍ତା କାମ ଚାଲୁଥିବା ବେଳେ ବସ୍‌ଟି ସଟକର୍ଟ ଯୋଗେ କେନାଲ ରାସ୍ତା ଦେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଜଣାପଡିଛି । ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବାହିନୀ, ପୋଲିସ ପହଞ୍ଚି ଦୁର୍ଘଟଣାରେ ଆହତ ମାନଙ୍କୁ ଉଦ୍ଧାର କରିଛନ୍ତି । ତେବେ ଅଳ୍ପକେ ବସରେ ଥିବା ଯାତ୍ରୀମାନେ ଏକ ବଡ଼ ଧରଣର ବିପଦରୁ ବର୍ତ୍ତିଯାଇଛନ୍ତି । ଦୁର୍ଘଟଣାର କାରଣ ସ୍ପଷ୍ଟ ଜଣାପଡ଼ିନଥିବା ବେଳେ ପ୍ରବଳ ବର୍ଷା ଯୋଗୁ କେନାଲ ରାସ୍ତାରେ ବସର ଚକା ଖସିଯାଇ ଏପରି ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

# ଘରୁ ନାଗ ସାପ ଉଦ୍ଧାର

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଖାଲପାଳ ଗ୍ରାମର ବିପିନୀ ପ୍ରଧାନଙ୍କ ଘରୁ ଶୁକ୍ରବାର ଦିନ ଏକ ଏକ ନାଗ ସାପକୁ ଉଦ୍ଧାର କରାଯାଇଛି। ଏକ ନାଗ ସାପ ବାହାର ଅଞ୍ଚଳରୁ ଆସି ଘର ଭିତରକୁ ପଳାଇ ଆସିଥିଲା । ପରେ ଉକ୍ତ ନାଗ ସାପକୁ ବିପିନୀଙ୍କ ପରିବାର ଲୋକେ ଦେଖି ଭୟରେ ବାହାରକୁ ପଳାଇ ଆସିଥିଲେ । ପରେ ଉକ୍ତ ନାଗ ସାପକୁ ଉଦ୍ଧାର କରିବା ପାଇଁ ବିପିନ ମାଧ ପୁର ଅଞ୍ଚଳର ସିଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ । ଖବର ପାଇଁ ସିଧେଶ୍ୱର ବିପିନଙ୍କ ଘରେ ପହଞ୍ଚି ସୁରକ୍ଷିତ ଅବସ୍ଥା ନାଗ ସାପକୁ ଉଦ୍ଧାର କରି ନିକଟରେ ଥିବା ଜଙ୍ଗଲରେ ଛାଡି ଥିଲେ ।

# ତ୍ରିରଙ୍ଗା ଶୋଭାଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି

ଅନୁଗୁଳ, (ସବ୍ୟୁ): ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ କୋର କମିଟି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲାର ସାଙ୍ଗଠନିକ ଆଲୋଚନା ସହ ରାଜ୍ୟ ନିଷ୍ପତ୍ତି କ୍ରମେ ଆଗାମୀ ଦିନର ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଛି । ଆଗାମୀ ଅଗଷ୍ଟ ୧୦ ରୁ ୧୪ ଅଗଷ୍ଟ ପର୍ଯ୍ୟନ୍ତ ଅନୁଗୋଳ ଜିଲ୍ଲାର ସମସ୍ତ ମଣ୍ଡଳରେ ତିରଙ୍ଗା ଯାତ୍ରା, ୧୩ ରୁ ୧୫ ଅଗଷ୍ଟ ସମସ୍ତ ଘର ଏବଂ ପ୍ରତିଷ୍ଠାନରେ ପାର୍ଟି କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ତିରଙ୍ଗା ପତାକା ଉତ୍ତୋଳନ ଓ ୧୨ ରୁ ୧୪ ଅଗଷ୍ଟ ପର୍ଯ୍ୟନ୍ତ ସ୍ମାରକୀ, ଯୁଦ୍ଧ ସ୍ମାରକୀ ଏବଂ ସ୍ୱାଧୀନତା ସଂଗ୍ରାମ ସହିତ ସ୍ତମ୍ଭ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକ ପାଖରେ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ସଫେଇ କରାଯିବା ସହ ଅଗଷ୍ଟ ୧୪ରେ ବିଭାଜନ ବିଭୀଷିକା ଉପରେ ଜିଲ୍ଲା କାର୍ଯ୍ୟାଳୟରେ ବୁଦ୍ଧିଜୀବୀ ସମ୍ମିଳନୀ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ସମସ୍ତ କାର୍ଯ୍ୟକ୍ରମର ମଣ୍ଡଳ ସ୍ତରରେ ସଂଯୋଜକ ଓ ସହ ସଂଯୋଜକ ଦାୟିତ୍ୱ ଦିଆଯାଇଛି । ସମସ୍ତ ବିଧାନସଭାର କାର୍ଯ୍ୟକ୍ରମ ପାଇଁ ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି । ବୈଠକରେ ଜିଲ୍ଲା ସଭାପତିଙ୍କ ସମେତ ବରିଷ୍ଠ ନେତା ନୃସିଂହ ବରାଳ, ଚୌଧୁରୀ ପ୍ରଧାନ, ପ୍ରତିମା ମିଶ୍ର, ପର୍ଶୁରାମ ବାରିକ, ପ୍ରତ୍ୟୁଷ ପଣ୍ଡା, ବସନ୍ତ ମଞ୍ଜରୀ ପ୍ରଧାନ, ଦିଲ୍ଲୀପ ଦାସ, ଚିତ୍ତରଞ୍ଜନ ମେହେର, ଅକ୍ଷୟ ପାଦ ବେହେରା, ଗୋପବନ୍ଧୁ ଗଡ଼ନାୟକ ସିଦ୍ଧାର୍ଥ ରାଉତରାୟ, ସୀପନ ଦେହୁରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

# ବିନା ନମ୍ବର ପ୍ଲେଟରେ ଜାତୀୟ ରାଜପଥରେ ଚାଲିଛି ଭାରୀଯାନ

ତାଳଚେର, (ସବ୍ୟୁ): ସରକାରଙ୍କ ବାରମ୍ବାର ତାଗିଦ୍ ଓ ଜାତୀୟ ରାଜପଥ କଡ଼ରେ ଏମଭିଆଇ ଆରଟିଓଙ୍କ ଚେକିଙ୍ଗ ସତ୍ତ୍ୱେ କିପରି ଭାବେ ଭାରୀଯାନ ଗୁଡ଼ିକ ସରକାରଙ୍କ ନିୟମକୁ ଖୋଲାଖୋଲି ଉଲଘଂନ କରି ବିନା ନମ୍ବର ପ୍ଲେଟରେ ଯାତାୟତ କରୁଛନ୍ତି, ଏହାକୁ ନେଇ ଏବେ ବିଭିନ୍ନ ମହଲରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି। ଘଟଣାରୁ ପ୍ରକାଶ, ତାଳଚେର ସହର ଦେଇ ଯାଇଥିବା ୧୪୯ନମ୍ବର ଜାତୀୟ ରାଜପଥରେ ପ୍ରାୟ ସମୟରେ ଦେଖିବାକୁ ମିଳୁଛି ବିନା ନମ୍ବର ପ୍ଲେଟରେ ବଡ଼ବଡ଼ ଭାରୀଯାନ। ଏହି ଜାତୀୟ ରାଜପଥଟି ସଂକିର୍ଣ୍ଣ ହୋଇଥିବାରୁ ଦୈନିକ ହଜାର ହଜାର ସଂଖ୍ୟକ ଭାରୀଯାନ ଚଳପ୍ରଚଳ କରିବା ଫଳରେ ତାଭିତରେ ଏହି ନମ୍ବର ବିହୀନ ଭାରୀଯାନ ଚଳପ୍ରଚଳ କରୁଥିବା ଆଶ୍ଚର୍ଯ୍ୟ ମନେ ହେଉଛି। ଏତିକି ନୁହେଁ, ଏହି ଭାରୀଯାନ ଗୁଡ଼ିକରେ ହେଲପେର ନରହୁଥିବାରୁ କିଛି କିଛି ସ୍ଥାନରେ ଦୁର୍ଘଟଣା ବି ଘଟୁଛି ବୋଲି କୁହାଯାଉଛି। ତେବେ ସେହିଭଳି ଗାଁ ଗହଳି ଗୁଡ଼ିକରେ ମଧ୍ୟ ନମ୍ବର ବିହୀନ ଟ୍ରାକ୍ଟର ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଥିବା ଦେଖିବାକୁ ମିଳିଛି। ତେଣୁ ଏଥିପ୍ରତି ତାଳଚେର ପରିବହନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପେନସନ୍ ଦାବିରେ ୬୬୨ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କ ଜିଲ୍ଲାପାଳଙ୍କୁ ଦାବୀପତ୍ର

ଅନୁଗୋଳ, (ସବ୍ୟୁ): ପେନସନ୍ ସହ ଚାକିରୀ ସର୍ତ୍ତାବଳୀ ପ୍ରଦାନ ଦାବୀରେ ଅନୁଗୋଳ ଜିଲ୍ଲା ୬୬୨ ବର୍ଗ କଲେଜ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଆଜି ଏକ ବିଶାଳ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ରାଜ୍ୟର ୭୦ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରୁଥିବା ଏହି ଅଧ୍ୟାପକ, କର୍ମଚାରୀମାନେ ବାରମ୍ବାର ସରକାରଙ୍କ ଠାରୁ ଉପେକ୍ଷିତ ହୋଇ ରାଜରାସ୍ତାକୁ ଓହ୍ଲାଉଥିଲେ ମଧ୍ୟ ସରକାର ସେଥିପ୍ରତି କର୍ଣ୍ଣପାତ ନକରି ବ୍ଲକଗ୍ରାଣ୍ଟ ଭଳି ଏକ ଘୃଣ୍ୟ ଯୋଜନାକୁ କାର୍ଯ୍ୟକାରୀ କରିବା, ଚାକିରୀ ସର୍ତ୍ତାବଳୀ ନଥିବାରୁ ଅବସର ପରେ କୌଣସି ସୁବିଧା ତଥା ପେନ୍ସନ୍ ନପାଇବା, କର୍ମଚାରୀମାନଙ୍କୁ ନିରାଶାର ଅନ୍ଧକାର ଭିତରକୁ ଠେଲି ଦେଇଛି । ଦୀର୍ଘ ୩୦ ବର୍ଷକାଳ ଶିକ୍ଷାଦାନ କ୍ଷେତ୍ରରେ ସରକାରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରି ଶୂନ୍ୟ ହସ୍ତରେ ଘରକୁ ଫେରିବା କେତେ ଯେ ମର୍ମନ୍ତୁଦ, ତାହା ଅନୁଭବୀ ହିଁ ଜାଣେ । ଏହି ପରିପ୍ରେକ୍ଷୀରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆଜି ୬୬୨ ବର୍ଗ କଲେଜ କେବଳ ଦାବୀପତ୍ର ପ୍ରଦାନ କରିନାହିଁ । ପରନ୍ତୁ ସରକାର ଯଦି ଖୁବ୍‌ଶୀଘ୍ର ଏହାର ସୁବିଚାର ନକରନ୍ତି ତେବେ ଆଗାମୀ ଦିନରେ ସଂଘ ସମସ୍ତ କଲେଜ ବନ୍ଦକରି କର ବା ମର ନ୍ୟାୟରେ ଭୁବନେଶ୍ୱରରେ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ କରିବ ବୋଲି ଅନୁଗୋଳ ଜିଲ୍ଲା ସଂଘର ସଭାପତି ପ୍ରଭାତ କୁମାଇ ସିହ୍ନା ଓ ସଂପାଦକ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ଜିଲ୍ଲାର ସମସ୍ତ ୬୬୨ ବର୍ଗର ୧୬ଟି କଲେଜରେ ଅଧ୍ୟାପକ, କର୍ମଚାରୀ ମାନେ ଯୋଗଦେଇଥିଲେ ।

# ଶିଶୁ ଅଧିକାର ସଚେତନତା କାର୍ଯ୍ୟକ୍ରମ

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣ ଓ ଶିଶୁ ଅଧିକାର ଉଲଂଘନ ଉପରେ ସଚେତନତା ସକାଶେ ହିନ୍ଦୋଳ ବ୍ଲକର ବଙ୍କେଟିଆ ଠାରେ ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ପରିଚାଳିତ ପ୍ରକଳ୍ପ ଆକ୍ସେସଟୁ ଜଷ୍ଟିସଫର ଚିଲଡ୍ରେନ୍ସ ତରଫରୁ ଆଜି ୮ ଅଗଷ୍ଟ ୨୦୨୫ ତାରିଖ ଦିନ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏହି ଗ୍ରାମରେ ପ୍ରାୟ ୨୫ ଜଣ ପୁରୁଷ ଓ ମହିଳା ତଥା ବାଳିକା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ବାଲ୍ୟବିବାହ ନିଷେଧ ଆଇନ ୨୦୦୬ ବିଷୟରେ ସଚେତନତା, ବାଲ୍ୟବିବାହ ଯୋଗୁଁ ଝିଅ ଉପରେ ପଡୁଥିବା ଶାରୀରିକ, ପାରିବାରିକ, ମାନସିକ ତଥା ଆର୍ଥିକ ଚାପ, ଶିକ୍ଷା ତଥା ଆତ୍ମନିର୍ଭରଶୀଳତା ଅଭାବ, ସାମାଜିକ କୁପରିଣାମ, ବାଲ୍ୟବିବାହ କ୍ଷେତ୍ରରେ ଆୟୋଜନକାରି, ଯୋଗଦେଇଥିବା ଅତିଥି, ତଥା ବିଭିନ୍ନ ସହଯୋଗୀଙ୍କୁ ଦଣ୍ଡବିଧାନ ତଥା ନିରାକରଣ ଉପରେ ଆଲୋଚନା ହୋଇଥିଲା । ଏହାବ୍ୟତୀତ ବୈଠକରେ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ କୌଣସି ଶିଶୁ ଅଧିକର ଉଲ୍ଲଘନ ଦେଖିଲେ ଚାଇଲ୍ଡ ହେଲ୍ପ ଲାଇନର ଦେୟମୁକ୍ତ ନମ୍ବର ୧୦୯୮କୁ ଫୋନ୍ କରି ଜଣାଇବାକୁ ପରାମର୍ଶ ଦିଅଯାଇଥିଲା। ଏହାବ୍ୟତୀତ କଙ୍କଡ଼ାହାଡ଼ ବ୍ଲକର ପ୍ରତ୍ୟେକ ପଂଚାୟତରେ କାର୍ଯ୍ୟକାରୀ ହେଉଥିବା ବିବାହ ରେଜିଷ୍ଟର ଓ ପଳାୟନ ରେଜିଷ୍ଟର ବିଷୟରେ ସୂଚନା ଦେଇ ତାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସହଯୋଗ ପାଇଁ ଆହ୍ୱାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପରିଚାଳନା ପ୍ରକଳ୍ପ ସହଯୋଗୀ ଜୁଲି ସ୍ୱାଇଁ ଯୋଗ ଦେଇଥିଲେ ।

# ଗବେଷକ ବିଭୂତି ସାହୁଙ୍କ ବିୟୋଗରେ ସାହିତ୍ୟ ଘର ପକ୍ଷରୁ ଶୋକସଭା



ସାଉଥବଲଣ୍ଡା, (ସବ୍ୟୁ): ତାଳଚେର ବ୍ଲକ ସାଉଥବଲଣ୍ଡା ସମ୍ବାଦ ସାହିତ୍ୟ ଘରର ସଭାପତି ଗବେଷକ ବିଭୂତି ଭୂଷଣ ସାହୁଙ୍କର ଅକାଳ ବିୟୋଗ ଗତ ଶନିବାର ଦିନ ହୋଇଥିଲା । ଏହି ଅବସରରେ ସାଉଥବଲଣ୍ଡା ସ୍ଥିତ ଆଇଏନଟିୟୁସି କାର୍ଯ୍ୟାଳୟ ପରିସରରେ ସାହିତ୍ୟ ଘର ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସାହିତ୍ୟ ଘରର ଉପସଭାପତି କବୟିତ୍ରୀ ଅନୀତା ପାଣି ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବରେ ବରିଷ୍ଠ ଶ୍ରମିକନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ, ସାହିତ୍ୟ ଘରର ବରିଷ୍ଠ ଉପଦେଷ୍ଟା ଦିଗାମ୍ବର ଗଡ଼ନାୟକ, ବର୍ଣ୍ଣାଳୀ ସାହିତ୍ୟ ସଂସଦର ସଭାପତି ଆଇନଜିବୀ ଯଦୁମଣି ସାହୁ, ବରିଷ୍ଠ ଖଣି ଅଧିକାରୀ ସାହିତ୍ୟିକ ଇଂ.ଦୀନେଶ ମାଲୀ ଓ ସମାଜସେବୀ କ୍ଷୀରୋଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଉପସ୍ଥିତ ସଦସ୍ୟ, ସଦସ୍ୟାମାନେ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଗବେଷକ ବିଭୂତି ସାହୁ ଜଣେ ସରଳ, କର୍ମଠ, ମିଷ୍ଟଭାଷୀ ବ୍ୟକ୍ତି ଭାବରେ ସେ ତାଳଚେର ଉପଖଣ୍ଡରେ ପରିଚିତ ଥିଲେ । ତାଳଚେର କୋଇଲାଖଣିର ଇତିହାସ ସହ ତାଳଚେରର ଆଖପାଖ ଅଂଚଳରେ ଥିବା ବିଭିନ୍ନ ବୌଦ୍ଧକୀର୍ତି ଆବିଷ୍କାର କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହାସହିତ ସେ ଜଣେ ଦକ୍ଷ ସଙ୍ଗଠକ, ଲେଖକ ଓ ଅନୁବାଦକ ଭାବରେ ପ୍ରସିଦ୍ଧ ଲାଭ କରିଥିଲେ । ତାଙ୍କର ଅକାଳ ବିୟୋଗରେ ତାଳଚେର ତାର ଏକ ସୁଯୋଗ୍ୟ ସନ୍ତାନକୁ ହରାଇଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସାହିତ୍ୟ ଘରର ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ତ୍ରେତାନନ୍ଦ ସାମନ୍ତ, ଅରୁଣ କୁମାର ଗଡ଼ନାୟକ, ମାନସ କୁମାର ନନ୍ଦ, ସୁନୀଲ କୁମାର ପ୍ରଧାନ, ଗାଳ୍ପିକା ରୀନାରାଣୀ ରାଉତରାୟ ପ୍ରମୁଖ ସ୍ୱର୍ଗତ ଶ୍ରୀ ସାହୁଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମକୁ ସାହିତ୍ୟ ଘରର ସମ୍ପାଦକ ତ୍ରିନାଥ ସାହୁ ପରିଚାଳନା କରିଥିବା ବେଳେ ହରିହର ଭୂକ୍ତା ଧନ୍ୟବାଦ ଦେଇଥିଲେ । ସାହିତ୍ୟ ଘରର କୋଷାଧ୍ୟକ୍ଷ ଅରୁଣ କୁମାର ରାଉତ, ବିଭୂତି ଭୂଷଣ ପାଣି, ହାଡ଼ିବନ୍ଧୁ ପ୍ରଧାନ, ଦିବାକର ଭୂତିଆ, ଅଜୟ ଶତପଥୀ, ପ୍ରଭାତ କୁମାର ରଥ, ବ୍ରହ୍ମା ନାଏକ, ବୈକୁଣ୍ଠ କୁମାର ସାହୁ, ପ୍ରଫୁଲ୍ଲ ଜୀବନ ରାଏ ପ୍ରମୁଖ ସଦସ୍ୟ ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଜୈବ ବିବିଧତା ନଥିପତ୍ର ପ୍ରସ୍ତୁତି ନିମନ୍ତେ ବର୍ଷା ଋତୁକାଳିନ କର୍ମଶାଳା

ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ବ୍ଲକ୍‌ର କୁଦଗାଁ ପଂଚାୟତ କାର୍ଯ୍ୟାଳୟ ଠାରେ ଜୈବବିବିଧତା ପରିଚାଳନା ସମିତିର ଜୈବବିବିଧତା ନଥିପତ୍ର ପ୍ରସ୍ତୁତି ନିମନ୍ତେ ବର୍ଷାଋତୁ କାଳୀନ ତଥ୍ୟ ସଂଗ୍ରହ କର୍ମଶାଳା ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଓଡିଶା ଜୈବବିବିଧତା ବୋର୍ଡ ଓ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ମିଳିତ ଉଦ୍ୟମରେ କୁଦଗାଁ ଗ୍ରାମ ପଂଚାୟତର ଜୈବବିବିଧତା ପରିଚାଳନା ସମିତିର ସଦସ୍ୟ ସଦସ୍ୟା ମାନେ ଓ ସଭ୍ୟ ସଂପାଦକ ଅଂଶଗ୍ରହଣ କରିଥିଲେ । ଉକ୍ତ କର୍ମଶାଳାରେ କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତୀ ଅଧ୍ୟକ୍ଷତା କରିଥିବା ବେଳେ ପରିବେଶବିତ ପ୍ରସନ୍ନ କୁମାର ବେହେରା, ଓଡିଶା ଜୈବବିବିଧତା ବୋର୍ଡର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଥିବା ଗବେଷକ ସିନୁ ଆରାଧନା, ଲକ୍ଷ୍ମୀପ୍ରିୟା ଦାସ୍ ଓ ତ୍ରିନାଥ ବଡନାୟକ ଏବଂ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ସଂଯୋଜକ ବିଜୟ କୁମାର ଜେନା ଜୈବବିବିଧତା ନଥିପତ୍ର ସମ୍ବନ୍ଧରେ ବିଷଦଭାବେ ଆଲୋଚନା କରି ତଥ୍ୟ ସଂଗ୍ରହର ଉଦ୍ଦେଶ୍ୟ, ଆବଶ୍ୟକତା ଏବଂ ପ୍ରଣାଳୀ ଉପରେ ଅଂଶ ଗ୍ରହଣକାରୀଙ୍କ ସହ ଖୋଲା ଆଲୋଚନା କରିଥିଲେ । ବିଏମସି ଅଧ୍ୟକ୍ଷ ଅଭିମନ୍ୟୁ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମାଧପୁର, ଲୁହାସିଂଗା, ପୁରୁଣାମାଣିତ୍ରୀ, ଆଠମଲ୍ଲିକ ଏନଏସିରେ ମଧ୍ୟ ୫ ଦିନ ଧରି ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ପ୍ରିୟବ୍ରତ ବେହେରା ଓ ଛବିଳ ବେହେରା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

# ସଂସ୍କୃତ ଶିକ୍ଷୟତ୍ରୀଙ୍କୁ ବଦଳି ଦାବିରେ ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରଛାତ୍ରୀ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଶାସନ ସ୍ଥିତ ଭାନିରାମ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷୟତ୍ରୀଙ୍କ ମନୋମୁଖୀ କାର୍ଯ୍ୟକୁ ନେଇ ଶୁକ୍ରବାର ଛାତ୍ରଛାତ୍ରୀ ମାନେ ଗେଟରେ ତାଲା ପକାଇ ଆନ୍ଦୋଳନ କରିବା ସହିତ ତୁରନ୍ତ ତାଙ୍କର ବଦଳି ଦାବୀ କରିଛନ୍ତି। ଭାନିରାମ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ସଂସ୍କୃତ ଶିକ୍ଷୟତ୍ରୀ ପ୍ରମିଳା ବେହେରାଙ୍କ ଉଗ୍ର ତଥା ବିଶୃଙ୍ଖଳିତ ଆଚରଣ ଯୋଗୁ ଗୁରୁବାର ପରିଚାଳନା କମିଟି ଅଭିଯୋଗ କରିଥିବା ବେଳେ ଆଜି ଛାତ୍ରଛାତ୍ରୀ ମାନେ ଗେଟରେତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ତୁରନ୍ତ ବଦଳି ପାଇଁ ଦାବୀ କରିଛନ୍ତି। ଛାତ୍ରଛାତ୍ରୀ ଓ



ସହକର୍ମୀମାନଙ୍କୁ ଶିକ୍ଷୟତ୍ରୀ ଜଣକ ବ୍ୟକ୍ତିଗତ ଆକ୍ଷେପ ସହ ଅସହ୍ୟ କଟୁଭାଷା ପ୍ରୟୋଗ ତଥା ବିଭିନ୍ନ ମିଥ୍ୟା ଅଭିଯୋଗରେ ଫସାଇବାର ଭୟ ଦେଖାଇଛନ୍ତି। ଏପରକି ଅଶାନ୍ତିମୟ ତଥା ବିବାଦୀୟ ପରିସ୍ଥିତି ସୃଷ୍ଟି କରିବା ସହିତ ବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ବିପର୍ଯ୍ୟସ୍ତ କରୁଥିବାର ଅଭିଯୋଗ କରିଛନ୍ତି। ସଂସ୍କୃତ ଶିକ୍ଷୟିତ୍ରୀ ପ୍ରମିଳା ବେହେରାଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବାକୁ ବିଦ୍ୟାଳୟ ପରିଚାଳନା କମିଟି ତଥା ପଞ୍ଚସଖା ଶିକ୍ଷାସେତୁର ସଦସ୍ୟ ସଦସ୍ୟାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିବା ବେଳେ ଆଜି ଛାତ୍ର ଛାତ୍ରୀମାନେ ଆନ୍ଦୋଳନ କରିଥିଲେ। ବିଦ୍ୟାଳୟରେ ସର୍ବଦା ବିବାଦୀୟ ପରିସ୍ଥିତି ସୃଷ୍ଟି କରି ବିଦ୍ୟାଳୟର ସୁନାମକୁ ନଷ୍ଟ କରୁଥିବା ଉକ୍ତ ଉଶୃଙ୍ଖଳ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ଆଶୁ ସମାଧାନ କରାନଗଲେ, ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ତଥା ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଦସ୍ୟା ମାନଙ୍କ ଦ୍ୱାରା ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯାଇଛି। ଏହୀ ଘଟଣାକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କୁ ପଠାଇ ଘଟଣାକୁ ସମାଧାନ କରିବା ସହିତ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବିଦ୍ୟାଳୟକୁ ହଟାଇ ଦେଇଥିବା ଜଣାପଡିଛି ।

# ଟ୍ରକ୍ ଓ ଆଇଚର ଧକ୍କା, ଦୁଇ ଗୁରୁତର

ବଇଣ୍ଡା, (ସବ୍ୟୁ): ହଣ୍ଡପା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୫ର ବଇଣ୍ଡା ନିକଟସ୍ଥ କଦଳୀ ମୁଣ୍ଡା ଠାରେ ଶୁକ୍ରବାର ଏକ ୧୬ ଚକିଆ ଟ୍ରକ ସହିତ ଆଇଚର ଧକ୍କା ହେବା ଫଳରେ ୨ଜଣ ଗୁରୁତର ହୋଇଛନ୍ତି । ଗୁରୁତର ଦୁଇଜଣଙ୍କୁ ସ୍ଥାନୀୟ ଲୋକ ଓ ଫାଣ୍ଡି କର୍ମଚାରୀଙ୍କ ଯୋଗେ ତାଙ୍କୁ ପ୍ରଥମେ ବଇଣ୍ଡା ପ୍ରାଥମିକ ଚିକିତ୍ସା ପରେ ଅନୁଗୋଳ ମୁଖ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଆହତ ମାନେ ହେଲେ ଦିପୁ ମହାଭୋଇ ଓ ବ୍ରଜବନ୍ଧୁ ପ୍ରଧାନ । କୋଇଲା ଟ୍ରକ ଚାଳକକୁ ପୋଲିସ ଅଟକ ରଖି ଉଭୟ ଗାଡ଼ି ଜବତ କରି ଏକ ମାମଲା ରୁଜୁ କରିଛି।

# କଂଗ୍ରେସର ବ୍ଲକ୍‌ସ୍ତରୀୟ କର୍ମୀ ସମ୍ମିଳନୀ

ଗୋଡ଼ିବନ୍ଧ,(ସବ୍ୟୁ): ପାଲହଡା ବିଧାନସଭା କ୍ଷେତ୍ରର କଣିହାଁ ବ୍ଲକ ସମଲ ବ୍ୟାରେଜ୍ ବିଷ୍ଣୁ ମନ୍ଦିର ପରିସରରେ କଂଗ୍ରେସର ବ୍ଲକ୍ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଯୁବନେତା ତଥା ବିଧାୟକ ପ୍ରାର୍ଥୀ ସୁବ୍ରତ ଗଡ଼ନାୟକଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୁଳ ଜିଲ୍ଲା ସଂଯୋଜକ ଅମ୍ବିକା ପ୍ରସାଦ ଭଞ୍ଜ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟିର ଉପ ସଭାପତି ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗଦେଇ ଆଗାମୀ ଦିନରେ ତୃଣମୂଳ ସ୍ତରରେ କର୍ମିଗଣ ଏକଜୁଟ ହେଇ ସଫଳତା ହାସଲ କରିବାର ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ରାଜ୍ୟରେ ବର୍ତ୍ତମାନ ନାରୀ ନିର୍ଯାତନା, ଉତ୍ପାଦିତ ଧାନର ଅଭାବୀ ବିକ୍ରି, ସାର ବିହନ ଅଭାବ,ଧାନ ମଣ୍ଡିର ଅବ୍ୟବସ୍ଥା, ଖରିଫ ଫସଲ ଉତ୍ପାଦନ ଉପରେ ଆଲୋଚନା କରି ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ। କଣିହାଁ ମୁକ୍ତାକାଶ କୋଇଲା ଖଣିର ବିସ୍ଥାପନ ଓ ସମଲ ଆନିକଟ ବବିସ୍ଥାପିତ ପ୍ରଜାଙ୍କ ସମସ୍ୟାର ସମାଧାନ, ଶିକ୍ଷିତ ଯୁବକ ଯୁବତୀଙ୍କ ନିଯୁକ୍ତି, ତାଳଚେର ଖଣି ଖାଦାନ ମାନଙ୍କରେ ଡ୍ରାଇଭରଙ୍କ ନିଯୁକ୍ତିରେ ଅନିୟମିତତା ଅଭିଯୋଗ ରାଜ୍ୟ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବିଧାୟକ ପ୍ରାର୍ଥୀ ଶ୍ରୀ ଗଡ଼ନାୟକ ସାର ଗର୍ଭକ ଉଦବୋଧନ ଦେଇ କହିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଫକୀର ମୋହନ ସାମଲ,ନାରୀନେତ୍ରୀ ମାଣିକ ପ୍ରଭା, ସୁଶ୍ରୀ ବେହେରା, ମାନ ରଞ୍ଜନ ପ୍ରଧାନ, ନରେନ୍ଦ୍ର ଗଡ଼ନାୟକ, ସୁଶାନ୍ତ ସାମଲ, ରବି ମହାନ୍ତି,ପ୍ରମୋଦ ବେହେରା, ପ୍ରତାପ ବେହେରା, ସୁକାନ୍ତ ସାହୁ, ହେମନ୍ତ ତୁଙ୍ଗ, ଟୁଟୁ ସାମଲ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ବ୍ରାଉନସୁଗର ବେପାରୀଙ୍କୁ ଧରି ଅବକାରୀ ବିଭାଗକୁ ହସ୍ତାନ୍ତର କଲେ ଗ୍ରାମବାସୀ

ସୋର, (ସବ୍ୟୁ) : ସୋରରେ ଏବେ ବ୍ୟାପକ ମାତ୍ରାରେ ବ୍ରାଉନ ସୁଗାର କାରବାର ହେଉଥିବା ବେଳେ ସୋର ପୌର ପାଳିକା ଅନ୍ତର୍ଗତ ପଠାଣ ମହଲ୍ଲା ଗ୍ରାମରେ ଗ୍ରାମବାସୀ ମାନେ ବେପାରୀ ଏବଂ ଖାଉଟିଙ୍କୁ ସବାଡ଼ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଫଳରେ ଶୁକ୍ରବାର ଅପରାହ୍ଣରେ ଜଣେ ବ୍ରାଉନ ସୁଗାର ବେପାରୀଙ୍କୁ ଧରି ଅବକାରୀ ବିଭାଗକୁ ହସ୍ତାନ୍ତର କରିଛନ୍ତି।ସୂଚନା ଅନୁସାରେ ପଠାଣ ମହଲ୍ଲା ଗ୍ରାମରେ ବ୍ରାଉନ ସୁଗାର କାରବାର ଏତେ ମାତ୍ରାରେ ବଢିଥିଲା ଯେ ଗ୍ରାମବାସୀମାନେ ଏଥିରେ ଅତିଷ୍ଠ ହୋଇପଡ଼ିଥିଲେ। ଫଳରେ ଗ୍ରାମବାସୀ ମାନେ ଏକତ୍ରିତ ହୋଇ ସେମାନଙ୍କୁ ସାବାଡ଼ କରିବା ପାଇଁ ଗାଁ ମୁଖିଆଙ୍କ ସହିତ ଆଲୋଚନା କରିଥିଲେ। ସେଥିପାଇଁ ଗତ ୩ ଦିନ ଧରି ଗ୍ରାମବାସୀ ମାନେ ବ୍ରାଉନ ସୁଗାର ସେବନ କରୁଥିବା ଯୁବକଙ୍କୁ ଧରି ଉତ୍ତମ ମାଧ୍ୟମ ଦେବା ଫଳରେ ସେମାନେ ବ୍ରାଉନ ସୁଗାର କିଣୁଥିବା ବେପାରୀଙ୍କ ନାମ କହିଥିଲେ। ଗ୍ରାମବାସୀ ମାନେ ତାଙ୍କ ଘରକୁ ଯାଇ ଖୋଜାଖୋଜି କରିଥିଲେ। ସେହିକ୍ରମରେ ଆଜି ଅପରାହ୍ଣରେ ଗ୍ରାମବାସୀ ମାନେ ବ୍ରାଉନ ସୁଗାର ବିକୁଥିବା ସେକ ରହିମତ ଅଲ୍ଲୀକୁ ଧରିଥିଲେ। ତାଙ୍କ ନିକଟରୁ ବ୍ରାଉନ ସୁଗାର ମିଳିବା ପରେ ପୁଲିସ ଏବଂ ଅବକାରୀ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସୋର ଅବକାରୀ ଅଧିକାରୀ ସୁରଜ ଟୀଗା ଏବଂ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମବାସୀ ମାନେ ରହିମତକୁ ଅବକାରୀ ବିଭାଗକୁ ହସ୍ତାନ୍ତର କରିଥିଲେ। ଅବକାରୀ ପୁଲିସ ତା ନିକଟରୁ ୧୬୦ ଗ୍ରାମ ବ୍ରାଉନ ସୁଗାର ଜବତ କରି ରହିମତକୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ତେବେ ଗ୍ରାମବାସୀଙ୍କର ଏହି ପଦକ୍ଷେପରେ ନିଶାଡି ଏବଂ ବ୍ରାଉନ ସୁଗାର ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ଖେଳି ଯାଇଛି। ଗ୍ରାମବାସୀ ମାନେ ସୋର ଅଞ୍ଚଳର ପ୍ରତ୍ୟେକ ଗ୍ରାମର ଗ୍ରାମବାସୀଙ୍କୁ ଏଭଳି ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।ନିଶା ସେବନ ଫଳରେ ଯୁବ ପିଢ଼ି ବିପଥଗାମୀ ହେଉଥିବା ବେଳେ ଅକାଳରେ ଅନେକଙ୍କ ଜୀବନ ଯାଉଛି। ତେବେ ପଠାଣ ମହଲ୍ଲା ଗ୍ରାମବାସୀଙ୍କ ଏ ଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂଶା କରାଯାଇଛି।

# ହାତୀଦାନ୍ତ କାରବାର : ୫ ଗିରଫ

## ୫ କିଲୋରୁ ଅଧିକ ଓଜନର ହାତୀଦାନ୍ତ ଜବତ




କେନ୍ଦୁଝର, (ସ୍ୱପ୍ର) : ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼େଇରେ ଏକ ବଡ଼ ସଫଳତା ହାସଲ କରି କେନ୍ଦୁଝର ବନ ବିଭାଗ ହାତୀ ଦାନ୍ତର ଅବୈଧ କାରବାର ଏବଂ ଚାଲାଣରେ ସମ୍ପୃକ୍ତ ପାଞ୍ଚ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ସ୍ୱିନ ବା ସିମ୍ପ୍ଲିପଲ ୱାଇଲ୍ଡଲାଇଫ୍ ଇଣ୍ଟେଲିଜେନ୍ସ ନେଟୱାର୍କ ଅଥବା ବନ୍ୟଜନ୍ତୁ ସୁରକ୍ଷା ଗୁଇନ୍ଦା ବ୍ୟବସ୍ଥା ଦ୍ୱାରା ଗୁପ୍ତଚର ସୂଚନା ପ୍ରଦାନ କରାଯାଇଥିଲା। ଏହି ଅଭିଯାନର ଯୋଜନା ଏବଂ କାର୍ଯ୍ୟକାରୀତା କେନ୍ଦୁଝର ବନ ବିଭାଗ ଏବଂ ସ୍ୱିନ ଦ୍ୱାରା ମିଳିତ ଭାବରେ କରାଯାଇଥିଲା। କେନ୍ଦୁଝର ଡ଼ିଏଫଓ ଧନରାଜ ଏଚ ଡିଙ୍କ ମାର୍ଗଦର୍ଶନରେ କରାଯାଇଥିବା ଏହି ଅଭିଯାନ, ଅଞ୍ଚଳରେ ଶିକାର ଏବଂ ଅବୈଧ ବନ୍ୟପ୍ରାଣୀ ବାଣିଜ୍ୟ ରୋକିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇ ପ୍ରାପ୍ତ ବିଶ୍ୱସ୍ତ ଗୁଇନ୍ଦା ସୂଚନା ଆଧାରରେ ଅଗଷ୍ଟ ୭ତାରିଖରେ ଏକ ସ୍ୱତନ୍ତ୍ରଦଳ ଗଠନ କରାଯାଇଥିଲା। ଯେଉଁଥିରେ ଅନ୍ତର୍ଭୁକ୍ତ ଥିଲେ ସହକାରୀ ବନ ସଂରକ୍ଷକ ବା ଏସିଏଫ ସୁଦୀପ୍ତ ପଣ୍ଡା, ଭୂୟାଁ ଜୁଆଙ୍ଗ ପିଢ ରେଞ୍ଜ ଅଧିକାରୀ ନୟାକାନ୍ତ ସାହୁ, ବନପାଳ କାଳିନ୍ଦୀ ଚରଣ ସାମଲ, ଜ୍ୟୋର୍ତିମୟୀ ପଟ୍ଟନାୟକ, ସରୋଜ କୁମାର ପାତ୍ର,ବନରକ୍ଷୀ ସୁବ୍ରତ ପାତ୍ର, ମିତ୍ରଭାନୁ ନାଏକ, ଏବଂ ମିଲିରାଣୀ ଦାଶ। ଶୁଆକାଟିସ୍ଥିତ ରେଞ୍ଜ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରୁ ଜଣାପଡ଼ିଛି ଯେ ଭୂୟାଁ ଜୁଆଙ୍ଗ ପିଢ ରେଞ୍ଜର ଶୁଆକାଟି ସେକ୍ସନର ବାଂଶପାଳ ବିଟ୍ ଅନ୍ତର୍ଗତ ବାଲିବେଡା ଗ୍ରାମରେ ହାତୀ ଦାନ୍ତ ସମ୍ପର୍କିତ ଏକ କାରବାର ହେବାର ସୁରାକ ପାଇ ଅନୁସନ୍ଧାନକାରୀ ଦଳ ଏକ ସର୍ଚ୍ଚ ୱାରେଣ୍ଟ ବଳରେ ଏହି ସନ୍ଦିଗ୍ଧ ଲୋକଙ୍କୁ ଧରିଥିଲା। ଶୁକ୍ରବାର ସକାଳ ପ୍ରାୟ ୧୦:୦୦ ଟା ସମୟରେ ବନବିଭାଗ ନୟାକୋଟ ଥାନା ଅନ୍ତର୍ଗତ ବାଲିବେଡା ଗ୍ରାମର ଗଙ୍ଗାଧର ପାତ୍ରଙ୍କ ଗୃହ ପରିସରରେ ଚଢାଉ କରିଥିଲା, ଯେଉଁଠାରେ ପାଞ୍ଚ ଜଣଙ୍କ ପାଖରେ ଚାରୋଟି ହାତୀ ଦାନ୍ତ ଥିବା ଦେଖିବାକୁ ମିଳିଥିଲା। ଜବତ ଦାନ୍ତଗୁଡ଼ିକର ପରିମାଣ ମୋଟ ୫କିଲୋ ୫୮ ଗ୍ରାମ ହେବ ବୋଲି ଜଣାପଡିଛି।

ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ନୟାକୋଟ ଥାନା ଅନ୍ତର୍ଗତ ବାଲିବେଡା ଗ୍ରାମର ଗଙ୍ଗାଧର ପାତ୍ର( ୪୧), ଜମ୍ବିରିପସି ଗ୍ରାମର ନାରଦ ମୁଣ୍ଡା (୨୫),ମୟୁରଭଞ୍ଜ ଜିଲ୍ଲାର ରରୁଆଁ ଥାନା ଅନ୍ତର୍ଗତ ଭାଲିଆଡିହାର କେଦାରନାଥ ପାତ୍ର (୪୯),ଚମ୍ପୁଆ ଥାନା ଅନ୍ତର୍ଗତ ଯୋଡାପୋଖରୀ ଗ୍ରାମର ଶ୍ରୀକୃଷ୍ଣ ଚନ୍ଦ୍ର ମୁଣ୍ଡା(୪୫) ଓ ସଦର ଥାନା ଅନ୍ତର୍ଗତ ବରଦାପାଳ ଗ୍ରାମର ଘସିରାମ ମୁଣ୍ଡା(୩୦)। ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ଡ଼ିଏଫଓ ଧନରାଜ ଏଚ ଡି ଙ୍କ ସମେତ ଅନ୍ୟ ବରିଷ୍ଠ ବନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ଖଇରା ପୋଲିସଠୁ ବଟିନେଇ ୩ ଗିରଫ

## ବନ୍ଧୁକ, ପଲସର ବାଇକ୍ ଜବତ



ଖଇରା, (ସବ୍ୟୁ) : ଖଇରା ଥାନା ଅଧୀନ ବରପଦା ଛକ ନିକଟରେ ଆତଙ୍କ ସୃଷ୍ଟି କରିବା ସହ ପୋଲିସ ନିକଟରୁ ବଟି ନେଇ ଖଇରା ଓ ଔପଦା ଥାନା ଅଞ୍ଚଳର ୩ଯୁବକ ଖଇରା ପୋଲିସ ହାତରେ ଧରା ପଡିଛନ୍ତି। କୋର୍ଟ ଚାଲାଣ ହୋଇଥିବା ଯୁବକ ମାନେ ହେଲେ ଖଇରା ଥାନା ଅଧୀନ ସରସତିଆ ଗ୍ରାମର ସଞ୍ଜିବ ମୁଖି ,ଔପଦା ଥାନା ଅଧିନ ପ୍ରତାପପୁର ଗ୍ରାମର ଉଜ୍ଜ୍ୱଳ ପ୍ରଧାନ ଓ କୃଷ୍ଣଦାସପୁର ଗ୍ରାମର ଦେବାଶିଷ ବିଶ୍ୱାଳ। ଗୁରୁବାର ରାତିରେ ସୋର-କୁପାରୀ ରାସ୍ତାର ବରପଦା ଛକରେ ଉପରୋକ୍ତ ୩ଜଣ ଯୁବକ ବନ୍ଧୁକ ଦେଖାଇ ଲୁଟପାଟ କରୁଥିବା ବେଳେ ଗ୍ରାମବାସୀ ମାନେ ଭୟଭିତ ଅବସ୍ଥାରେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପ୍ରଥମେ ଏଏସଆଇ ସଞ୍ଜୀବ ଖୁଣ୍ଟିଆ ଘଟଣାସ୍ଥଳକୁ ସାଧା ପୋଷାକ ଯିବା ରାସ୍ତାରେ ସେମାନେ ପ୍ରଥମେ ଧମକଚମକ ଦେଇ ତାଙ୍କ ପାଖରୁ ୨ଶହ ଟଙ୍କା ଛଡାଇ ନେଇଥିଲେ। ପରେ ଏଏସଆଇ ଖୁଣ୍ଟିଆ ଖଇରା ଆଇଆଇସି ସୁଚନ୍ଦ୍ର ମହାଲିକଙ୍କୁ ଜଣାଇବା ପରେ ଖଇରା ଥାନାରୁ ଏକ ଟିମ ପହଞ୍ଚି ଆତଙ୍କ ସୃଷ୍ଟି କରୁଥିବା ଏହି ଯୁବକ ମାନଙ୍କୁ ଗିରଫ କରିବା ସହ ତାଙ୍କ ନାମରେ ଏକ ମାମଲା(୨୪୪/୨୫) ରୁଜୁ କରିଥିଲେ। ବନ୍ଧୁକ ବ୍ୟତିତ ନଗଦ ୭ଶହ ଟଙ୍କା,ଏକ ପଲସର ବାଇକ ସହ ଅନ୍ୟକିଛି ମାରଣାସ୍ତ୍ର ଜବତ କରାଯାଇଥିବା ନେଇ ତଦନ୍ତକାରୀ ଅଧିକାରୀ ତପନ କୁମାର ଜେନା ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେବା ଅବସରରେ ପ୍ରକାଶ କରିଛନ୍ତି।

# ଆତ୍ମଘୋଷଣାନାମା ବଳରେ ହେଉ ଖରିଫ ଧାନ ବିକ୍ରି ଚାଷୀ ପଞ୍ଜିକରଣ

ଭଣ୍ଡାରିପୋଖରୀ, (ସବ୍ୟୁ) : ଚଳିତ ବର୍ଷ ଖରିଫ ଧାନ ବିକ୍ରୟ ପାଇଁ ଆଗ୍ରହୀ ଚାଷୀମାନଙ୍କୁ ମୃତ ଜମିପଟ୍ଟାଧାରୀଙ୍କ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଅଥବା ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ବଂଶାବଳୀ ପ୍ରଦାନ ବାଧ୍ୟତାମୂଳକ କରାଯାଇଛି। ଏହା ସହ ଅଂଶୀଦାର ମାଲିକମାନଙ୍କ ସ୍ୱୀକୃତି ଭଳି ସର୍ତ୍ତ ରଖାଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ଚାଷୀପଞ୍ଜିକରଣରେ ଜଟିଳତା ହୋଇଛି ଓ ପଞ୍ଜିକରଣ ଆଶାନୁରୂପ ହୋଇ ପାରିନାହିଁ। ପୂର୍ବବର୍ଷମାନଙ୍କରେ ଦଲାଲମାନେ ପଞ୍ଜିକରଣ ଅନାଗ୍ରହୀ ଚାଷୀଙ୍କ ଫଟୋ ଓ ଆଧାରକାର୍ଡ ସଂଗ୍ରହ କରି ଜମିମାଲିକଙ୍କ ଜାଲ ଦସ୍ତଖତ ବଳରେ ପଞ୍ଜିକରଣ କରିବା ସୁବିଧା ହାସଲ ଅନାୟାସରେ କରିପାରୁଥିଲେ। ଏହାଦ୍ୱାରା ଦଲାଲମାନେ ଧାନବିକ୍ରୟ କରି ଲକ୍ଷ ଲକ୍ଷ ଟଙ୍କା ମୁନାଫା କରିପାରୁଥିଲେ। ସମବାୟ ସମିତି ଓ ଅନ୍ୟାନ୍ୟ ମଣ୍ଡି, ସମବାୟ ବିଭାଗ ଓ ଯୋଗାଣ ବିଭାଗର ମିଳିତ ସହଭାଗିତାରେ ଦଲାଲିରାଜ ସଫଳତାର ସହ କାର୍ଯ୍ୟ କରୁଥିଲା। ଗତ ବର୍ଷ ସରକାର ଧାନ କ୍ୱିଣ୍ଟାଲ ପିଛା ଅତିରିକ୍ତ ୮ଶହ ଟଙ୍କା ମୂଲ୍ୟ ପ୍ରଦାନ କରିବା ସୁଯୋଗରୁ ଦଲାଲମାନଙ୍କ ବେପାର ଦ୍ୱିଗୁଣିତ ହୋଇଥିଲା। ଭାଗଚାଷୀ ପଞ୍ଜିକରଣ ତଥ୍ୟ ସାର୍ବଜନୀନ ହେଉନଥିବାରୁ ଏହି କାରବାର ଲୋକଲୋଚନକୁ ଆସୁପାରୁନଥିଲା। ଦଲାଲି କାରବାର ସୁରକ୍ଷିତ ରହୁଥିଲା। ଚଳିତ ବର୍ଷ ପରିବର୍ତ୍ତିତ ଚାଷୀ ପଞ୍ଜିକରଣ ସରକାରୀ ବ୍ୟବସ୍ଥା ଦଲାଲମାନଙ୍କ ନିଦ ହଜାଇ ଦେଇଛି। ଦଲାଲମାନଙ୍କ କାରବାର ଉପରେ ବହୁଅଂଶରେ ରୋକ ଲାଗିଛି ସତ। ମାତ୍ର ସାଧାରଣ ଚାଷୀମାନେ ମଧ୍ୟ ଅସୁବିଧାରେ ପଡୁଥିବା ଲକ୍ଷ୍ୟ କରାଯାଇଛି। ତହସିଲରୁ ମୃତ ଜମିପଟ୍ଟାଧାରୀଙ୍କ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଅଥବା ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ବଂଶାବଳୀ ହାସଲ ଅତ୍ୟନ୍ତ ଜଟିଳ କାର୍ଯ୍ୟ ଓ ସମୟ ସାପେକ୍ଷ ମଧ୍ୟ। ଏବେ ସଘନ ଚାଷକାର୍ଯ୍ୟ ଚାଲିଥିବା ବେଳେ ମୃତ ଜମିପଟ୍ଟାଧାରୀଙ୍କ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଅଥବା ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ବଂଶାବଳୀ ହାସଲ ପାଇଁ ସାଧାରଣ ଚାଷୀ ପକ୍ଷେ ସମୟ ଦେବା ସମ୍ଭବ ହେଉନାହିଁ। ଅନ୍ୟପକ୍ଷରେ ପଞ୍ଜିକରଣ ସମୟ ଅତିକ୍ରାନ୍ତ ହେଉଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ବାଲେଶ୍ୱର ଜିଲ୍ଲାପାଳ ଚାଷୀପଞ୍ଜିକରଣ ପାଇଁ ମୃତ ଜମିପଟ୍ଟାଧାରୀଙ୍କ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଅଥବା ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ବଂଶାବଳୀ ପ୍ରଦାନ ବଦଳରେ ଚାଷୀମାନଙ୍କ ଦ୍ୱାରା ସ୍ୱକୀୟ ଘୋଷଣାନାମାକୁ ବୈଧ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ଆଦେଶ ଜାରି କରିଛନ୍ତି। ଭଦ୍ରକ ଜିଲ୍ଲା ପ୍ରଶାସନ ଚାଷୀପଞ୍ଜିକରଣ ପାଇଁ ଏଭଳି ସରଳ ପଦ୍ଧତି ଗ୍ରହଣ କରିବାକୁ ଚାଷୀମାନଙ୍କ ପକ୍ଷରୁ ନିବେଦନ କରାଯାଇଛି। ଏ ସମ୍ପର୍କରେ ବିଚାର କରାଯାଉଛି ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ମତପ୍ରକାଶ କରିଛନ୍ତି।

# ତାଲିମପ୍ରାପ୍ତ ଯୋଗ୍ୟଙ୍କୁ ଅତିଥି ଶିକ୍ଷକ ନିଯୁକ୍ତି ପାଇଁ ଦାବି

ଆଗରପଡ଼ା, (ସବ୍ୟୁ) : ଅନୁଦାନପ୍ରାପ୍ତ, ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ଏବଂ ସଂସ୍କୃତ ଟୋଲ ସ୍କୁଲରେ ଅତିଥି ଶିକ୍ଷକ ନିଯୁକ୍ତି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। କିନ୍ତୁ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦିଆନଯାଇ,ତାଲିମପ୍ରାପ୍ତ ଯୋଗ୍ୟ ବେକାର ଯୁବକ ଯୁବତୀ ଯେଉଁମାନଙ୍କର ସରକାରୀ ଚକିରୀ କରିବା ବୟସ ଅତିକ୍ରାନ୍ତ ହୋଇଯାଇଛି ସେମାନଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବାକୁ ସ୍ୱେଚ୍ଛାସେବୀ ସଂସ୍ଥା ସିଏଫଡ୍ଲୁଏସଡି, ଲୋକଶକ୍ତି, ଜଗତଜ୍ୟୋତି ମହିଳା ମହାସଂଘ,ଉତ୍କଳ ମଣି ଯୁବ ପରିଷଦଙ୍କ ସମେତ ବିଭିନ୍ନ ସଙ୍ଗଠନ ସରକାରଙ୍କୁ ନିବେଦନ କରିଛନ୍ତି। ଏହାଦ୍ୱାରା ତାଲିମପ୍ରାପ୍ତ ବେକାର ଯୋଗ୍ୟ ଯୁବକଯୁବତୀ ସେମାନଙ୍କ ପ୍ରତିଭା ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପଢିବାରେ ବିନିଯୋଗ କରିବା ସହିତ ପରିବାର ପୋଷଣ ପାଇଁ ରୋଜଗାରକ୍ଷମ ହେବା ସହିତ ବିକାରୀ ସମସ୍ୟା କିଛି ମାତ୍ରାରେ ହ୍ରାସ ପାଇବ। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ରାଷ୍ଟ୍ରପତି ଭବନରୁ ଡାକରା ଆସିଲା ଛାତ୍ର ଲଳିତଙ୍କୁ

ନୀଳଗିରି, (ସବ୍ୟୁ) :ନୀଳଗିରି ବ୍ଲକ ଜାମୁଡିହା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରଶଂସାର ପାତ୍ର ପାଲଟିଛନ୍ତି ଲଳିତ ରାଉତ। ସୂଚନା ମୁତାବକ ବାଲେଶ୍ୱର ବାଲିଆ ଅଞ୍ଚଳର ମା ରଶ୍ମିତା ଦାସଙ୍କ ପୁତ୍ର ଲଳିତ କୁମାର ରାଉତ ଜାମୁଡିହା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରଅଟନ୍ତି।ଆସନ୍ତା ଅଗଷ୍ଟ ୧୫ ତାରିଖରେ ରାଷ୍ଟ୍ରପତି ଭବନରେ ଉଦ୍‌ବୋଧନ ଦେବାପାଇଁ ତାଙ୍କୁ ଡାକରା ଆସିଛି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ୨୦୨୩ ମସିହାରେ ପ୍ରତ୍ୟେକ ବିଦ୍ୟାଳୟରେ ବକ୍ତୃତା,ଚିତ୍ରାଙ୍କନ,ରଚନା ଲିଖନ ଆଦି ପରୀକ୍ଷା ମାନ ଆୟୋଜିତ ହୋଇଥିଲା।ଯେଉଁ ପ୍ରତିଯୋଗିତାରେ ଲଳିତ ପ୍ରଥମେ ସ୍କୁଲ ସ୍ତରରୁ ଯୋଗ୍ୟ ବିବେଚିତ ହୋଇ, ପରେ ଜିଲ୍ଲା,ରାଜ୍ୟ ଓ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିଥିଲେ।୨୦୨୪ ମସିହାରେ ଗୁଜୁରାଟରେ ଅନୁଷ୍ଠିତ ହୋଇଥିବା ଜାତୀୟ ସ୍ତରର ପ୍ରତିଯୋଗିତାରେ ସେ ସୁନ୍ଦର ପ୍ରଦର୍ଶନ କରି ପ୍ରଥମସ୍ଥାନ ଅଧିକାର କରିଥିଲେ।ଫଳରେ ଆଗାମୀ ସ୍ୱାଧୀନତା ଦିବସରେ ସେଠାରେ ନିଜ ଅନୁଭୂତି ପ୍ରଦାନ କରିବା ସହ ଉପସ୍ଥିତ ଅତିଥିଙ୍କୁ ଉଦବୋଧନ ଦେବାପାଇଁ ରାଷ୍ଟ୍ରପତି ଭବନରୁ ତାଙ୍କୁ ଡକରା ଆସିଛି।ଜିଲ୍ଲା ପ୍ରତିଯୋଗିତାର ଗୋଟିଏ ଦିନ ପୂର୍ବରୁ ମୁଁ ପ୍ରତିଯୋଗିତାକୁ ଯାଉଛି ବୋଲି ମତେ ପ୍ରିନ୍ସିପାଲ କହିଥିଲେ ଏବଂ ସ୍କୁଲର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଓ ମୋ ପରିବାରର ସହଯୋଗ ସହିତ ଭଗବାନଙ୍କ ଆର୍ଶିବାଦ ପାଇ ମୁଁ ଭଲ ପ୍ରଦର୍ଶନ କରିପାରିଥିଲି।କେବେ ଭାବିନଥିଲେ ରାଷ୍ଟ୍ରପତି ଭବନରୁ ଡାକରା ଆସିବ ବୋଲି। ସେଠାରେ ଯାଇ ନିଜର ଅନୁଭୂତି ପ୍ରଦାନ କରିବା ସହ କିଛି ଅଭିଭାଷଣ ଦେବାକୁ ଥିବାରୁ ସେଥିପାଇଁ ମୁଁ ବହୁତ ଖୁସି ଓ ଉତ୍ସାହିତ ଅଛି ବୋଲି ଲଳିତ କହିଛନ୍ତି।

# ପିଏମ ଶ୍ରୀକେନ୍ଦ୍ରୀୟ ବିଦ୍ୟାଳୟରେ ଏକ ଭାରତ ଶ୍ରେଷ୍ଠ ଭାରତ ସମାରୋହ

ଭଦ୍ରକ, (ସବ୍ୟୁ) : ପିଏମ ଶ୍ରୀକେନ୍ଦ୍ରୀୟ ବିଦ୍ୟାଳୟ ଭଦ୍ରକରେ ଏକ ଭାରତ ଶ୍ରେଷ୍ଠ ଭାରତ ସମାରୋହ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ଭଦ୍ରକ ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ରବି ନାରାୟଣ ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ବାର୍ଷିକ ଏକ ଭାରତ ଶ୍ରେଷ୍ଠ ଭାରତ ସମାରୋହର ଶୁଭାରମ୍ଭ କରିଥିଲେ ଏବଂ କେଭିଏସ ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ଶେଠ୍, ଦିଲ୍ଲୀପ କୁମାର ଚୌଧୁରୀ,ଅନନ୍ତ ପ୍ରସାଦ ମହାପାତ୍ର, ରମାକାନ୍ତ ସାମଲ, ପ୍ରଭାକର ସେନାପତି, ଏଫ୍.ସୁକାନ୍ତୀ ମିଶ୍ର ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ଉତ୍ସାହ ବୃଦ୍ଧି କରିଥିଲେ। ବିଦ୍ୟାଳୟର ଅଧକ୍ଷା ପଦ୍ମାବତୀ ଦ୍ୱିବେଦୀଙ୍କ ଦ୍ୱାରା ଅତିଥି ପରିଚୟ ଏବଂ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଜେତା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପଦକ ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ସିଡ଼ିଏମ୍‌ଓଙ୍କ ଠାକୁରମୁଣ୍ଡା ଗସ୍ତ ଡାକ୍ତର ବଦଳି ନେଇ ଘେରିଲେ ବୁଦ୍ଧିଜୀବୀ

ଠାକୁରମୁଣ୍ଡା, (ସବ୍ୟୁ) : ମୟୁରଭଞ୍ଜ ସିଡିଏମଓ ଡା. କେ.ସି ଆଚାର୍ଯ୍ୟ ୮ ତାରିଖରେ ଠାକୁରମୁଣ୍ଡା ଗସ୍ତରେ ଆସି ଫେରିଯାଇଛନ୍ତି। ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ବଦଳି ପରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ନେଇ ସିଡିଏମଓଙ୍କୁ ଘେରିଥିଲେ ବୁଦ୍ଧିଜୀବୀ। ଏହା ସିଡିଏମଓଙ୍କ ପ୍ରଥମ ଠାକୁରମୁଣ୍ଡା ଗସ୍ତ ଥିବାବେଳେ ସେ ତିକ୍ତ ମଧୁର ଅନୁଭୂତି ନେଇ ଫେରିଛନ୍ତି। ରାଷ୍ଟ୍ରୀୟ କୃମିନାଶକ କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପରେ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସମୀକ୍ଷା ବେଳେ ତାଙ୍କ ସହିତ ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡା. ଶାନ୍ତନୁ ଦାଶ ଓ ଡିପିଏମ ଅନିଲ ମହାନ୍ତି, ସ୍ଥାନୀୟ ଡାକ୍ତର ଉପସ୍ଥିତ ଥିଲେ। କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ସ୍ଥାନୀୟ ସମସ୍ୟା ନେଇ ସିଡିଏମଓ ଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ ସିଡିଏମଓଙ୍କୁ ଭେଟିବାକୁ ଚାହିଁବାରୁ ସେ ୨.୩୦କୁ ସମୟ ଦେଇଥିଲେ। ସଚେତନତା ତାଲିମ ସରିବା ପରେ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଭେଟି ଗତ ଜୁଲାଇ ୯ ତାରିଖରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ରିଲିଭ କରି ନେଇଥିବା ଆୟୁଷ ଡାକ୍ତରଙ୍କ ଅନୁପସ୍ଥିତିରେ ଏହା କିପରି ରେଫେରାଲ ସେଣ୍ଟର ହୋଇଛି ସେ ସମ୍ପର୍କରେ ଅବଗତ କରିଥିଲେ। ରୋଗୀଙ୍କ ଭରସା ତୁଟି ଥିବାରୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରୋଗୀ ଆସିବା ଛାଡି ଦେଲେଣି ବୋଲି ଅବଗତ କରିଥିଲେ। ଡାକ୍ତରଙ୍କୁ ତୁରନ୍ତ ଠାକୁରମୁଣ୍ଡାକୁ ଫେରେଇବା ପାଇଁ ଦାବି ଜଣାଇଥିଲେ। ଜିଲ୍ଲାପାଳ ଚୁକ୍ତିଭିତ୍ତିକ ଡାକ୍ତରଙ୍କ ବଦଳି କରୁଥିବାରୁ ତାଙ୍କୁ ସେ ଅବଗତ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ଠାକୁରମୁଣ୍ଡାକୁ ନଫେରାଇଲେ ଠାକୁରମୁଣ୍ଡା ବ୍ଲକରେ ଖାଲି ପଡ଼ିଥିବା ଅନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦେବାକୁ ପ୍ରସ୍ତାବ ଦେଇଥିଲେ। ଠାକୁରମୁଣ୍ଡା ପ୍ରେସକ୍ଲବ ସଭାପତି ଶରତ ତ୍ରିପାଠୀ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫେରସ୍ତ ଆଣିବାକୁ ଦାବି କରିଥିଲେ। ସାମ୍ବାଦିକ ହରେକୃଷ୍ଣ ତ୍ରିପାଠୀ, ଆଡ଼ଭୋକେଟ ଗଣେଶ୍ୱର ଗାଗରାଇ, ଗୋପାଳ ଦାସ, ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ତେବେ ଆଲୋଚନା କେବଳ ସିଡିଏମଓ ଏବଂ ଜନସାଧାରଣଙ୍କ ମଧ୍ୟରେ ସୀମିତ ନରହି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ କଥା ପହଞ୍ଚି ତୁରନ୍ତ ଡାକ୍ତର ଗିରିଶ ଅଧିକାରୀଙ୍କୁ ଠାକୁରମୁଣ୍ଡା ଫେରସ୍ତ କରାଯାଏ ସେ ଦିଗରେ ପଦକ୍ଷେପ ନେବାକୁ ସଚେତନ କରିଥିଲେ। ଜିଲ୍ଲାପାଳଙ୍କୁ ଅବଗତ କରିବେ ବୋଲି ସିଡିଏମଓ କହିବା ପରେ ବୁଦ୍ଧିଜୀବୀ ସିଡିଏମଓଙ୍କୁ ଧନ୍ୟବାଦ ଦେଇ ବିଦାୟ ନେଇଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଭାଷା ବିକାଶର ସାରସ୍ୱତ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା

ବାଲେଶ୍ୱର, (ସବ୍ୟୁ) : ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ବାଲେଶ୍ୱର ବରପାଲି ସାରସ୍ୱତ ସଂପ୍ରୀତି ଉପଲକ୍ଷେ ସମ୍ବଲପୁର ବିଶ୍ୱବିଦ୍ୟାଳୟଠାରେ ଗଙ୍ଗାଧରଙ୍କ ସଂପର୍କରେ ଏକ ଆଲୋଚନା ସଭା ଓଡ଼ିଆ ବିଭାଗର ମୁଖ୍ୟ ଡ.ନାକୁ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ଓଡ଼ିଆ ଭାଷା ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସଙ୍ଗେସଙ୍ଗେ କାବ୍ୟକବିତାରେ ଏକ ନୂତନ ଦିଗନ୍ତ ପ୍ରଦର୍ଶନ କରିଥିଲେ ବୋଲି ଡ.ହାଁସଦା ବକ୍ତବ୍ୟ ରଖିଥିଲେ। ବକ୍ତା ଭାବରେ ଯୋଗ ଦେଇଥିବା କବି ଡ. ହରିଶ୍ଚନ୍ଦ୍ର ବେହେରା, ଗବେଷକ ଡ.ଶିରୀଶ ଚନ୍ଦ୍ର ଜେନା ଓ ଯୁଗଶ୍ରୀ ଯୁଗନାରୀର ସଂପାଦିକା ମମତା ମହାପାତ୍ର ଗଙ୍ଗାଧରଙ୍କ କବିତା ରଚନାର ଶୈଳୀ ଓ ସୌନ୍ଦର୍ଯ୍ୟ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ରସ-ରତ୍ନାକରଠାରୁ ଆରମ୍ଭ କରି ପ୍ରଣୟ ବଲ୍ଲରୀ, ଇନ୍ଦୁମତୀ, କୀଚକବଧ ଇତ୍ୟାଦି କାବ୍ୟ ମାଧ୍ୟମରେ ଗଙ୍ଗାଧର ଆଧୁନିକ ଭାବଧାରାର ପ୍ରୟୋଗ କରିବା ସଙ୍ଗେସଙ୍ଗେ କେତେବେଳେ ରମ୍ୟରଚନା, କେତେବେଳେ କୃଷି ସଂପର୍କିତ ରଚନା ଓ ପୁଣି କେବେବେଳେ ଗଦ୍ୟ ରଚନାରେ ମନୋନିବେଶ କରି ନିଜର ପ୍ରତିଭାକୁ ସ୍ଫୁରଣ କରିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଫକୀରମୋହନ ସେନାପତିଙ୍କ ସଂପର୍କରେ ପ୍ରବନ୍ଧ ରଚନା କରି ଓ ଗଙ୍ଗାଧରଙ୍କ ଜୀବନୀ ରଚନା କରି ସାରସ୍ୱତ ଚର୍ଚ୍ଚାକୁ ବିସ୍ତୃତ କରିଥିବା ପ୍ରଫେସର ଅଶୋକ କୁମାର ଦାଶଙ୍କୁ ତଥା ଏହି ଦୁଇଜଣ ପ୍ରବାଦ ପୁରୁଷଙ୍କ ସଂପର୍କରେ ଲେଖନୀ ଚାଳନା କରିବା ସହିତ ଲୋକସାହିତ୍ୟରେ ନିଜକୁ ପ୍ରତିଷ୍ଠିତ କରିପାରିଥିବା ପ୍ରଫେସର କୁମୁଦ ରଂଜନ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରିଶେଷରେ ଫକୀରମୋହନ ଓ ଗଙ୍ଗାଧରଙ୍କ ସଂପର୍କକୁ ନେଇ ହେମେନ୍ଦ୍ର ମହାପାତ୍ରଙ୍କ ରଚିତ 'କମ୍ବଳ' ନାଟକକୁ ଭାଷାବିକାଶ ଆନ୍ଦୋଳନର ସଦସ୍ୟମାନଙ୍କଦ୍ୱରା ମଂଚସ୍ଥ କରାଯାଇଥିଲା। ଭାଷା ବିକାଶ ଆନ୍ଦୋଳନ ତରଫରୁ ନିରଂଜନ ରାଉତ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ତପନ ରାୟ, ଦୀପକ ବୋଷ, ଡ. ରତ୍ନାକର ସିଂହ, ଜ୍ୟୋତ୍ସ୍ନା ରାୟ, ଶରତ କୁମାର ମହାପାତ୍ର, କଲ୍ୟାଣୀ ନନ୍ଦ, ସୁବ୍ରତା ମହାନ୍ତି, କୃଷ୍ଣା ପ୍ରଧାନ, ଶାନ୍ତିଲତା ପଣ୍ଡା, ଜୁମରନାଥ ପାତ୍ର, ବାସନ୍ତୀ ଦେ, ମମତା ଦାସ, ସ୍ନିଗ୍ଧା ସାମନ୍ତରାୟ, ତୃପ୍ତିରାଣୀ ପାତ୍ର, ଡ. ଶିରୀଶ ଚନ୍ଦ୍ର ଜେନା, ଡ. ରମାକାନ୍ତ ନାୟକ, ଶୁଭଙ୍କର ମହାପାତ୍ର, ବେଣୁଧର ସାହୁ, ଦେବାଶିଷ ସିଂହ, ଯଶୋଧାରା ଦାସ, ଅର୍ଚ୍ଚନା ନନ୍ଦୀ, ଡ. ହରିଶ୍ଚନ୍ଦ୍ର ବେହେରା, ଦୀନବନ୍ଧୁ ଲେଙ୍କା, ପ୍ରଭାକର ସାହୁ, ସଂଜୟ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ପ୍ରତିମା ପଣ୍ଡା, ଗୀତାଞ୍ଜଳି ସିଂହ, ଗୀତାଞ୍ଜଳି ଶତପଥୀ, ଡ. ସାରଙ୍ଗଧର ତ୍ରିପାଠୀ ପ୍ରମୁଖଙ୍କ ସହିତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଡ.ଶୁକମୁନି ମେହେର କାର୍ଯ୍ୟକ୍ରମର ସୁନ୍ଦର ଭାବେ ସଂଚାଳନ କରିଥିବାବେଳେ ଡ.ଗୋପୀନାଥ ବାଗ କୃତଜ୍ଞତା ଜ୍ଞାପନ କରିଥିଲେ। ଏହିପରି ସାରସ୍ୱତ ସଂପର୍କ ନିରନ୍ତର ଭାବରେ ଅନୁଷ୍ଠିତ ହେବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ସମ୍ବଲପୁରରେ ଅସୁସ୍ଥତା ମଧ୍ୟରେ ଗତି କରୁଥିବା ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଭେଟି ସମସ୍ତେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ଓ ଆଶୁ ଆରୋଗ୍ୟ କାମନା କରିଥିଲେ।

# ଭୂଇଁରଳ ଆକ୍ରମଣରେ ବୃଦ୍ଧ ମୃତ

ଭଦ୍ରକ, (ସବ୍ୟୁ) : ଭୂଇଁରଳ ଆକ୍ରମଣରେ ବୃଦ୍ଧ ପୂଜକ ମୃତ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଗ୍ରାମାଂଚଳ ଥାନା ଓଲଙ୍ଗ ପଂଚାୟତରେ। ଓଲଙ୍ଗ ଶାସନ ଗ୍ରାମର ପୂଜକ ରାମଚନ୍ଦ୍ର ପଣ୍ଡା ଗତକାଲି ମନ୍ଦିର ପୂଜା ସରି ଘରକୁ ଫେରୁଥିବାବେଳେ ରାସ୍ତାରେ ଭୂଇଁରଳ ପୋକ ଆକ୍ରମଣ କରିଥିଲେ। ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବରପଦା ମେଡିକାଲକୁ ନେଇଥିବା ବେଳେ ସେଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ମାତ୍ର ଆଜି ସକାଳୁ ଅଧିକ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭଦ୍ରକ ମେଡିକାଲକୁ ଅଣା ଯାଇଥିଲା। ମାତ୍ର ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ଗ୍ରାମାଂଚଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ପୋଲିସ ଶବ ବ୍ୟବଚ୍ଛେଦ କରାଇଛି।

# ଜିନ୍ଦଲ ଷ୍ଟିଲ ପ୍ରତିଷ୍ଠା ଦିବସରେ ବଡ଼ବିଲ, କାଶିଆ ଓ ଟେନ୍ସା ୟୁନିଟ୍ ପକ୍ଷରୁ ଓପି ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦୁଝର( ସ୍ୱପ୍ର ) : ଜିନ୍ଦଲ ଷ୍ଟିଲ ଏହାର ପ୍ରତିଷ୍ଠାତା ବିଶିଷ୍ଟ ଶିଳ୍ପପତି ତଥା ଜିନ୍ଦଲ ପରିବାର ମଧ୍ୟରେ ବାଉଜୀ ଭାବେ ଲୋକପ୍ରିୟ ଓମପ୍ରକାଶ ଜିନ୍ଦଲଙ୍କ ୯୫ତମ ଜନ୍ମ ବାର୍ଷିକୀ ପାଳନ କରିଛି। ଏହି ଅବସରରେ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନସା ମାଇନ୍ସ ପକ୍ଷରୁ ବିଭିନ୍ନ ଆଧାତ୍ମିକ, ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ବଡ଼ବିଲ ପେଲେଟ ପ୍ଲାଣ୍ଟ କାର୍ଯ୍ୟାଳୟ ପରିସରରେ ଓପି ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ଟାଉନସିପ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ଏଥିରେ ୟୁନିଟ ହେଡ୍ ପୁରୁଷୋତ୍ତମ ଏମ.ଡି. ଓ ଏଚଆର ଏଣ୍ଡ ଇଏସ ମୁଖ୍ୟ ବିପିନ ବିହାରୀ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ସାମିଲ ହୋଇଥିଲେ। ସନ୍ଧ୍ୟାରେ କମ୍ୟୁନିଟି ହଲରେ ଜିନ୍ଦଲନଗର ଲେଡିଜ କ୍ଲବ ପକ୍ଷରୁ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାଶିଆ ମାଇନ୍ସରେ ମଧ୍ୟ ଆଧାତ୍ମିକ ପରିବେଶ ମଧ୍ୟରେ ଜନ୍ମବାର୍ଷିକୀ ପାଳିତ ହୋଇଛି। ଏହି ଅବସରରେ କର୍ମଚାରୀଙ୍କ ପକ୍ଷରୁ କଲୋନୀ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ବିକେଟି କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ ସେମାନଙ୍କ ପରିବାର ଏଥିରେ ସାମିଲ ହୋଇଥିଲେ। ଟେନ୍ସା ୟୁନିଟରେ ମଧ୍ୟ ଟାଉନସିପ ମନ୍ଦିରରେ ପୂଜାର୍ଚ୍ଚନା ସହ ଜନ୍ମ ବାର୍ଷିକୀ ପାଳିତ ହୋଇଥିଲା। ୟୁନିଟ ହେଡ୍ ଆର ଏସ ରଘୁବଂଶୀ, ଅନ୍ୟ କର୍ମଚାରୀ ଓ ସେମାନଙ୍କ ପରିବାର ଏଥିରେ ସାମିଲ ହୋଇଥିଲେ। ଟେନ୍ସା ସିଏସଆର ଟିମ ପକ୍ଷରୁ ଓପି ଜିନ୍ଦଲ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମାଞ୍ଚଳର ୧୯ଟି ଦଳ ଅଂଶଗ୍ରହଣ କରିଥିଲେ। ଟିମ ଶସ୍ୟକଳା ଓ ଟିମ ଜିରୋ ପଏଣ୍ଟ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ମାଧ୍ୟମରେ ଟିମ ଜିରୋ ପଏଣ୍ଟ ଟିମ ଶସ୍ୟକଳାକୁ ୪-୨ ଗୋଲରେ ହରାଇ ଚାମ୍ପିଅନ ହୋଇଥିଲା। ଆଖପାଖ ଅଞ୍ଚଳର ଶହଶହ ଲୋକ ଏହି ଟୁର୍ଣ୍ଣାମେଣ୍ଟ ଦେଖିବାକୁ ପହଞ୍ଚିଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବଣାଇ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଓ ସମ୍ମାନିତ ଅତିଥି ଭାବେ ବିକେଟି କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର, ଟେନ୍ସା ୟୁନିଟ ହେଡ୍ ଆର ଏସ. ରଘୁବଂଶୀ ଓ ସିଏସଆର ହେଡ୍ ଭର୍ଜିଲ ଲାକ୍ରା ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କୁରୁକ୍ଷେତ୍ର ସାଂସଦ ତଥା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ ମହାନ ଦୂରଦର୍ଶୀ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଉଲ୍ଲେଖ କରିଛନ୍ତି, ବାଉଜୀ ଶ୍ରୀ ଓମପ୍ରକାଶ ଜିନ୍ଦଲଜୀ କେବଳ ଜଣେ ମହାନ ଶିଳ୍ପପତି ନ ଥିଲେ, ସେ ଥିଲେ ଜଣେ ବାସ୍ତବ କର୍ମଯୋଗୀ, ଜନସେବକ, ସାମାଜିକ ସଂସ୍କାରକ ଓ ଆତ୍ମନିର୍ଭର ଭାରତ ଗଠନର ଅଗ୍ରଦୂତ। ତାଙ୍କ ଚିନ୍ତା, ମୂଲ୍ୟବୋଧ, ନୀତି ଆମକୁ ଆଜି ବି ମାର୍ଗଦର୍ଶନ କରାଉଛି।

ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ପ୍ରଶ୍ନୋତ୍ତରୀ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋୟାବାଲିସ୍ଥିତ ଜିନ୍ଦଲ ସ୍କୁଲର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ହେଡ୍ । ପ୍ରମୋଦ କୁମାର ପାତ୍ର ଓ ବଡ଼ବିଲ ୟୁନିଟ ହେଡ୍ ପୁରୁଷୋତ୍ତମ ଏମଡି. ୧୮ଜଣ ଅନ୍ତର୍ଜାତୀୟ ଉସୁ ଚାମ୍ପିଅନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।କାଶିଆ ୟୁନିଟ ପକ୍ଷରୁ ଆଦିବାସୀ ବିକାଶ ସମିତିର ଶତାଧିକ ଛାତ୍ରଛାତ୍ରୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ବିକେଟି ୟୁନିଟର ୟୁନିଟ ହେଡ୍, ଏଚଆର ମୁଖ୍ୟ ଓ ସିଏସଆର ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଧରଣୀଧର ବିଶ୍ୱବିଦ୍ୟାଳୟ ଓଏସ୍‌ଡି ପ୍ରତାପ ମହାନ୍ତିଙ୍କ ବହିଷ୍କାର ଦାବି




କେନ୍ଦୁଝର, (ସ୍ୱପ୍ର) : ଧରଣୀଧର ବିଶ୍ୱବିଦ୍ୟାଳୟର କାର୍ଯ୍ୟରତ ଓଏସଡି ପ୍ରଫେସର ପ୍ରତାପ ମହାନ୍ତି ଦୁଇବର୍ଷ ପାଇଁ ନିଯୁକ୍ତି ପାଇଥିଲେ। ତାଙ୍କର କାର୍ଯ୍ୟ କାଳ ଅଗଷ୍ଟ ୮ତାରିଖ ୨୦୨୫ରେ ସମାପ୍ତ ହେବାକୁଯାଉଛି। ତାଙ୍କ ଦୁଇବର୍ଷ କାର୍ଯ୍ୟ କାଳ ଭିତରେ ଅତିଥି ଅଧ୍ୟାପକମାନଙ୍କ ବେନିୟମ ନିଯୁକ୍ତି, ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳ ପ୍ରତିଯୋଗିତାରେ ଦୁର୍ନୀତି ଆର୍ଥିକ ଅନିୟମିତତାରେ ସେ ଲିପ୍ତ ରହିଥିବା ଅଭିଯୋଗ ରହିଥିବାରୁ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟରେ ବ୍ୟାପକ ବିଶୃଙ୍ଖଳା ସୃଷ୍ଟି ହୋଇଅଛି ତଥା ଶୈକ୍ଷିକ ବାତାବରଣ ମଧ୍ୟ ନଷ୍ଟ ହୋଇଅଛି। ଯାହା ଫଳରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ବୃଦ୍ଧି ହୋଇଛି। ଏସମ୍ପର୍କରେ କେନ୍ଦୁଝରର ବିଭିନ୍ନ ଅନୁଷ୍ଠାନ ଓ ଧରଣୀଧର ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ଉଚ୍ଚ ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ୧୦ ହଜାର ଲିଫଲେଟ ଜିଲ୍ଲା ସାରା ବଣ୍ଟା ଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତିନିଦିନିଆ ଧାରଣା ମଧ୍ୟ ଦିଆ ଯାଇଥିଲା। ଏଣୁ ବିଶ୍ୱବିଦ୍ୟାଳୟର ସ୍ୱାର୍ଥ ରକ୍ଷା ପାଇଁ ୨୦୨୫ ଅଗଷ୍ଟ ୮ତାରିଖ ପରେ ଓଏସଡିଙ୍କ କାର୍ଯ୍ୟକାଳ ଆହୁରି ନ ବଢାଇ ତାଙ୍କୁ ବହିଷ୍କାର କରାଯାଇ ତାଙ୍କ ଦୁର୍ନୀତିର ତଦନ୍ତ କରାଯାଉ ନଚେତ୍ ସମଗ୍ର ଜିଲ୍ଲାରେ ଜନ ଅସନ୍ତୋଷର ବହ୍ନି ଜଳିବ ବୋଲି ଧରଣୀଧର କଲେଜ ସୁରକ୍ଷା ମଂଚର ଆବାହକ ତଥା କେନ୍ଦୁଝରରେ କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ଚକ୍ରଧର ସାହୁ ଚେତାବନୀ ଦେଇଛନ୍ତି।ଏ ସଂପର୍କରେ ସୁରକ୍ଷା ମଞ୍ଚ ତରଫରୁ ମାନ୍ୟବର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଦାବୀ ପତ୍ର ପ୍ରେରଣ କରାଯାଇଛି।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୧୧)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ )

**ନ ହି ଦେହଭୃତା ଶକ୍ୟଂ ତ୍ୟକ୍ତୁଂ କର୍ମାଣ୍ୟଶେଷତଃ ।**
**ଯସ୍ତୁ କର୍ମଫଳତ୍ୟାଗୀ ସ ତ୍ୟାଗୀତ୍ୟଭିଧୀୟତେ ॥ ୧୧ ॥**

(ନନୁ ଏବମ୍ଭୂତାତ୍ କର୍ମଫଳତ୍ୟାଗାତ୍ ବରଂ ସର୍ବକର୍ମଫଳତ୍ୟାଗଃ, ତଥା ସତି କର୍ମବିକ୍ଷେପାଭାବେନ ଜ୍ଞାନନିଷ୍ଠା ସୁଖଂ ସମ୍ପଦ୍ୟତେ ତତ୍ରାହ)–ଦେହଭୃତା ( ଦେହାଭିମାନବତା) ଅଶେଷତଃ (ନିଃଶେଷେଣ) କର୍ମାଣି (ସର୍ବାଣି କର୍ମାଣି), ତ୍ୟକ୍ତୁଂ ନ ହି ଶକ୍ୟାନି, ଯଃ ତୁ (କର୍ମାଣି କୁର୍ବନ ଅପି) କର୍ମଫଳତ୍ୟାଗୀ, ସଃ ତ୍ୟାଗୀ ଇତି ଅଭିଧୀୟତେ (କଥ୍ୟତେ) ॥ ୧୧ ॥

# ଅବିସ୍ମରଣୀୟ ଅଗଷ୍ଟ କ୍ରାନ୍ତି ଦିବସ

ପ୍ରକୃତରେ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆଗେଇ ନେବାକୁ ଅଗଷ୍ଟ କ୍ରାନ୍ତିର ଭୂମିକାକୁ ସହଜରେ କେହି ଭୁଲିପାରିବେ ନାହିଁ । ଆମ ଜାତୀୟ ଜୀବନରେ ଅଗଷ୍ଟ କ୍ରାନ୍ତି ବା ଭାରତ ଛାଡ଼ ଆନ୍ଦୋଳନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୧୯୪୨ ଅଗଷ୍ଟ ୯ ତାରିଖଟି ଯାହାକୁ 'ଅଗଷ୍ଟ କ୍ରାନ୍ତି' ଦିବସ ବୋଲି କୁହାଯାଇଥାଏ, ତାହାର ବଳିଷ୍ଠ ଭୂମିକା ହିଁ ଶେଷ ପର୍ଯ୍ୟାୟରେ ଆମର ସ୍ୱାଧୀନତା ଆନ୍ଦୋଳନକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ଯୋଗୁଁ ଭାରତ ଅହିଂସା ଆନ୍ଦୋଳନରେ ବିନା ରକ୍ତପାତରେ ବିଜୟ ଲାଭ କରିଥିଲା । ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଏହି ଅଗଷ୍ଟ ୯ର 'କର ବା ମର' ପରି ବଜ୍ର ଆହ୍ୱାନ ଭାରତବାସୀଙ୍କ ପାଇଁ ଥିଲା ବେଶ ପ୍ରେରଣାପ୍ରଦ ।

୧୯୩୦ରେ ଗାନ୍ଧିଜୀଙ୍କ ନେତୃତ୍ୱରେ ୧୯୩୦ରୁ ୧୯୩୨ ପର୍ଯ୍ୟନ୍ତ ସମଗ୍ର ଭାରତରେ ତତ୍କାଳୀନ ବ୍ରିଟିଶ ସରକାରଙ୍କ ବିରୋଧରେ ଯେଉଁ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହୋଇଥିଲା, ତାହାକୁ 'ଲବଣ ସତ୍ୟାଗ୍ରହ' ବୋଲି ମଧ୍ୟ କୁହାଯାଇଥାଏ । ତାହାର ପ୍ରାୟ ଦଶ ବର୍ଷ ପରେ ଗାନ୍ଧିଜୀଙ୍କ ଆହ୍ୱାନରେ ୧୯୪୨ର ଏହି ଭାରତ ଛାଡ଼ ବା ଅଗଷ୍ଟ କ୍ରାନ୍ତି ଆରମ୍ଭ ହୋଇଥିଲା । ଏହି ଅଗଷ୍ଟ କ୍ରାନ୍ତିର ବିରାଟ ଗଣ ଆନ୍ଦୋଳନ ପାଇଁ ପ୍ରକୃତରେ ୧୯୪୨ ଅଗଷ୍ଟର ୭, ୮ ଓ ୯ ଏହି ତିନୋଟି ଦିବସ ଥିଲା ଭିତ୍ତିଭୂମି । ଏହି ବିରାଟ ଗଣ ଆନ୍ଦୋଳନକୁ ଦମନ କରିବା ଲାଗି ତତ୍କାଳୀନ ବ୍ରିଟିଶ ସରକାର ବହୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନଥିଲେ । ଅଗଷ୍ଟ କ୍ରାନ୍ତି ଆନ୍ଦୋଳନର ପ୍ରଭାବ ଓଡ଼ିଶା ଉପରେ ମଧ୍ୟ ପଡ଼ିଥିଲା । ଏବେ ତ ଭାରତର ରାଷ୍ଟ୍ରପତି ଓଡ଼ିଶାର ଜଣେ ଆଦିବାସୀ ମହିଳା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । କେନ୍ଦ୍ରରେ ଆଦିବାସୀ ବ୍ୟାପାର ବିଭାଗର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଏ ଦୁହେଁ ମଧ୍ୟ ଆଦିବାସୀ । ଓଡ଼ିଶାର ସୀମାନ୍ତ କୋରାପୁଟ ଅଞ୍ଚଳର ଜଣେ ଆଦିବାସୀ ନେତା ଲକ୍ଷ୍ମଣ ନାଏକ ଏହି ଅଗଷ୍ଟ ବିପ୍ଳବରେ ସକ୍ରିୟ ଭାଗ ନେଇ ଶେଷରେ ଫାଶୀ ଖୁଣ୍ଟରେ ଝୁଲି ପଡ଼ିଥିଲେ । ଅଗଷ୍ଟ ବିପ୍ଳବରେ ଫାଶୀ ପାଇଥିବା ଏକମାତ୍ର ଓଡ଼ିଆ ଆଦିବାସୀ ଥିଲେ ପ୍ରକୃତରେ ଲକ୍ଷ୍ମଣ ନାଏକ । ୧୯୪୩ ମାର୍ଚ୍ଚ ୨୮ରେ ତାଙ୍କୁ ବ୍ରହ୍ମପୁର ଜେଲରେ ଫାଶୀ ଦିଆ ଯାଇଥିଲା । ସେ ଜଣେ ଫରେଷ୍ଟ ଗାର୍ଡକୁ କୁଆଡେ ହତ୍ୟା କରିଥିଲେ ବୋଲି ତତ୍କାଳୀନ ବ୍ରିଟିଶ ପୋଲିସ ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣିଥିଲେ ।

ଏହି 'ଅଗଷ୍ଟ କ୍ରାନ୍ତି' ଓ 'ଭାରତ ଛାଡ଼'ର ଆହ୍ୱାନ ଏବେ ବି ଆମମାନଙ୍କୁ ରୋମାଞ୍ଚିତ କରିଥାଏ । ଗାନ୍ଧିଜୀଙ୍କ 'କର ବା ମର'ର ଆହ୍ୱାନ ଏହି ଅଗଷ୍ଟ କ୍ରାନ୍ତିର ବିପ୍ଳବକୁ ଆହୁରି ପ୍ରଜ୍ୱଳିତ କରିଥିଲା । ଚତୁର ବ୍ରିଟିଶ ସରକାର ଏହି ଆନ୍ଦୋଳନକୁ ଦମନ କରିବାକୁ ଅଗଷ୍ଟ ୯ ତାରିଖ ଭୋରରୁ ଗାନ୍ଧିଜୀଙ୍କ ସମେତ ଭାରତର ତୁଙ୍ଗ ନେତାମାନଙ୍କୁ ଗିରଫ କରିନେଲେ । ମାତ୍ର ଏହି ଅଗଷ୍ଟ ବିପ୍ଳବର ନିଆଁ ଭାରତର ପୁରପଲ୍ଲୀଠାରୁ ଆରମ୍ଭ କରି ସର୍ବତ୍ର ଜଳି ଉଠିଲା । ଭାରତର ଆବାଳ ବୃଦ୍ଧ ବନିତାଙ୍କ ମୁହଁରେ କେବଳ ସେହି ଗୋଟିଏ କଥା, ଇଂରେଜ ତମେ 'ଭାରତ ଛାଡ଼' ! କୌଣସି ଅସ୍ତ୍ରଶସ୍ତ୍ର ନାହିଁ, ହିଂସାକାଣ୍ଡ ଭିଆଇବାର ପ୍ରଶ୍ନ ମଧ୍ୟ ଉଠୁ ନାହିଁ । ଅହିଂସା ଉପାୟରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଏତେ ବଡ଼ ଆନ୍ଦୋଳନ ସାରା ଭାରତରେ ହେଲା ଯେ ବ୍ରିଟିଶ ସରକାର ଭୟର କରିଗଲେ । ନିରୂପାୟ ହୋଇ ଭାରତକୁ ସ୍ୱାଧୀନ କରିବା ବ୍ୟତୀତ ଯେପରି ସେମାନଙ୍କର ଗତ୍ୟନ୍ତର ନଥିଲା ।

ଏହି ଅଗଷ୍ଟ କ୍ରାନ୍ତି ହେଉ ବା ଭାରତ ଛାଡ଼ ଆନ୍ଦୋଳନ ହେଉ, ତାହା ଥିଲା ଭାରତର ଶେଷ ପର୍ଯ୍ୟାୟର ସ୍ୱାଧୀନତା ଆନ୍ଦୋଳନ । ଭାରତର ଏହି ବିରାଟ ଗଣ ଆନ୍ଦୋଳନକୁ ସରକାରୀ ଓ ବେସରକାରୀ ସଂସ୍ଥାମାନେ ସ୍ମରଣ କରି ଉତ୍ସବ ପାଳନ କରିବା ଦରକାର । ଆମେମାନେ କେବଳ ଭାରତର ସ୍ୱାଧୀନତା ଦିବସ ଅଗଷ୍ଟ ପନ୍ଦରକୁ ମନେ ରଖି ଆସିଛୁ ସିନା, ଅଗଷ୍ଟ କ୍ରାନ୍ତି ବିଷୟରେ ବେଶୀ କିଛି ଜାଣି ନାହୁଁ କିମ୍ବା ଆମର ପିଲାମାନେ ସେ ବିଷୟରେ ବେଶୀ କିଛି ଜାଣିଥିବା ପରି ମନେ ହୁଏ ନାହିଁ । ତେବେ ସ୍ୱାଧୀନତାର ଅଠୋତ୍ତରୀ ବର୍ଷ ଅତିକ୍ରମ କରି ସାରିଲୁଣି ଆମେ । ୨୦୨୧ ଅଗଷ୍ଟ ୧୫ ତାରିଖରୁ ଆମେମାନେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ 'ସ୍ୱାଧୀନତାର ଅମୃତ ମହୋତ୍ସବ' ପାଳନ କରି ଆସିଥିଲୁ ଦୁଇବର୍ଷ ପାଇଁ, ଯାହାର ପରିସମାପ୍ତି ହୋଇଥିଲା ଗତ ୨୦୨୩ର ଅଗଷ୍ଟ ୧୫ ତାରିଖରେ । ଆମେ କିନ୍ତୁ ଏହି ସମୟରେ ନୂତନ କାଳଖଣ୍ଡରେ ପ୍ରବେଶ କରି ୨୦୪୭ରେ ସ୍ୱାଧୀନତାର ଶତବାର୍ଷିକ ପାଳନ କରିବା ସହିତ 'ବିକଶିତ ଭାରତ'ର ସ୍ୱପ୍ନକୁ ସାର୍ଥକ କରିବାକୁ ଯାଉଛୁଁ । ମାତ୍ର ଅଗଷ୍ଟ କ୍ରାନ୍ତିର ଅବଦାନକୁ ଆମେ କେହି ଭୁଲିଯିବା ଉଚିତ ହେବ ନାହିଁ । ଏବେ ବି ସେ ସ୍ମୃତି ଆମକୁ ରୋମାଞ୍ଚିତ କରି ଆସିଛି ।

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଡକ୍ଟର ସ୍ୱାମୀନାଥନ ଜୈବ ସୁଖ ଦୃଷ୍ଟିକୋଣର ଆବିଷ୍କର୍ତ୍ତା



**ଶ୍ରୀ ନରେନ୍ଦ୍ର ମୋଦୀ**
**ଭାରତର ପ୍ରଧାନମନ୍ତ୍ରୀ**

ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନ ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଥିଲେ, ଯାହାଙ୍କ ଅବଦାନ ଯୁଗାନ୍ତକାରୀ । ପ୍ରଫେସର ସ୍ୱାମୀନାଥନ ଜଣେ ମହାନ ବୈଜ୍ଞାନିକ ଥିଲେ ଯିଏ ବିଜ୍ଞାନକୁ ଜନସେବାର ମାଧ୍ୟମରେ ପରିଣତ କରିଥିଲେ । ସେ ଦେଶରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ । ସେ ମଧ୍ୟ ଏକ ଜ୍ଞାନଚେତନା ଜାଗ୍ରତ କରିଥିଲେ ଯାହା ଆଗାମୀ ଶତାବ୍ଦୀ ପାଇଁ ଭାରତର ନୀତି ଏବଂ ପ୍ରାଥମିକତାକୁ ମାର୍ଗଦର୍ଶନ କରିବ । ସ୍ୱାମୀନାଥନଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ସମସ୍ତଙ୍କୁ ମୁଁ ଶୁଭକାମନା ଜଣାଉଛି ।

ଗତ ଦଶ ବର୍ଷ ମଧ୍ୟରେ, ହସ୍ତତନ୍ତ କ୍ଷେତ୍ର ସାରା ଦେଶରେ ନୂତନ ଶକ୍ତି ଏବଂ ସ୍ୱୀକୃତି ହାସଲ କରିଛି । ଜାତୀୟ ହସ୍ତତନ୍ତ ଦିବସରେ ସମସ୍ତଙ୍କୁ, ବିଶେଷକରି ହସ୍ତତନ୍ତ କ୍ଷେତ୍ର ସହିତ ଜଡିତ ଲୋକଙ୍କୁ ମଧ୍ୟ ମୁଁ ଶୁଭେଚ୍ଛା ଜଣାଉଛି ।

ଡକ୍ଟର ଏମ୍.ଏସ୍. ସ୍ୱାମୀନାଥନଙ୍କ ସହିତ ବହୁ ବର୍ଷ ଧରି ମୋର ସମ୍ପର୍କ ଗୁଜରାଟର ପୂର୍ବ ପରିସ୍ଥିତିକୁ ମନେ ପକାଉଛି , ଯେଉଁଠାରେ ମରୁଡ଼ି ଏବଂ ବାତ୍ୟା ଯୋଗୁଁ କୃଷି କ୍ଷେତ୍ର କଠିନ ସମସ୍ୟାର ସମ୍ମୁଖୀନ ହୋଇଥିଲା । ମୁଖ୍ୟମନ୍ତ୍ରୀ ଭାବରେ ନିଜ କାର୍ଯ୍ୟକାଳ ସମୟରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପଦକ୍ଷେପ ଉପରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଫେସର ସ୍ୱାମୀନାଥନ ଏହି ପଦକ୍ଷେପ ପ୍ରତି ଅତ୍ୟନ୍ତ ଆଗ୍ରହ ଦେଖାଇଥିଲେ ଏବଂ ଖୋଲା ହୃଦୟ ସହ ପରାମର୍ଶ ପ୍ରଦାନ କରିଥିଲେ, ଯାହା ଏହାର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ପ୍ରାୟ କୋଡ଼ିଏ ବର୍ଷ ପୂର୍ବେ ତାମିଲନାଡୁରେ ପ୍ରଫେସର ସ୍ୱାମୀନାଥନଙ୍କ ଗବେଷଣା ଫାଉଣ୍ଡେସନ୍ କେନ୍ଦ୍ର ପରିଦର୍ଶନ କରିଥିଲି । ୨୦୧୭ ମସିହାରେ, ମୋତେ ସେଠାରେ ପ୍ରଫେସର ସ୍ୱାମୀନାଥନଙ୍କ ପୁସ୍ତକ 'ଦି କ୍ୱେଷ୍ଟ ଫର୍ ଏ ୱାର୍ଲ୍ଡ ୱିଦାଉଟ୍ ହଙ୍ଗର' ଉନ୍ମୋଚନ କରିବାର ସୁଯୋଗ ମିଳିଥିଲା । ୨୦୧୮ ମସିହାରେ, ବାରାଣସୀରେ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ଆଞ୍ଚଳିକ କେନ୍ଦ୍ରର ଉଦଘାଟନ ସମୟରେ, ପ୍ରଫେସର ସ୍ୱାମୀନାଥନଙ୍କ ମାର୍ଗଦର୍ଶନ ଅତ୍ୟନ୍ତ ଉପଯୋଗୀ ଥିଲା । ପ୍ରଫେସର ସ୍ୱାମୀନାଥନଙ୍କ ସହ ପ୍ରତ୍ୟେକ ଆଲୋଚନା ମୋତେ ଏକ ଶିକ୍ଷଣୀୟ ଅଭିଜ୍ଞତା ଦେଇଥିଲା । ମୁଁ ପ୍ରଫେସର ସ୍ୱାମୀନାଥନଙ୍କୁ ଥରେ କହିଥିଲି ଯେ, ବିଜ୍ଞାନ କେବଳ ଆବିଷ୍କାର ନୁହେଁ, ବରଂ ବିତରଣ ଏବଂ ଦୃଢ଼ ଭାବରେ ସେ ତାଙ୍କ କାର୍ଯ୍ୟ ମାଧ୍ୟମରେ ଏହା ପ୍ରମାଣିତ କରିଥିଲେ । ପ୍ରଫେସର ସ୍ୱାମୀନାଥନ କେବଳ ଗବେଷଣା କରିନଥିଲେ ବରଂ ଚାଷୀମାନଙ୍କୁ କୃଷି ପଦ୍ଧତି ପରିବର୍ତ୍ତନ କରିବାକୁ ପ୍ରେରଣା ଦେଇଥିଲେ । ଆଜି ମଧ୍ୟ, ପ୍ରଫେସର ସ୍ୱାମୀନାଥନଙ୍କ ଆଭିମୁଖ୍ୟ ଏବଂ ଚିନ୍ତାଧାରା ଭାରତର କୃଷି କ୍ଷେତ୍ରରେ ଦୃଶ୍ୟମାନ ହେଉଛି । ସେ ଭାରତ ମାତାର ଜଣେ ପ୍ରକୃତ ମଣି ଏବଂ ପ୍ରଫେସର ସ୍ୱାମୀନାଥନଙ୍କୁ ମୋ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ 'ଭାରତରତ୍ନ' ପ୍ରଦାନ କରାଯାଇଥିବାରୁ ମୁଁ ନିଜକୁ ସୌଭାଗ୍ୟବାନ ବୋଲି ମନେ କରୁଛି ।

ଡକ୍ଟର ଏମ. ଏସ. ସ୍ୱାମୀନାଥନ ଭାରତକୁ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ଅଭିଯାନର ନେତୃତ୍ୱ ନେଇଥିଲେ । ତାଙ୍କର ପରିଚୟ ସବୁଜ ବିପ୍ଳବଠାରୁ ଆଗକୁ ଆହୁରି ବିସ୍ତାରିତ । ରାସାୟନିକ ବ୍ୟବହାର ଏବଂ ଏକକ ଚାଷ ବୃଦ୍ଧିର ବିପଦ ବିଷୟରେ ଚାଷୀମାନଙ୍କ ମଧ୍ୟରେ ନିରନ୍ତର ସଚେତନତା ସେ ସୃଷ୍ଟି କରିଥିଲେ । ସେ ଶସ୍ୟ ଉତ୍ପାଦନରେ ବୃଦ୍ଧି ପାଇଁ କାର୍ଯ୍ୟ କରୁଥିଲେ, କିନ୍ତୁ ସେ ପରିବେଶ ଏବଂ ପୃଥିବୀ ମାତା ପ୍ରତି ସମାନ ଭାବରେ ବିବ୍ରତ ଥିଲେ । ଉଭୟ ଉଦ୍ଦେଶ୍ୟକୁ ସନ୍ତୁଳିତ କରିବା ଏବଂ ଉଦୀୟମାନ ସମସ୍ୟାଗୁଡ଼ିକର ମୁକାବିଲା କରିବା ପାଇଁ, ପ୍ରଫେସର ସ୍ୱାମୀନାଥନ ଚିରସବୁଜ ବିପ୍ଳବର ଧାରଣା ପ୍ରବର୍ତ୍ତନ କରିଥିଲେ । ସେ ଗ୍ରାମୀଣ ସମ୍ପ୍ରଦାୟ ଏବଂ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ଜୈବ-ଗ୍ରାମର ଦୃଷ୍ଟିକୋଣ ପ୍ରସ୍ତାବ ରଖିଥିଲେ । ସେ ସମ୍ପ୍ରଦାୟ ବିହନ ବ୍ୟାଙ୍କ ଏବଂ ଅର୍ଥକରୀ ଫସଲ ଭଳି ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିଥିଲେ ।

'ଡକ୍ଟର ଏମ. ଏସ. ସ୍ୱାମୀନାଥନ ବିଶ୍ୱାସ କରୁଥିଲେ ଯେ, ଜଳବାୟୁ ପରିବର୍ତ୍ତନ ଏବଂ ପୁଷ୍ଟିକର ଆହ୍ୱାନର ସମାଧାନ ସେହି ଫସଲରେ ରହିଛି', କୃଷିରେ ମରୁଡ଼ି ସହନଶୀଳତା ଏବଂ ଲୁଣ ସହନଶୀଳତା ଉପରେ ସେ ଗୁରୁତ୍ୱ ଦେଇଥିଲେ । ସେ ମଧ୍ୟ ବାଜରା କିମ୍ବା ଶ୍ରୀଅନ୍ନ ଉପରେ କାର୍ଯ୍ୟମାନ କରିଥିଲେ, ଯେତେବେଳେ ସେଗୁଡ଼ିକୁ ପ୍ରାୟତଃ ଅଣଦେଖା କରାଯାଇଥିଲା । କେତେ ବର୍ଷ ପୂର୍ବେ ସେ ମାନ୍‌ଗ୍ରୋଭର ଜେନେଟିକ୍ ଗୁଣଗୁଡ଼ିକୁ ଧାନରେ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ, ଯାହା ଫସଲକୁ ଅଧିକ ଜଳବାୟୁ-ସ୍ଥାପକ କରିବାରେ ସାହାଯ୍ୟ କରିବ । ଆଜି, ଜଳବାୟୁ ଅନୁକୂଳ ଏକ ବିଶ୍ୱ ପ୍ରାଥମିକତା ହେବା ସହିତ, ତାଙ୍କର ଚିନ୍ତାଧାରା ପ୍ରକୃତରେ କେତେ ଦୂରଦୃଷ୍ଟିସମ୍ପନ୍ନ ଥିଲା ତାହା ସ୍ପଷ୍ଟ ।

ଜୈବ ବିବିଧତା ବିଶ୍ୱସ୍ତରୀୟ ଆଲୋଚନାର ବିଷୟ ଏବଂ ସରକାର ଏହାକୁ ସଂରକ୍ଷଣ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବାବେଳେ, **ଡକ୍ଟର ଏମ୍.ଏସ୍. ସ୍ୱାମୀନାଥନ୍ ଜୈବ-ସୁଖର ଧାରଣାକୁ ପ୍ରବର୍ତ୍ତନ କରି ଆଉ ଗୋଟିଏ ପାଦ ଆଗକୁ ଯାଇଥିଲେ । ସେ ମନ୍ତବ୍ୟ ଦେଇଥିଲେ ଯେ, ଆଜିର ସମାବେଶ ସେହି ଚିନ୍ତାଧାରାର ଏକ ପ୍ରତିଫଳନ । ସେ ବିଶ୍ୱାସ କରୁଥିଲେ ଯେ, ଜୈବ ବିବିଧତାର ଶକ୍ତି ସ୍ଥାନୀୟ ସମ୍ପ୍ରଦାୟର ଜୀବନରେ ପରିବର୍ତ୍ତନ ଆଣିପାରିବ । ସ୍ଥାନୀୟ ସମ୍ପଦର ବ୍ୟବହାର ମାଧ୍ୟମରେ ଲୋକଙ୍କ ପାଇଁ ନୂତନ ଜୀବିକା ସୁଯୋଗ ସୃଷ୍ଟି କରାଯାଇପାରିବ । ତାଙ୍କ ସ୍ୱଭାବ ଅନୁଯାୟୀ, ଡକ୍ଟର ସ୍ୱାମୀନାଥନଙ୍କ ପାଖରେ ଧାରଣାକୁ ଭୂମିସ୍ତରୀୟ କାର୍ଯ୍ୟରେ ପରିଣତ କରିବାର ଏକ ଅନନ୍ୟ କ୍ଷମତା ଥିଲା । ତାଙ୍କ ଗବେଷଣା ଫାଉଣ୍ଡେସନ୍ ମାଧ୍ୟମରେ, ଡକ୍ଟର ସ୍ୱାମୀନାଥନ୍ ନୂତନ ଆବିଷ୍କାରର ଲାଭ ଚାଷୀଙ୍କ ପାଖରେ ପହଞ୍ଚାଇବା ପାଇଁ ନିରନ୍ତର କାର୍ଯ୍ୟ କରିଥିଲେ । ଛୋଟ ଚାଷୀ, ମତ୍ସ୍ୟଜୀବୀ ଏବଂ ଆଦିବାସୀ ସମ୍ପ୍ରଦାୟ ତାଙ୍କର ପ୍ରୟାସରୁ ବହୁଳ ଭାବରେ ଲାଭବାନ ହୋଇଥିଲେ ।**

ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନଙ୍କ ଉତ୍ସର୍ଗକୁ ସ୍ମରଣ କରି ସ୍ଥାପିତ 'ଫୁଡ୍ ଏଣ୍ଡ ପିସ୍ ପାଇଁ ଏମ୍.ଏସ୍. ସ୍ୱାମୀନାଥନ' ପୁରସ୍କାର ଆରମ୍ଭ ହେବାକୁ ନେଇ ମୁଁ ଆନନ୍ଦିତ । ଏହି ଅନ୍ତର୍ଜାତୀୟ ପୁରସ୍କାର ବିକାଶଶୀଳ ଦେଶର ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯିବ, ଯେଉଁମାନେ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ଖାଦ୍ୟ ଏବଂ ଶାନ୍ତି ମଧ୍ୟରେ ସମ୍ପର୍କ କେବଳ ଦାର୍ଶନିକ ନୁହେଁ ବରଂ ଗଭୀର ବ୍ୟବହାରିକ ମଧ୍ୟ । ଖାଦ୍ୟ ହେଉଛି ଜୀବନ ଏବଂ ଏହାକୁ କେବେବି ଅସମ୍ମାନ କିମ୍ବା ଅବହେଳା କରାଯିବା ଉଚିତ ନୁହେଁ । ଖାଦ୍ୟର ଯେକୌଣସି ସଙ୍କଟ ଅନିବାର୍ଯ୍ୟ ଭାବରେ ଜୀବନର ସଙ୍କଟ ଆଡ଼କୁ ଟାଣି ନେଇଯାଏ । ଯେତେବେଳେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବିପଦରେ ପଡ଼ିଯାଏ, ବିଶ୍ୱବ୍ୟାପୀ ଅଶାନ୍ତି ଅନିବାର୍ଯ୍ୟ ହୋଇଯାଏ । ଆଜିର ବିଶ୍ୱରେ ଖାଦ୍ୟ ଏବଂ ଶାନ୍ତି ପାଇଁ ଏମ୍.ଏସ୍. ସ୍ୱାମୀନାଥନ ପୁରସ୍କାରର ଗୁରୁତ୍ୱ ରହିଛି । ପୁରସ୍କାରର ପ୍ରଥମ ପ୍ରାପ୍ତକର୍ତ୍ତା ନାଇଜେରିଆର ପ୍ରଫେସର ଆଡେନଲେଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ।

ଭାରତୀୟ କୃଷିରେ ବର୍ତ୍ତମାନର ପ୍ରାଧାନ୍ୟକୁ ଦେଖି ଡକ୍ଟର ଏମ୍.ଏସ୍. ସ୍ୱାମୀନାଥନ୍ ଯେଉଁଠାରେ ଥାଆନ୍ତୁ ନା କାହିଁକି ନିଶ୍ଚିତ ଭାବରେ ଗର୍ବ ଅନୁଭବ କରିବେ । ଭାରତ ଆଜି କ୍ଷୀର, ଡାଲି ଏବଂ ପାଟ ଉତ୍ପାଦନରେ ପ୍ରଥମ ସ୍ଥାନରେ ରହିଛି । ଦେଶ ଚାଉଳ, ଗହମ, କପା, ଫଳ ଏବଂ ପନିପରିବା ଉତ୍ପାଦନରେ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ଅଛି ଏବଂ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଛ ଉତ୍ପାଦନକାରୀ ଦେଶ । ଗତ ବର୍ଷ ଭାରତ ସର୍ବାଧିକ ଖାଦ୍ୟ ଶସ୍ୟ ଉତ୍ପାଦନ ହାସଲ କରିଛି । ମୁଁ ଜୋର ଦେଇ କହିବି ଯେ, ଭାରତ ତୈଳବୀଜରେ ମଧ୍ୟ ରେକର୍ଡ ସ୍ଥାପନ କରୁଛି, ସୋୟାବିନ୍, ସୋରିଷ ଏବଂ ଚିନାବାଦାମ ଉତ୍ପାଦନ ରେକର୍ଡ ସ୍ତରରେ ପହଞ୍ଚିଛି ।

କୃଷକଙ୍କ କଲ୍ୟାଣ ହେଉଛି ଦେଶର ସର୍ବୋଚ୍ଚ ପ୍ରାଥମିକତା । ମୁଁ ଦୃଢ଼ତାର ସହ କହୁଛି ଯେ ଭାରତ କେବେ ବି ଏହାର ଚାଷୀ, ପଶୁପାଳକ ଏବଂ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ସହିତ ସାଲିସ କରିବ ନାହିଁ ।

***(ନୂଆଦିଲ୍ଲୀର ପୁସାରେ ଆୟୋଜିତ ଏମ୍.ଏସ୍ ସ୍ୱାମୀନାଥନ ଜନ୍ମ ଶତବାର୍ଷିକ ଉପଲକ୍ଷେ ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗତ ୭/୮/୨୫ରେ ଦେଇଥିବା ବକ୍ତୃତାର କିୟଦଂଶ)***

# ଓଡ଼ିଶାର ପ୍ରଥମ ମହିଳା ସଂଗ୍ରାମୀ ସରଳା ଦେବୀ



**ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ**

ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଅନେକ ସମସ୍ୟା ଭିତରୁ ଓଡ଼ିଆ ଭାଷା ଉପରେ ବଙ୍ଗାଳୀମାନଙ୍କର ଆକ୍ରମଣ, ବ୍ରାହ୍ମ ସମାଜର ପ୍ରଭାବ, ବିଧବାବିବାହର ଯୁକ୍ତି, ଅସ୍ପୃଶ୍ୟତାର ନିବାରଣ, ସ୍ୱାଧୀନତା ସଂଗ୍ରାମର ଆହ୍ୱାନ, ଓଡ଼ିଶାର ନାରୀ ଲେଖିକାମାନଙ୍କୁ ଆଗକୁ ଆସି ନିଜକୁ ପ୍ରକାଶ କରିବାକୁ ବାଧ୍ୟ କରିଥିଲା । ଯଦିଓ ଓଡିଶାର ଇତିହାସ ସେମାନଙ୍କୁ ଯଥେଷ୍ଟ ଗୁରୁତ୍ୱ ଦେଇନାହିଁ ତଥାପି କୋକିଳା ଦେବୀ, ରେବା ରାୟ, ନର୍ମଦା ଦେବୀ, ପ୍ରତିଭା ଦେବୀ, କୁନ୍ତଳାକୁମାରୀ ସାବତ , ସୀତାଦେବୀ ଖାଡେଙ୍ଗା, ସରଳା ଦେବୀ ଏବଂ ବିଦ୍ୟୁତପ୍ରଭା ଦେବୀ ଏକ ବଳିଷ୍ଠ ଏବଂ ଗୁରୁତ୍ୱପୂର୍ଣ୍ଣ ସାହିତ୍ୟିକ ପରମ୍ପରାର ଭିତ୍ତିଭୂମି ଓଡ଼ିଶାରେ ସ୍ଥାପିତ କରିଯାଇଛନ୍ତି ।

ସେଥିମଧ୍ୟରୁ ସରଳା ଦେବୀଙ୍କର ଜୀବନୀକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ତାଙ୍କର ଶିକ୍ଷା, ଲେଖିବାର ଶୈଳୀ ଏବଂ ଦାୟିତ୍ୱ ସମସ୍ତ ବାଧାବିଘ୍ନକୁ ସେ ସମୟରେ ଟପିଯାଥିଲା । ଆଧୁନିକ ଓଡ଼ିଶାର ଅନେକ କବିଙ୍କର କୃତି ଓ ସାଧନାକୁ ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବରେ ସେ ଟପିଯାଇଥିଲେ । ଅସୀମ ସାହସିନୀ, ସ୍ୱାଭିମାନୀ , ଦେଶପ୍ରେମୀ ଓ ସଂଗ୍ରାମୀ ମହିଳା ଭାରତରେ ନବଜାଗରଣ ଆଣିଥିବା ନାରୀମାନଙ୍କ ମଧ୍ୟରେ ଥିଲେ ଅନ୍ୟତମ । ଏହି ମହୀୟସୀ ବିଦୂଷୀ ନାରୀଙ୍କ ବ୍ୟକ୍ତିତ୍ୱ ନାନାବର୍ଣ୍ଣରେ ବର୍ଣ୍ଣିଳ । ନାରୀମାନେ ଗୃହକୋଣରେ ରହି ଭୋଗୁଥିବା ଯାତନା, ଅନ୍ଧବିଶ୍ୱାସର ଶିକାର ହେଉଥିବାରୁ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସେ ସଂକଳ୍ପ କରିଥିଲେ । ନାମ ଥିଲା ସରଳା, ମାତ୍ର ତାଙ୍କର ଗତିପଥ ବହୁ ବିଚିତ୍ରବର୍ଣ୍ଣରେ ବକ୍ର ଓ ସର୍ପିଳ ଥିଲା । ବହୁ ଘାତପ୍ରତିଘାତ ସହି, ବହୁ ଅପମାନ ସହିବା ମଧ୍ୟରେ ଗତିଶୀଳଥିଲା ତାଙ୍କର କଷ୍ଟକର ଜୀବନ । ସେ ସମୟରେ ସେ ଏତେ ଝଡଝଞ୍ଜା ମଧ୍ୟ ଦେଇ ଗତି କରିଛନ୍ତି ଯେ ସେ ହୋଇଯାଇଛନ୍ତି ଅନ୍ୟମାନଙ୍କ ପାଇଁ ଉଦାହରଣ ।

ଏହି ମହୀୟସୀ ନାରୀ ପ୍ରତିଭାଙ୍କର ଜନ୍ମ ୧୯୦୪ ମସିହା ଅଗଷ୍ଟ ୯ ତାରିଖରେ ଅବିଭକ୍ତ କଟକ ଜିଲ୍ଲାର ଜଗତସିଂହପୁର ବାଲିକୁଦା ନିକଟସ୍ଥ ଅରିଲୋ ଗ୍ରାମରେ ଏକ ରକ୍ଷଣଶୀଳ ସମ୍ଭ୍ରାନ୍ତ ପରିବାରରେ । ପିତାଙ୍କ ନାମ ବାସୁଦେବ କାନୁନଗୋ ଏବଂ ମାତାଙ୍କ ନାମ ପଦ୍ମାବତୀ ଦେବୀ । ମାତ୍ର ତତ୍କାଳୀନ କଲେକ୍ଟର ବାଳମୁକୁନ୍ଦ କାନୁନଗୋ ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରିଥିଲେ । ସେତେବେଳେ ଖଣ୍ଡିତ ଓଡ଼ିଶାରେ ମାତ୍ର କେତୋଟି ହାତଗଣତି ସ୍କୁଲଥିଲା । ମହିଳାମାନଙ୍କ ପାଇଁ ସ୍କୁଲ ବ୍ୟବସ୍ଥା ସ୍ୱପ୍ନ ପରି ଥିଲା । ପୁରୁଷମାନଙ୍କ ସହିତ ଏକାସାଙ୍ଗରେ ପଢିବାକୁ ଘରଲୋକମାନେ ଛାଡୁ ନ ଥିଲେ । ପିତା ବାଳମୁକୁନ୍ଦ ବାବୁ ବାଙ୍କିରେ କାର୍ଯ୍ୟ କରୁଥିବା ସମୟରେ ସରଳା ଦେବୀ ପାଠ ପଢିବାକୁ ଜିଦ୍ ଧରିବାରୁ ଜଣେ ଘରୋଇ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ତାଙ୍କର ପାଠପଢା ଆରମ୍ଭ ହୋଇଥିଲା । ସରଳାଙ୍କୁ ଆଠବର୍ଷ ହୋଇଥିବା ସମୟରେ ତାଙ୍କ ବାପାଙ୍କର କଟକକୁ ବଦଳି ହେଲା । କଟକ କାଳିଗଳିରେ ନୂଆକରି ଖୋଲିଥିବା ବାଳିକା ବିଦ୍ୟାଳୟରେ ସେ ନାମ ଲେଖାଇଲେ । ପୁଣି ବାପାଙ୍କର ୮ ମାସ ପରେ ସମ୍ବଲପୁର ବଦଳି ହେବାରୁ ସରଳାଙ୍କର ସ୍କୁଲ ଶିକ୍ଷା ସେଇଠି ରହିଲା । କିନ୍ତୁ ବିଦ୍ୟା ଅଧ୍ୟୟନର ପ୍ରବଳ ଆକାଂକ୍ଷା ଥିବାରୁ ଏବଂ ଦେଶବିଦେଶର କଥା ଜାଣିବାକୁ ପ୍ରବଳ ଆଗ୍ରହଥିବାରୁ ସେ ସ୍କୁଲକୁ ନ ଯାଇ ମଧ୍ୟ ରାଧାନାଥ ରାୟ, ମଧୁସୂଦନଙ୍କ ପରି ଦେଶପ୍ରେମୀଙ୍କର ଗ୍ରନ୍ଥାବଳୀ ଏବଂ ରାମାୟଣ, ମହାଭାରତ, ବଙ୍ଗଳାର ରବିନ୍ଦ୍ରନାଥ, ବଙ୍କିମଚନ୍ଦ୍ରଙ୍କ ରଚନାବଳୀ, ବହୁ ହିନ୍ଦୀ ପୁସ୍ତକ, ଛୋଟ ଛୋଟ ଇଂରାଜୀ ବହିମାନ ସଂଗ୍ରହ କରି ପଢିବାକୁ ଲାଗିଲେ । ବଙ୍କିମଚନ୍ଦ୍ରଙ୍କ ଆନନ୍ଦ ମଠ ପୁସ୍ତକ ଦ୍ୱାରା ସେ ବିଶେଷ ପ୍ରଭାବିତ ହୋଇଥିଲେ । ଉତ୍କଳଗୌରବ ମଧୁସୂଦନ ଏବଂ ଉତ୍କଳମଣି ଗୋପବନ୍ଧୁଙ୍କ କାର୍ଯ୍ୟଧାରାରେ ଏବଂ ଲେଖାରେ ସେ ଅତିମାତ୍ରାରେ ପ୍ରଭାବିତ ହୋଇଥିଲେ । ସ୍କୁଲ କଲେଜର ପାଠପଢୁଆ ପିଲାଙ୍କ ଠାରୁ ସେ ଅଧିକ ଜ୍ଞାନ ଅର୍ଜନ କରିପାରିଥିଲେ ।

ମାତ୍ର ୧୪ ବର୍ଷ ବୟସରେ ତାଙ୍କର ବିବାହ ହେଲା ଜଗତସିଂହପୁର ଚାଟରା ଗ୍ରାମର ଜମିଦାର ସ୍ୱର୍ଗତ ଦୁର୍ଗା ଚରଣ ମହାପାତ୍ରଙ୍କ ପୁତ୍ର ଉଚ୍ଚ ଶିକ୍ଷିତ ଓକିଲ ଭାଗିରଥୀ ମହାପାତ୍ରଙ୍କ ସହ । ସ୍ୱଚ୍ଛଳ ପରିବାରରେ ଭୋଗବିଳାସରେ ରହିବାକୁ ତାଙ୍କୁ ଭଲ ଲାଗୁନଥିଲା । ଶାଶୁଘରେ ବୋହୂମାନଙ୍କର ଅବସ୍ଥା ଏବଂ ବିଧବାମାନଙ୍କର ଦୟନୀୟ ଅବସ୍ଥା ତାଙ୍କ ମନକୁ ଦୁଃଖରେ ଭରି ଦେଇଥିଲା ଏବଂ ଏହି ସାମାଜିକ ଅନ୍ୟାୟ ପ୍ରଥା ବିରୁଦ୍ଧରେ ତାଙ୍କ ମନରେ ବିଦ୍ରୋହ ଜାଗ୍ରତ ହୋଇଥିଲା ।

ବିଂଶ ଶତାବ୍ଦୀରେ ପ୍ରଥମାର୍ଦ୍ଧରେ ଧନୀକ ଘରର କନ୍ୟା, ସମ୍ଭ୍ରାନ୍ତ ବଂଶର ଅବଗୁଣ୍ଠନବତୀ କୁଳବଧୂ ସରଳା ତତକାଳୀନ ସମସ୍ତ ରକ୍ଷଣଶୀଳ ଶୃଙ୍ଖଳାକୁ ପଦାଘାତ କରି , କୌଣସି ଲୋକଲଜ୍ଜାକୁ ଖାତିର ନ କରି ପରଦା ଅନ୍ତରାଳରୁ ବାହାରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ । ୧୯୧୯ ଜାଲିଆନାୱାଲାବାଗ ହତ୍ୟାକାଣ୍ଡର ଲୋମହର୍ଷଣକାରୀ ଘଟଣାରେ ସେ ଏକମାତ୍ର ନାରୀ ଯିଏକି ସେହି ପ୍ରତିବାଦ ସଭାରେ ଯୋଗଦେଇ କଟକ ସହର ପରିକ୍ରମା କରିଥିଲେ । ସ୍ୱାମୀଙ୍କୁ ମଧ୍ୟ ଏଥିପାଇଁ ରାଜି କରେଇଥିଲେ । ପ୍ରତିବାଦ ସଭାରେ ତାଙ୍କର ଜ୍ୱାଳାମୁଖୀ ଭାଷଣ ସାରା ସହର ଓ ଓଡ଼ିଶାରେ ଚହଳ ସୃଷ୍ଟି କଲା । ବାସ୍, ତା'ପରେ ସେ ଆଉ ପଛକୁ ଫେରିନାହାନ୍ତି । ଆରମ୍ଭ ହେଲା ତାଙ୍କର ସଂଗ୍ରାମୀ ଜୀବନ । ବ୍ରିଟିଶ ସରକାରଙ୍କ ଅତ୍ୟାଚାର ଓ ସମାଜର କୁସଂସ୍କାର ବିରୁଦ୍ଧରେ ପ୍ରଥମ ନାରୀ ସ୍ୱାଧୀନତା ସଂଗ୍ରାମୀ ଭାବରେ ସବୁ କୁସ୍ୱାରଟନାକୁ ଭ୍ରୂକ୍ଷେପ ନକରି ଆଗେଇ ଚାଲିଲେ ।

୧୯୨୧ ମସିହାରେ ଗାନ୍ଧିଜୀଙ୍କ ସହିତ କସ୍ତୁରବା ଆସି କାଠଯୋଡି ନଈ ବାଲିରେ ସଭା କରିଥିଲେ । **ସରଳା ଦେବୀଙ୍କ ଉଦ୍ୟମରେ ଗାନ୍ଧିଜୀ ଓ କସ୍ତୁରବାଙ୍କ ଉପସ୍ଥିତିରେ କଟକ ଟାଉନହଲଠାରେ ଆୟୋଜନ ହେଲା ମହିଳାମାନଙ୍କ ସଭା । ସେଥିରେ ସରଳା ଦେବୀ ଗାନ୍ଧିଙ୍କ ଭାଷଣକୁ ଓଡ଼ିଆ ଅନୁବାଦ କରି ମହିଳାମାନଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇବାରୁ ଅଶିକ୍ଷିତ ମହିଳାମାନେ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ପ୍ରାୟ ୭୦ ଭରି ସୁନା, ବହୁ ରୁପା ଓ ନଗଦ ହଜାରେ ଟଙ୍କା ଗାନ୍ଧିଜୀଙ୍କ ଅନୁଷ୍ଠାନକୁ ଦାନ କରାଯାଇଥିଲା । ଏତେ ଅଳଙ୍କାର ଓ ଟଙ୍କା ସଂଗ୍ରହ କରିଥିବା ସରଳା ଦେବୀଙ୍କ ଉପରେ ଗାନ୍ଧିଜୀ ପୂର୍ଣ୍ଣ ଭରସା କରିଥିଲେ । ନିଜର ସବୁ ଅଳଙ୍କାର ଦାନକରି ଜୀବନର ଶେଷଯାଏ ସେ ସେହିପରି ନିରାଭରଣ ହୋଇ ରହିଥିଲେ । ସ୍ୱରାଜ ଆଶ୍ରମରେ ସରଳା ଦେବୀ ଗାନ୍ଧିଜୀ, କସ୍ତୁରବା ଓ ତାଙ୍କ ପୁତ୍ର ଦେବଦାସଙ୍କ ସହିତ ରହିଥିଲେ । ଗାନ୍ଧିଜୀଙ୍କୁ ଦେଖା କରିବାକୁ ଆସୁଥିବା ଲୋକମାନଙ୍କୁ ସେ ଦ୍ୱାରରେ ଯାଞ୍ଚକରି ପଠାଉଥିଲେ ।**

ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ପାଇଁ ବିପ୍ଳବର ଆଦ୍ୟବାର୍ତ୍ତା ପ୍ରଚାର କରିଥିଲେ ସରଳା ଦେବୀ । ସରଳା ନିଜ ସ୍ୱାମୀଙ୍କ ସହିତ ମିଶି ଅଳକାନନ୍ଦୀ କୂଳରେ ନିଜସ୍ୱ ଜମିରେ 'ଅଳକାଶ୍ରମ ' ନାମରେ ଏକ ଶିକ୍ଷାଶ୍ରମ ପ୍ରତିଷ୍ଠା କରି ମୌଳିକ ଶିକ୍ଷା ଦେଲେ । ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବାପରେ ଉତ୍କଳ କଂଗ୍ରେସର ପ୍ରତିନିଧି ଭାବରେ ଗଞ୍ଜାମକୁ ସେ ନିଜର କର୍ମସ୍ଥଳୀ ବାଛିଥିଲେ । ୧୯୩୦ରେ ଲବଣ ସତ୍ୟାଗ୍ରହରେ ଯୋଗ ଦେଇ ଗଞ୍ଜାମର ହୁମାଠାରେ ସତ୍ୟାଗ୍ରହ କଲାବେଳେ ସରକାରଙ୍କ ଦ୍ୱାରା ବନ୍ଦୀ ହୋଇ ପ୍ରଥମେ ବ୍ରହ୍ମପୁର ଓ ପରେ ମାନ୍ଦ୍ରାଜର ଭେଲୋର ଜେଲକୁ ସ୍ଥାନାନ୍ତରିତ ହୋଇଥିଲେ । ଭେଲୋର ଜେଲରେ ୬ ମାସ ରହିଲେ ।



**ସରଳାଦେବୀ ଓଡିଶାର ପ୍ରଥମ ମହିଳା ବନ୍ଦୀ । ତାଙ୍କର ଛୋଟପୁଅକୁ ଛାଡିଗଲାବେଳେ ଅତ୍ୟନ୍ତ ବ୍ୟଥିତ ହୋଇପଡିଥିଲେ । ଛତ୍ରପୁରରୁ ଭେଲୋର ଗଲାବେଳେ ପ୍ରତି ଷ୍ଟେସନରେ ତାଙ୍କୁ ଫୁଲମାଳ ଦେଉଥିଲେ ଲୋକେ । କାରାଗାରରୁ ବାହାରିବା ପରେ ୧୮ଟି ଅନୁଷ୍ଠାନରୁ ତାଙ୍କୁ ମାନପତ୍ର ଦେଇ ପାଛୋଟି ନେଇଥିଲେ ।** ଭାରତର ବହୁ ନାରୀ ସଂଗ୍ରାମୀମାନଙ୍କ ସହିତ ସେ ଜେଲରେ ଥିଲେ । ତାଙ୍କ ପାଇଁ କୁନ୍ତଳାକୁମାରୀ ଲେଖିଥିଲେ –

*'ବୀରବାଳା ମା' ସରଳା, କି ବୋଲି ତୋତେ*
*ବନ୍ଦିବୁ,ରୁଧିରେ ଅବିର ଖେଳି, ରଣେ ଅଗ୍ରସର*
*ହେବୁ ।'*

ସେ ପ୍ରାଦେଶିକ କଂଗ୍ରେସ କମିଟିର ସଦସ୍ୟା ଓ କଟକ କଂଗ୍ରେସ କମିଟିର ସମ୍ପାଦିକା ହୋଇଥିଲେ । ୧୯୩୦ ମସିହାରେ କରାଚି ଅଧିବେଶନରେ ଉତ୍କଳ କଂଗ୍ରେସର ପ୍ରତିନିଧି ଭାବରେ ଯୋଗ ଦେଇଥିଲେ । ବାଗ୍ମୀ ସରଳା ଦେବୀ ଓଡ଼ିଆ, ଇଂରାଜୀ ଓ ବଙ୍ଗଳା ଭାଷାରେ ଓଜସ୍ୱିନୀ ଭାଷଣ ଦେଇ ମନ୍ତ୍ରମୁଗ୍ଧ କରିଦେଉଥିଲେ । ଓଡ଼ିଆ ଯୁବସଂଘର ସଭାନେତ୍ରୀ ଭାବରେ ବହୁ ଯୁବକ ଯୁବତୀଙ୍କୁ ପ୍ରୋତ୍ସାହିତ କରିଥିଲେ । ଆନ୍ଦୋଳନରେ ଯୋଗଦେଇ ୩ବର୍ଷରୁ ଊର୍ଦ୍ଧ୍ୱ କଟକ, ସମ୍ବଲପୁର, ଭାଗଲପୁର, ହଜାରିବାଗ, ବ୍ରହ୍ମପୁର ଓ ଭେଲୋର ଜେଲରେ ସେ ରହିଥିଲେ ଓ ଅନେକବାର ଜୋରିମାନା ଦେଇଛନ୍ତି । ୧୯୩୭ରେ କଟକରୁ ଓଡ଼ିଶା ବିଧାନସଭାର ନାରୀ ପ୍ରତିନିଧି ଭାବେ ସେ ଯୋଗ ଦେଇଥିଲେ ଏବଂ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସ ଓ ଉପ-ବାଚସ୍ପତି ନନ୍ଦ କିଶୋର ଦାସଙ୍କ ଅନୁପସ୍ଥିତିରେ ଦିନକ ପାଇଁ ସେ ବାଚସ୍ପତି କାର୍ଯ୍ୟ ମଧ୍ୟ ତୁଲାଇଥିଲେ । ସେ ପ୍ରାୟ ୯ ବର୍ଷ କାଳ ବିଧାନସଭା ସଦସ୍ୟା ଥାଇ ବାଲ୍ୟବିବାହ ଆଇନ ସଂଶୋଧନ, ଯୌତୁକପ୍ରଥା ନିରୋଧ, ଦାସୀ ବା ପୋଇଲି ପ୍ରଥାର ଉଚ୍ଛେଦ ଆଦି ଅନେକ ଲୋକ ହିତକର କାର୍ଯ୍ୟ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ବିଲ୍, ଓଡ଼ିଶା ହାଇକୋର୍ଟ ସ୍ଥାପନ ବିଲ୍ ପାଶ୍ କରାଇଥିଲେ । ନାରୀଶିକ୍ଷାର ପ୍ରସାର ପାଇଁ ପ୍ରତି ସବ୍‌ଡିଭିଜନରେ ମହିଳା ସ୍କୁଲ ସ୍ଥାପନ ପାଇଁ ସରକାରଙ୍କ ସହ ଲଢି ସଫଳ ହୋଇଥିଲେ । ସେ ସମବାୟ ବ୍ୟାଙ୍କର ଡାଇରେକ୍ଟର ରୂପେ କାର୍ଯ୍ୟ କରିଥିଲେ । ନେତାଜୀ ସୁଭାଷ ବୋଷ ଓ ପଣ୍ଡିତ ନେହେରୁଙ୍କ ଦ୍ୱାରା ଗଠିତ ପ୍ଲାନିଂ କମିଟିରେ ସଦସ୍ୟା ଥିଲେ ମଧ୍ୟ ସେ ଥିଲେ ।

୧୯୪୧ରେ କଂଗ୍ରେସର ବ୍ୟକ୍ତିଗତ ସତ୍ୟାଗ୍ରହ ପାଇଁ ଗାନ୍ଧିଜୀ ସରଳାଙ୍କୁ ବାଛି ଥିଲେ । ଉତ୍କଳ ସମ୍ମିଳନୀର ସଦସ୍ୟା ଭାବରେ ବିଚ୍ଛିନ୍ନାଞ୍ଚଳକୁ ମିଶ୍ରଣ ପାଇଁ ଦାବୀ ଜଣାଇଥିଲେ । ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରିକରଣ ଓ ଭାଷା ସୁରକ୍ଷା ପାଇଁ ତାଙ୍କର ଅବଦାନ ଉଲ୍ଲେଖନୀୟ । ଗୋଟିଏ ଦିନ ବାଚସ୍ପତି ପଦ ସମ୍ଭାଳିଥିବା ସରଳା ଦେବୀ କାମ ଆରମ୍ଭ ପୂର୍ବରୁ ସବୁଲେଖା ଓଡ଼ିଆରେ ହେବ ବୋଲି ଘୋଷଣା କରିଥିଲେ । ଇଂରେଜ ଭାଷାରେ କାର୍ଯ୍ୟ ହେବାର ପରମ୍ପରାକୁ ମୁଁ ଆଜି ଭଙ୍ଗ କରୁଛି ବୋଲି କହିଥିଲେ । ନାରୀ ମାନଙ୍କ ସୁରକ୍ଷା ପାଇଁ ବିଧାନସଭାରେ ' Estate Womens Protection Act' ଗୃହୀତ କରିବାପାଇଁ ଦାବୀ ଜଣାଇଥିଲେ ।

ସେ ଜଣେ ଉଚ୍ଚକୋଟିର ସାହିତ୍ୟିକା, ସାମ୍ବାଦିକା, ପ୍ରଚଣ୍ଡ ଦେଶପ୍ରେମୀ, ସମାଜ ସଂସ୍କାରକ ଥିଲେ । ତାଙ୍କର କିଛି ବିଷୟ ମଧ୍ୟ ପାଠ୍ୟ ପୁସ୍ତକରେ ପଢାଯାଉଥିଲା ପୂର୍ବରୁ ।

'ଉତ୍କଳିକା' ଏବଂ 'ସବିତା' ପତ୍ରିକାର ସମ୍ପାଦିକା ଭାବରେ ନାରୀଜାଗରଣ ପାଇଁ କଲମ ଧରିଥିଲେ । କବିତାରୁ ତାଙ୍କର ସାହିତ୍ୟିକ ଜୀବନ ଆରମ୍ଭ ହୋଇ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଆଦିରେ ନିଜର ପରାକାଷ୍ଠା ଦେଖାଇଛନ୍ତି । ସେ ୪୭ ଖଣ୍ଡ ପୁସ୍ତକର ସ୍ରଷ୍ଟା । ଏବେବି ତାଙ୍କର ବହୁ ଲେଖା ଅପ୍ରକାଶିତ । ସବୁଜଗୋଷ୍ଠୀର 'ବାସନ୍ତୀ' ପତ୍ରିକାରେ ସେ ଏକମାତ୍ର ନାରୀ ଲେଖିକା ଥିଲେ । ୧୯୫୧ ମସିହାରେ ପ୍ରକାଶିତ ହୋଇଥିଲା ତାଙ୍କର 'ମହାଭାରତୀୟ ନାରୀର ଚିତ୍ର' ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା । ସାହିତ୍ୟ ଏକାଡେମୀ ତାଙ୍କର ରାୟ ରାମାନନ୍ଦ ପୁସ୍ତକ ପ୍ରକାଶ କରିଥିଲେ । 'ଉତ୍କଳ ସାହିତ୍ୟ ସମାଜ'ର ସେ ପାଞ୍ଚବର୍ଷ ନିର୍ବାଚିତ ସମ୍ପାଦିକା ଥିଲେ । ନାରୀଜାତିର ଉଶୃଙ୍ଖଳତା ସେ ସହ୍ୟ କରିପାରୁ ନ ଥିଲେ । ୧୯୮୬ ମସିହା ଅକ୍ଟୋବର ୪ ତାରିଖରେ ୮୨ ବର୍ଷ ବୟସରେ ତାଙ୍କର ଦେହାବସାନ ଘଟିଥିଲା । ଓଡ଼ିଶାରେ ଜଣେ ଲୌହମାନବୀ ବୋଲି ତାଙ୍କୁ କୁହାଗଲେ ବି ଅତ୍ୟୁକ୍ତି ହେବନାହିଁ । କୁନ୍ତଳାକୁମାରୀ ସାହିତ୍ୟରେ ତାଙ୍କ ଠାରୁ ଆଗୁଆ ଥିଲେ ବି ଅନ୍ୟ ସବୁକ୍ଷେତ୍ରରେ ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ । ତାଙ୍କର ଶୂନସ୍ଥାନ ଅପୂରଣୀୟ । ଏଯାଏଁ ତାଙ୍କର ଯଥାର୍ଥ ମୂଲ୍ୟାୟନ ହୋଇ ପାରିନାହିଁ ।

ଭୁବନେଶ୍ୱର
ମୋ-୮୮୯୫୨୭୪୭୯୪

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ପୁଟିନଙ୍କ...

ପ୍ରଭାବିତ ହେବ ବୋଲି ଜଣାପଡିଛି । ତେବେ ଅଗଷ୍ଟ ୨୭ରେ ଆହୁରି ଅତିରିକ୍ତ ୨୫% ଶୁଳ୍କ ଲାଗିବ ବୋଲି ଟ୍ରମ୍ପ ଘୋଷଣା କରିଛନ୍ତି । ୨୦୨୨ ମସିହାରୁ ଭାରତ ଋଷରୁ ଶସ୍ତା ତେଲ ଆମଦାନି କରୁଛି । ତେବେ ୟୁକ୍ରେନ୍ ସହ ଋଷ୍ ଯୁଦ୍ଧ କରୁଥିବାରୁ ପାଶ୍ଚାତ୍ୟ ଦେଶଗୁଡ଼ିକ ଋଷ୍ ଉପରେ କଟକଣା ଲଗାଇଛନ୍ତି । କଟକଣା ସତ୍ତ୍ୱେ ବି ଭାରତ ଋଷରୁ ତେଲ କିଣିବା ଜାରି ରଖିଛି । ଅଶୋଧିତ ତୈଳକୁ ବ୍ୟାରେଲ୍ ପିଛା ୬୦ ଆମେରିକୀୟ ଡଲାରରେ ଭାରତ କିଣୁଛି । ପୂର୍ବରୁ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ ତେଲ ଆମଦାନୀ ଭାରତର ଅର୍ଥନୀତି ପାଇଁ ଆବଶ୍ୟକତା ରହିଛି ।

## ହତ୍ୟାକୁ...

ସେହି ଯୁବକମାନେ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ବସ୍ତି ନିକଟ ଜଙ୍ଗଲ ଗଛରେ ଏକ ଗାମୁଛା ସାହାଯ୍ୟରେ ଶବକୁ ଝୁଲାଇ ଦେଇଥିବା ଅଭିଯୋଗ ହୋଇଛି । ପୋଲିସ କୌଣସି ସୂତ୍ରରୁ ଖବର ପାଇ ଶବ ଉଦ୍ଧାର ପାଇଁ ଶିବଙ୍କ ସ୍ତ୍ରୀଙ୍କୁ ଡାକିଥିଲା । ଶିବଙ୍କ ସ୍ତ୍ରୀ ଏହା ଶୁଣିବା ପରେ ଆଶ୍ଚର୍ଯ୍ୟଚକିତ ହୋଇଥିଲେ । ପୋଲିସ ଡାକିବା ପରେ ସେ ଘଟଣାସ୍ଥଳକୁ ଆସିବା ସହ ଶାଶୁଘରକୁ ଖବର କରିଥିଲେ । ଦାଦା ଶ୍ୱଶୁର ଓ ଦିଅର ପ୍ରଭୃତି ସମ୍ପର୍କୀୟମାନେ ପହଞ୍ଚିବା ପରେ ଶିବଙ୍କ ସ୍ତ୍ରୀ ତାଙ୍କ ପାଖରେ ଅଭିଯୋଗ କରିଥିଲା ଯେ, ପୋଲିସ ମୋତେ ସ୍ୱାମୀ ଆତ୍ମହତ୍ୟା କରିଥିବା ଲେଖିବାକୁ ବାଧ କରୁଛି । ଦାଦା ଶ୍ୱଶୁର ଓ ଅନ୍ୟମାନେ ଆତ୍ମହତ୍ୟା ସମ୍ପର୍କରେ ଲେଖିବାକୁ ମନା କରିଥିଲେ । ଗଣମାଧ୍ୟମ ପ୍ରତିନିଧି ଓ ଶିବଙ୍କ ସମ୍ପର୍କୀୟମାନେ ପହଞ୍ଚିବା ପରେ ପୋଲିସ ଅଫିସର ବୈକୁଣ୍ଠନାଥ ବେହେରା ତାଙ୍କ କଥା ବଦଳାଇ ଥିଲେ । ବୈକୁଣ୍ଠନାଥଙ୍କ କହିବାନୁଯାୟୀ ମୁଁ ଆତ୍ମହତ୍ୟା ଲେଖିବା କଥା କହିନାହିଁ । ଏବେବି ସମୟ ଅଛି, ଯାହା ଲେଖି ଦେଉଛ ଦିଅ, ତାହା ଗ୍ରହଣ କରାଯିବ ବୋଲି ପୋଲିସ ଅଫିସର କହିଥିଲେ । ଶିବଙ୍କ ସ୍ତ୍ରୀଙ୍କ କହିବାନୁଯାୟୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ସେ ତାଙ୍କ କଥା ବଦଳାଇ ଦେଉଛନ୍ତି । ଆତ୍ମହତ୍ୟା କଥା ଲେଖିବାକୁ ମୋତେ ବାଧ କରୁଥିଲେ । ଏ ସମ୍ପର୍କରେ ଟେଲିଫୋନ୍‌ରେ ମୁଁ ଦାଦା ଶ୍ୱଶୁରଙ୍କୁ ପଚାରିବାରୁ ସେ ମନା କରିବା ସହ ନିଜେ ପହଞ୍ଚିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ ।

ଶିବଙ୍କ ସ୍ତ୍ରୀ ହତ୍ୟା ଅଭିଯୋଗ କରିଛନ୍ତି । ସେ ତାଙ୍କ ଅଭିଯୋଗରେ ବସ୍ତିର କେତେକ ନିର୍ଦ୍ଦିଷ୍ଟ ଯୁବକଙ୍କ ସମ୍ପର୍କରେ ଲେଖିଥିବା ଜଣାଯାଇଛି । ପୋଲିସ ଶବ ପଞ୍ଚନାମା କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଶିବ ସ୍ତ୍ରୀଙ୍କ ଅଭିଯୋଗକୁ ପୋଲିସ ଗ୍ରହଣ କରିଥିଲେ ମଧ୍ୟ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇଛି । ପୋଲିସ କହିବାନୁଯାୟୀ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ହତ୍ୟା ରହସ୍ୟ ସ୍ପଷ୍ଟ ହେବ । ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଯାଇନଥିବାରୁ ଶିବଙ୍କ ପରିବାର ସନ୍ଦେହ ପ୍ରକଟ କରିଛନ୍ତି । ତାଙ୍କ କହିବାନୁଯାୟୀ ପୋଲିସ ଅଭିଯୁକ୍ତଙ୍କ କଥାରେ ପ୍ରଭାବିତ ହୋଇ ଏପରି କରୁଛି । ଏକ ଛୋଟିଆ ଗାମୁଛାରେ ଭାଇକୁ ଗଛରେ ଝୁଲାଇ ଦିଆଯାଇଥିବା ଶିବଙ୍କ ସାନଭାଇ ଅଭିଯୋଗ କରିଛନ୍ତି । ବିଭିନ୍ନ କଥାକୁ ନେଇ ଭରତପୁର ଥାନା ବିବାଦକୁ ଆସୁଛି । ବିବାଦୀୟ ମାମଲାରେ ନିଲମ୍ବିତ ଇନ୍ସପେକଟର କାର୍ଯ୍ୟରେ ଯୋଗ ଦେଇନଥିବା ବେଳେ ପୁଣି ଜଣେ ଅଫିସର ଯୁବକଙ୍କ ମୃତ୍ୟୁକୁ ନେଇ ବିବାଦୀୟ କାର୍ଯ୍ୟ କରୁଥିବା ସେହି ଅଞ୍ଚଳରେ ଚର୍ଚ୍ଚା ହେଉଛି ।

## କୋଟିଏ...

କିସ୍ତି ପାଇବେ । ମହିଳା ଏସ୍‌ଏସ୍‌ଜିଙ୍କୁ ୧୦ ଲକ୍ଷ ଟଙ୍କା ଋଣ ବିନା ସୁଧରେ ସରକାର ଦେବେ । ୧ କୋଟି ମହିଳାଙ୍କୁ କାଲି ତୃତୀୟ କିସ୍ତି ଦିଆଯିବ । ଏଥିପାଇଁ ୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । କୌଣସି ପ୍ରତିବନ୍ଧକ ସୁଭଦ୍ରା ଟଙ୍କା ପାଇବାରେ ସାଜିବ ନାହିଁ । କୋଟିଆ ପାଇଁ ସରକାର ନୂଆ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବେ । ଲକ୍ଷପତି ଦିଦି ଓ ସୁଭଦ୍ରା ହିତାଧିକାରୀଙ୍କ ଉତ୍ପାଦନ, ବିକ୍ରି ଓ ପ୍ରକ୍ରିୟାକରଣର ବ୍ୟବସ୍ଥା କରାଯିବ । ମୁଖ୍ୟମନ୍ତ୍ରୀ ଏହା ଆସନ୍ତାକାଲି ଜୟପୁରରେ ଘୋଷଣା କରିବେ । ଉପମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ନିତ୍ୟାନନ୍ଦ ଗଣ୍ଡ ଗସ୍ତରେ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଦୁଇଦିନ କୋରାପୁଟରେ ରହି ସବୁ ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା କରିବେ ବୋଲି ସେ କହିଛନ୍ତି ।

## ଏମ୍ସରେ...

ଟିମ୍ ଚଢାଉ କରି ନିଯୁକ୍ତି ସମ୍ପର୍କିତ ଜାଲିଆତିର କାଗଜପତ୍ର ଜବତ କରିବା ପରେ ତଦନ୍ତ ଆଗକୁ ବଢିଛି ।

ଏମ୍ସରେ ନିଯୁକ୍ତିରେ ଜାଲିଆତି ହେବାକୁ ନେଇ ସିବିଆଇ ଚଢାଉ କରୁଥିବା ବେଳେ ଏମ୍ସରେ ଚାକିରି କରାଇ ଦେବାକୁ କହି ବହୁ ଠକ ଲକ୍ଷ ଲକ୍ଷ ଟଙ୍କା ଚାକିରି ଆଶାୟୀଙ୍କ ଠାରୁ ଠକି ନେଇ ପୋଲିସରେ ଧରାପଡୁଛନ୍ତି । ଏମ୍ସ ନିଯୁକ୍ତିରେ ଯେଉଁ ବଡଧରଣର ନିଯୁକ୍ତି ଜାଲିଆତି ହୋଇଛି ତା'ର ପର୍ଦ୍ଦାଫାସ ହେଲେ ବହୁ ବଡବଡିଆଙ୍କ ମୁଖା ଖୋଲିବ ବୋଲି ଜଣେ ଅଫିସର କହିଛନ୍ତି ।

## ଆୟକର...

ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଥିବା ସିଲେକ୍ଟ କମିଟି ଏହି ବିଲ୍ ଉପରେ ଅନେକ ପ୍ରସ୍ତାବ ଦେଇଥିଲେ । ଜୁଲାଇ ୨୧ରେ ସଂସଦରେ ରିପୋର୍ଟ ଦାଖଲ ହୋଇଥିଲା । ୪୫୦୦ ପୃଷ୍ଠାର ରିପୋର୍ଟରେ ୨୮୫ଟି ପ୍ରସ୍ତାବ ଥିଲା । ଏଥିରେ ଏଭଳି କିଛି ପ୍ରସ୍ତାବ ରହିଛି ଯାହା ସାଧାରଣ ଲୋକଙ୍କୁ ବେଶ୍ ଫାଇଦା ଦେବ । ସିଲେକ୍ଟ କମିଟି ବିଭିନ୍ନ ବୈଧାନିକ ସମୀକ୍ଷା କରି ବିଲ୍ ସମ୍ପର୍କରେ ଅନେକ ପ୍ରସ୍ତାବ ଦେଇଛନ୍ତି । ଯେଉଁଭଳି ଭାବରେ ଏହି ନୂଆ ଆଇନ୍‌କୁ ଅଧିକ ସରଳୀକରଣ କରିବା ସହ ବ୍ୟକ୍ତିଗତ ଆୟକରଦାତାଙ୍କୁ ସହଯୋଗ କରିବ ଏବଂ ଏମ୍‌ଏସ୍‌ଏମ୍‌ଇର ଆୟକରଦାତାମାନେ ମଧ୍ୟ ଅନାବଶ୍ୟକ ପ୍ରତିବନ୍ଧକରୁ ଦୂରେଇ ଯିବେ । ବର୍ତ୍ତମାନ ପ୍ରଚଳିତ ଆୟକର ୧୯୬୧ ବିଲ୍‌ରେ ପ୍ରାୟ ୪୦୦୦ରୁ ଅଧିକ ସଂଶୋଧନ କରାଯାଇଛି । ବିଲ୍‌ର ସରଳୀକରଣ କରାଗଲେ କ୍ଷୁଦ୍ର ବ୍ୟବସାୟୀ ଏମ୍‌ଏସ୍‌ଏମ୍‌ଇ ଅଧିକ ଫାଇଦା ପାଇବେ ।

## ଚେନ୍ନାଇରୁ...

ଆଇଆଇସି ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ଗଠିତ ପୋଲିସ ଟିମ୍ ତଦନ୍ତ କରୁଛି । ପ୍ରେମିକ ବ୍ଲାକ୍‌ମେଲ୍‌ରେ ଅତିଷ୍ଠ ହୋଇ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା ମୃତ ଛାତ୍ରୀଙ୍କ ବାପା ପୋଲିସକୁ ବୟାନ ଦେଇଥିଲେ । ଗତକାଲି ମୃତ ଛାତ୍ରୀଙ୍କ ଶବ ବ୍ୟବଚ୍ଛେଦ କଟକ ଠାରେ କରାଯାଇଛି । ପରେ ଗତକାଲି ସନ୍ଧ୍ୟାରେ ତାର ମରଶରୀର କାଠିଆଗଡା ଗ୍ରାମରେ ପହଞ୍ଚିବା ପରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଆଜି ଅପରାହ୍ନରେ କେନ୍ଦ୍ରାପଡା ଏସ୍‌ପି, ପଟ୍ଟାମୁଣ୍ଡାଇ ମଡେଲ ଥାନା ଆଇଆଇସି ଓ ସାଇଣ୍ଟିଫିକ୍ ଟିମ୍ ମୃତ ଛାତ୍ରୀଙ୍କ ଘରେ ପହଞ୍ଚିଥିଲେ । ସେମାନେ ଯେଉଁ ଘରେ ଛାତ୍ରୀ ନିଆଁରେ ପୋଡି ଯାଇଥିଲା ତାର ଛାତ ଉପରକୁ ଯାଇ ଶିଡି ଘର ଓ ଗ୍ରିଲ୍ ନିକଟରେ ମୃତ୍ୟୁର କାରଣ ଓ ପାରିପାର୍ଶ୍ୱିକ ଅବସ୍ଥା ନିରୀକ୍ଷଣ କରିଥିଲେ । ପୋଲିସ ତାଙ୍କ ପରିବାର ଲୋକଙ୍କ ସହ ଗ୍ରାମବାସୀ ଓ ପଡିଶାଙ୍କ ମତାମତ ସଂଗ୍ରହ କରୁଛି । ତଦନ୍ତକାରୀ ପୋଲିସ ମୃତ ଛାତ୍ରୀଙ୍କ ବାପା ଓ ଅନ୍ୟ ପରିବାର ସଦସ୍ୟଙ୍କୁ ନିରୋଳା ସ୍ଥାନରେ ଜେରା କରିବାର ସମ୍ଭାବନା ରହିଛି । ମୃତ ଛାତ୍ରୀଙ୍କ ପ୍ରେମିକ କୁହାଯାଉଥିବା ଯୁବକଙ୍କୁ ସାମ୍ନାସାମ୍ନି ବସାଇ ଆବଶ୍ୟକ ପଡିଲେ ଜେରା କରାଯାଇପାରେ । ଖୁବ୍‌ଶୀଘ୍ର ଛାତ୍ରୀ ଆତ୍ମଦାହ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଏସ୍‌ପି କହିଛନ୍ତି । ମୃତ ଛାତ୍ରୀଙ୍କ ପ୍ରେମିକ କୁହାଯାଉଥିବା ବାପାଙ୍କ ବୟାନ ଅନୁଯାୟୀ ତାଙ୍କ ପୁଅକୁ ଫଶାଇ ଦିଆଯାଇଛି । ତାଙ୍କ ପୁଅ ସମ୍ପୂର୍ଣ୍ଣ ନିରୀହ ଓ ଏଥିରେ କୌଣସି ସମ୍ପୃକ୍ତି ନାହିଁ । ଛାତ୍ରୀଙ୍କ ଆତ୍ମଦାହ ଓ ମୃତ୍ୟୁ ପାଇଁ ତାଙ୍କ ପରିବାର ଲୋକ ଦାୟୀ ବୋଲି ପ୍ରେମିକଙ୍କ ପରିବାର ଓ କେତେକ ଗ୍ରାମବାସୀ ପ୍ରକାଶ କରିଛନ୍ତି । ଛାତ୍ରୀ ଆତ୍ମଦାହ ମାମଲାରେ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇନାହିଁ । ପୋଷ୍ଟମର୍ଟମ୍ ରିପୋର୍ଟ ଆଧାରରେ ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ତଦନ୍ତକାରୀ ଅଧିକାରୀ ପ୍ରକାଶ କରିଛନ୍ତି ।

# ସୋର ପୌରପାଳିକା, ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

ସୋର, (ସବ୍ୟୁ) : ସୋର ତହସିଲ ଓ ପୌରପାଳିକା ପକ୍ଷରୁ କଲେଜ ଛକ ଏବଂ ଟେଣ୍ଟେଇ ଗ୍ରାମରେ ଜବରଦଖଲ ଉଚ୍ଛେଦ କରାଯାଇଛି । ଶୁକ୍ରବାର ମଧ୍ୟାହ୍ନରେ ସୋର ପୌରାଞ୍ଚଳ କଲେଜ ଛକ ନିକଟରେ ଦୀର୍ଘଦିନରୁ ସରକାରୀ ଜାଗାରେ ହୋଇଥିବା ଏକ ଦୋକାନକୁ ଉଚ୍ଛେଦ କରାଯାଇଛି । ଦୋକାନଟି ଦୀର୍ଘ ବର୍ଷଧରି ଏଠାରେ ଥିବା ବେଳେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୂଳେ ତାଙ୍କୁ ୩ ଥର ନୋଟିସ କରାଯାଇଥିଲା । ଏ ବାବଦରେ ସ୍ଥାନୀୟ ଲୋକେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଅଜି ମଧ୍ୟାହ୍ନରେ ସୋର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ଓ ସୋର ତହସିଲଦାର ଦୈତାରୀ ମଲ୍ଲିକ ସୋର ପୁଲିସ ସହଯୋଗରେ ଏହି ଜବରଦଖଲକୁ ଉଚ୍ଛେଦ କରିଥିଲେ । ସେହିପରି ସୋର ତହସିଲ ଅଧିନ ତେଣ୍ଟେଇ ବଜାରରେ ୨ଡିସମିଲ ସରକାରୀ ଜାଗାରେ ଥିବା ୩ଟି ଦୋକାନକୁ ସୋର ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ସୋର ପୁଲିସ ସହାୟତାରେ ଉଚ୍ଛେଦ କରିଥିବା ସୂଚନା ମିଳିଛି ।

# ସ୍ୱାସ୍ଥ୍ୟସେବା ସମସ୍ୟା ସମାଧାନ ଦାବିରେ ଗଣଧାରଣା ନିଷ୍ପତ୍ତି

ବାଲେଶ୍ୱର (ସବ୍ୟୁ) : ଜିଲ୍ଲାର ସ୍ୱାସ୍ଥ୍ୟସେବା ସମସ୍ୟା ଦିନକୁ ଦିନ ବଢ଼ି ଚାଲିଥିବାରୁ ଓ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରୋଗୀମାନେ ଆବଶ୍ୟକୀୟ ସେବା ପାଇପାରୁନଥିବାର ଅଭିଯୋଗ ହେଉଛି । ସେହିପରି ରେମୁଣାସ୍ଥିତ ମେଡିକାଲ୍ କଲେଜ୍ ହସ୍‌ପିଟାଲରେ ମଧ୍ୟ ଉପଯୁକ୍ତ ସେବା ମିଳୁନାହିଁ । ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଆବଶ୍ୟକୀୟ ଯନ୍ତ୍ରପାତି ଓ ଚିକିତ୍ସା ଉପକରଣଗୁଡ଼ିକ ମେଡିକାଲ୍ କଲେଜକୁ ସ୍ଥାନାନ୍ତର ପରେ ରୋଗୀ ସେବାରେ ଉତ୍କଟ ସମସ୍ୟା ଉପୁଜିଛି । ବହୁ ସ୍ୱେଚ୍ଛାସେବୀ ସଂଗଠନମାନେ ଓ ଗଣମାଧ୍ୟମ ମାନେ ରୋଗୀମାନଙ୍କ ଏହି ସମସ୍ୟା ସମାଧାନ ପାଇଁ ସ୍ୱରଉତ୍ତୋଳନ କଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ । ମେଡିକାଲ୍ କଲେଜକୁ ସମସ୍ତ ବିଭାଗ ସ୍ଥାନାନ୍ତର ପୂର୍ବରୁ ଅନେକ ସମସ୍ୟାର ସମାଧାନ କରାଯାଇପାରିଥାଆନ୍ତା । ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ଥିବା ଉଚ୍ଚ କର୍ତ୍ତୃପକ୍ଷଙ୍କ ସମନ୍ୱୟ ଅଭାବରୁ ଓ ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ ଏହି ସମସ୍ୟା ଉତ୍କଟ ହୋଇଛି ବୋଲି ଶନିବାର ଦିନ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ବୈଠକରେ ମତପ୍ରକାଶ ପାଇଛି । ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଡ. କ୍ଷିତିଶ୍ୱର ଦାଶ, ସୀତାରାମ ପ୍ରଧାନ, ସରସ୍ୱତୀ ପଣ୍ଡା ଓ ଡ. କେଶବ ଚରଣ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ବାଲେଶ୍ୱରର ସମସ୍ତ ସାମାଜିକ ଓ ଗଣସଂଗଠନମାନଙ୍କୁ ନେଇ ଏକ ସପ୍ତାହବ୍ୟାପୀ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ସମର୍ଥନ ଜଣାଇ ଅକ୍ଷୟ କୁମାର ତ୍ରିପାଠୀ, ରବୀନ୍ଦ୍ର ଭୋଳ, ଶ୍ୟାମସୁନ୍ଦର ଜେନା ଓ ମାୟାଧର ନାୟକ ପ୍ରମୁଖ ଏହି ଆନ୍ଦୋଳନ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ । ଆସନ୍ତା ଶନିବାର ଅପରାହ୍ନରେ ଅନୁଷ୍ଠିତ ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକରେ ଚଳିତ ମାସରେ ଗଣଧାରଣା ପାଇଁ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ସଂଯୁକ୍ତା ବେହେରା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଆହତ

ବାଲେଶ୍ୱର, (ସବ୍ୟୁ) :ଶାସକ ଭାରତୀୟ ଜନତା ପାର୍ଟିର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ବାଥରୁମ୍‌ରେ ପଡ଼ିଯାଇ ଆହତ ହୋଇଛନ୍ତି । ପ୍ରାଥମିକ ଚିକିତ୍ସାପରେ ଶ୍ରୀ ଦାସ ଏବେ ବିଶ୍ରାମ ନେଉଥିବା ବେଳେ ବହୁ ଦଳୀୟ କର୍ମୀ ତଥା ବିଶିଷ୍ଟ ବ୍ୟକ୍ତି ବିଧାୟକ ଶ୍ରୀ ଦାସଙ୍କୁ ସାକ୍ଷାତ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ବିଧାୟକ ଶ୍ରୀ ଦାସ ଶୌଚହେବା ନିମନ୍ତେ ବାଥରୁମକୁ ଯାଇଥିବା ବେଳେ ଗୋଡ଼ ଖସରି ଯିବାରୁ ପଡ଼ିଯାଇ ଆହତ ହୋଇଥିଲେ ।


**AFFIDAVIT**

I, Aditya Shivraj Subarno, aged about 25 years, S/o- Rajesh Subarno, resident of Quarter No. 01, Type-VI, SIB Colony, Bidyut Marg, Unit-V, Capital PS, Bhubaneswar, District Khordha, Odisha, PIN-751001 do hereby declare by this affidavit No. 280, dated. 08.08.2025 that, now onwards I shall be known as ADITYA SUBARNO for all future purposes.

Sd/- Aditya Subarno

**AFFIDAVIT**

By virtue of an affidavit sworn before Executive Magistrate, Erasama, Dated. 24.07.2025, I, Dipak Kumar Dash, At-Saramula, Po-Bhiranga, Ps-Erasama, Dist-Jagatsinghpur, Declare that I have changed my daughter's name from Shreeyansi to Shreeyansi Dash. Henceforth, She shall be known as Shreeyansi Dash for all purposes.

Sd/- Dipak Kumar Dash

idco | ODISHA NEW OPPORTUNITIES

CAD-1380

**OFFICE OF THE DIVISIONAL HEAD, WS & EC DIVISION-II, IDCO, BHUBANESWAR-751022**

**QUOTATION CALL NOTICE**

Quotation Call Notice No. **WS&EC-II/D-1605/01/2022-23/**1435 Dated. 29.07.2025

Percentage rate Quotations are invited from the Manufacturers / Authorized Dealers of Wilo Mather & Platt for **"Procurement of Spares for repair of VMF15A pump set at KNIC Pump House, Jajpur"**. The Bid Document comprising of eligibility criteria, Instruction to Bidders, Scope of Work, BoQ, Drawings etc can be seen in e-procurement portal of Govt. of Odisha from 17.00 hours of dt. **16.08.2025** to 17.00 hours of **02.09.2025**. Bid Identification no is **WS&EC-II/D-2/2025-26**.

For Detail Quotation Call Notice, Terms & Condition, Specification and BoQ, please visit our website **www.idco.in** (Tender & Quotation).

Sd/- Divisional Head
WS&EC Division-II, IDCO,
Bhubaneswar

OIPR : 14003/11/0224/2526

Government of Odisha
Health and family welfare Department,Odisha
OFFICE OF THE DEAN-PRINCIPAL
GOVERNMENT MEDICAL COLLEGE HOSPITAL, PHULBANI,
DIST: KANDHAMAL

E-302

**CORRIGENDUM**

Cor-Advt.No.03/2025 Dated.08/08/2025

In continuation to this Department Tender Call notice No 1-662 dt;18.07.2025 , the due date for the receipt of tender documents for provding 2(Two) numbers of 15-SEATED AC BUSES Petrol/Diesel is hereby extended till 5 pm dt: 17.08.2025 and shall be opened on 19.08.2025 at 11.00 AM in presence of bidder or authorized representatives Terms and condition for Hiring Vehicles etc. will be available in website (https://kandhamal odisha.gov.in ).The undersigned reservses the right to reject any or all the tender(s) without assigning any reason thereof

Sd/- N.Behera
Dean & Principal
Govt. Medical College & Hospital,
Phulbani, Kandhamal

OIPR : 10270/11/0003/2526

GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNDARGARH
Office Order No. 1937 Date : 08.08.2025

Near Bana Durga Temple, Sankara, Sundargarh, Dist : Sundargarh, Pin-770020
Email : serw_sundargarh@yahoo.com
Via E-mail / E-despatch

O-572

**1st Corrigendum**

Under unavoidable circumstance, the following tender invited by this office vide Tender Online No.- RWCCESNG-06 of 2025-26 and This office Letter No. 1884 Date - 30.07.2025 is hereby Cancelled for the Sl.No.- as follows :

| Sl. No. | Name of work | Superintending Engineer, R.W. Division. | Estimated cost put to tender (Approx.) in Lakh | Time for Completion in month | Class of Contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 4 | Construction of Day Care PHC Buildings at Pithabhuin of Tangarpali Block under XV-PC for the year 2024-25. | TENDER CANCELLED | | | |
| 5 | Construction of Day Care PHC Building at Kundukela of Sadar Block under XV-FC for the year 2024-25. | TENDER CANCELLED | | | |

All other terms and Conditions are remained Unchanged.

Sd/- Chief Construction Engineer
Rural Works Circle, Sundargarh

OIPR : 25133/11/0058/2526

**AFFIDAVIT**

By virtue of an affidavit sworn before Notary Public, Kendrapara dated 06/08/2025 I, Hinali Prusty, D/o Batakrishna Prusty, Vill-Aenda, Po-Sukarapara, PS-Nischintakoili, Dist- Cuttack, Pin-754209 declare that I have changed my name from Henali Sahoo to Hinali Prusty. Henceforth, I shall be known as Hinali Prusty for all purposes.

Sd/- Hinali Prusty

ଚୌଦ୍ୱାର ପୌରପରିଷଦ କାର୍ଯ୍ୟାଳୟ, ଚୌଦ୍ୱାର
OFFICE OF THE MUNICIPAL COUNCIL, CHOUDWAR
Govt, of Odishn (H&U.D Dcptt) CUTTACK (ODISHA) PIN-754071
Phone No- 0671-2394272(O) e-mail: choudwarmunicipality@gmail.com
No. Dev/ 1153 Date : 07.08.2025

C-832

**Quotation Call Notice**

Sealed quotations are invited from the intending Authorized Firms/ Suppliers & Agencies having up to date GST Registration copy, PAN card copy and valid registration copy for supplying fitting and fixing of FRP Letter of ଜୟ ଚୌଦ୍ୱାର ଜୟ ଓଡ଼ିଶା inside Biju Pattnaik Park Ward No. 10 of Choudwar Municipality as per the description as follows.

| Sl No | Description |
|---|---|
| 1 | Work for applying FRP lining letter with colour pigments of ଜୟ ଚୌଦ୍ୱାର ଜୟ ଓଡ଼ିଶା and letter size should be 30 inches. |

The prescribed quotation schedule can be obtained from the office of the Choudwar Municipality, Choudwar during office hours on all working days from dt.08.08.2025 to dt.21.08.2025within 1.00 PM on payment of Rs.6000/- (Rupees Six Thousand) only in the shape of cash/Bank Cheque/Demand Draft in favour of the Executive Officer Choudwar Municipality towards the paper cost which is non-refundable. The Quotation paper will be received upto 1.00 PM by this office within dt.21.08.2025 through Regd post/Speed post or in person and the same will be opened on the same date at 3.00 PM in the office of Choudwar Municipality in the presence of the quotationer or their authorised representative who wishes to remain present. The quotation delay in postal delivery after due date and time will not be taken into consideration.

The authority reserves right to reject any or all quotations without assigning any reason thereof.

Sd/- Executive Officer,
Choudwar Municipality

OIPR : 13138/11/0045/2526

**AFFIDAVIT**

By virtue of an affidavit sworn before Notary Public, Kendrapara dated 05/08/2025 I, Prangya Priyadarsini Bahadur, W/o Jeet Bahadur, Vill- Ramnagarpatana, Po-Gulnagar, PS-Kendrapara, Dist-Kendrapara, Pin-754211 declare that I have changed my daughter's name from Sushree Samvedana to Ahwani Sushree Samvedana. Henceforth, she shall be known as Ahwani Sushree Samvedana for all purposes.

Sd/- Prangya Priyadarsini Bahadur

GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, RAYAGADA
Email ID-ccerwcrayagada@gmail.com
Letter No. 1648 / Date : 06.08.2025

O-561

**1st Corrigendum**

In Continuation to this office bid identification No. NCB-13/RWCRGDA/2025-26 invited vide this office letter No-1450 dated-15.07.2025 partial modification of TCN has been made as follows :

| Sl. No. | Item | Time schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt. 23.07.2025 at 11.00 A.M. to Dt. 12.08.2025 Up to 5.00 P.M. | Extended up to 5.00 PM of 26.08.2025 |
| 2 | Date & time of seeking tender clarification if any | Dt. 11.08.2025 Up to 5.00 P.M. | Dt. 25.08.2025 Up to 5.00 P.M. |
| 3 | Date & time of opening of tender (Technical Bid) | Dt. 13.08.2025 At 11.00 A.M. | Dt. 29.08.2025 At 11.00 A.M. |
| 4 | Date of Submission of original document such as Bid Security, Cost of Biddocument and Affidavit, (this date should be not later than three working days after the opening of Technical Qualificaiton part of the bid). | Dt. 16.08.2025 Up to 5.00 P.M. | Dt. 02.09.2025 Up to 5.00 P.M. |
| 5 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

Sd/- Chief Construction Engineer
RW Circle, Rayagada

OIPR : 25196/11/0027/2526

**ଡକ୍ୟୁମେଣ୍ଟ ହଜିଯାଇଛି**

ତା.୦୪.୦୮.୨୦୨୫ରିଖ ନୋଟାରୀ ପବ୍ଲିକ୍, ଜଗତସିଂହପୁରଙ୍କ ନିକଟରେ ଏକ ସତ୍ୟପାଠ ଦ୍ୱାରା ମୁଁ "ପ୍ରହଲ୍ଲାଦ ଖୁଣ୍ଟିଆ", ବୟସ ୭୫ ବର୍ଷ, ପିତା- ସ୍ୱ ଗୋପିନାଥ ବେହେରା, ଗ୍ରାମ ପୋ: ସାଁପୁର, ଥାନା/ଜିଲ୍ଲା: ଜଗତସିଂହପୁର, ଏତଦ୍ୱାରା ଜଣାଇ ଦେଉଅଛି ଯେ ପ୍ରହଲ୍ଲାଦ ଖୁଣ୍ଟିଆଙ୍କ ନାମରେ ଥିବା ଏକ ମୂଳ ବିକ୍ରୟ ଦଲିଲ ନଂ. ୧୩୮୬, ତା.୦୭.୦୬.୧୯୮୯ରିଖ, ମୌଜା: ସାଁପୁର ଏବଂ ପ୍ରହଲ୍ଲାଦ ଖୁଣ୍ଟିଆଙ୍କ ନାମରେ ଥିବା ଗୋଟିଏ ମୂଳ ଆର୍.ଓ.ଆର୍. ଯାହାର ଖତିୟାନ ନଂ. ୮୨୯, ମୁଁ ଗତ ତା.୨୯.୦୮.୨୦୨୫ ରିଖରେ ମୋର ବାସସ୍ଥାନରୁ ଜଗତସିଂହପୁର, ସାନବଜାରରେ ଉକ୍ତ ଦଲିଲ ଗୁଡ଼ିକ ଜେରକ୍ସ କରିବା ପାଇଁ ଯିବା ସମୟରେ କେଉଁଠାରେ ହଜିଯାଇ ଅଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଡକ୍ୟୁମେଣ୍ଟଗୁଡ଼ିକ ପାଇଛନ୍ତି/ପାଆନ୍ତି ତେବେ ନିମ୍ନଦର୍ଶିତ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରିବେ ।

ଯୋଗାଯୋଗ: ପ୍ରହଲ୍ଲାଦ ଖୁଣ୍ଟିଆ,
ମୋବାଇଲ ନଂ. ୯୧୬୮୨୬୧୦୬୬


# ଶିକ୍ଷକ କର୍ମଚାରୀ ମିଳିତ ସମନ୍ୱୟ ସମିତି ପକ୍ଷରୁ ପ୍ରତିବାଦ ସଭା

ବାଲେଶ୍ୱର, (ସବ୍ୟୁ) : ଆଜି ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ସମନ୍ୱୟ ସମିତି ତରଫରୁ ଏକ ବିଶାଳ ଶୋଭାଯାତ୍ରା ରେଳ ଷ୍ଟେସନ ଠାରୁ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳ କାର୍ଯାଳୟ ସମ୍ମୁଖରେ ପହଁଞ୍ଚି ପ୍ରତିବାଦ ସଭା କରିଥିଲା ପାଞ୍ଚ ଦଫା ଦାବି ଯଥା ଅନୁଦାନ ପାଇ ନ ଥିବା ଶିକ୍ଷା ଅନୁଷ୍ଠାନ ଗୁଡିକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ଅନୁଷ୍ଠାନ ଗୁଡିକରେ କାର୍ଯ୍ୟରତ ଶିକ୍ଷକ ଓ ଅବସର ନେଇଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ପେନସନ ଓ ଚାକିରୀ ସର୍ତ୍ତା ବଳି ପ୍ରଦାନ, ଅବସର ବୟସ ସୀମା ୬୨କୁ ବୃଦ୍ଧି, ପୂର୍ଣ୍ଣ ଅନୁଦାନ ପାଉଥିବା ଅନୁଷ୍ଠାନ ଗୁଡିକୁ ସରକାରୀ କରିବା, ପୁରୁଣା ପେନସନ ପ୍ରଦାନ ଆଦି ଦାବି ନେଇ ଏ ଆନ୍ଦୋଳନ କରାଯାଇଥିଲା । ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଶିଶିର ହୁଇ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରେମରଞ୍ଜନ ପାତ୍ର, ଭାଗବତ ପଢିହାରୀ ପ୍ରମୁଖ ନେତୃତ୍ୱ ମାନେ ପ୍ରତିବାଦ ସଭାରେ ଯୋଗଦେଇ ଶିକ୍ଷକ ମାନଙ୍କ ଦାବି ପ୍ରତି ସମର୍ଥନ ଜଣାଇଥିଲେ । ଶେଷରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଦାବି ପତ୍ର ପ୍ରଦାନ କରିଥିଲେ । ସଭାପତି ମନରଞ୍ଜନ ଦାସ, ସମ୍ପାଦକ ବିଜୟକୁମାର ପାତ୍ର, ସମନ୍ୱୟ ସମିତି ତରଫରୁ ସୁଶାନ୍ତ କୁମାର ଦାସ, ରବିନାରାୟଣ ପଣ୍ଡା, ସଞ୍ଜୟ କୁମାର ଘଡ଼ାଇ, ରବୀନ୍ଦ୍ର କୁମାର ମହାନ୍ତି, ପରେଶ ଚନ୍ଦ୍ର କମିଲା, ଭବେନ୍ଦ୍ର କୁମାର ମହାନ୍ତି, ମାକସୁଦ ଆଲାମ ଗାନ, ତାଲିଫ ସାହା ଆଦି ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଦାବି ପୂରଣ ନ ହେଲେ ଆଗାମୀ ୧୬ଅଗଷ୍ଟ ରେ ଭୁବନେଶ୍ୱର ଠାରେ ବିଶାଳ ଶିକ୍ଷକ ସମାବେଶ ହେବ ବୋଲି ଚେତାବନୀ ଦେଇଥିଲେ ।

# ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏସନ ପକ୍ଷରୁ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଧାମନଗର, (ସବ୍ୟୁ) : ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରର୍ସ ଆସୋସିଏସନ୍ ଧାମନଗର ବ୍ଲକ ଶାଖା ପକ୍ଷରୁ ୮ଦଫା ସମ୍ବଳିତ ଏକ ଦାବିପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ଧାମନଗର ସିଡିପିଓଙ୍କୁ ପ୍ରଦାନ କରାଯାଇଛି । ସଂଘର ଭଦ୍ରକ ଜିଲ୍ଲା ସମ୍ପାଦିକା ଜୟନ୍ତୀ ଜେନାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର,ଧାମନଗର ବ୍ଲକ ସଭାନେତ୍ରୀ ସୁଷମା ରାଣୀ ମହାପାତ୍ର,ସମ୍ପାଦିକା ନକ୍ଷତ୍ର ମାଳିନୀ ଧନୀ,ଜ୍ୟୋତ୍ସ୍ନା ରାଣୀ ପଣ୍ଡା,ତିଲୋତ୍ତମା ବାରିକଙ୍କ ସମେତ ଶତାଧିକ ମହିଳା ଏକ ବିଶାଳ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଧାମନଗର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ । ସେଠାରେ ଅଙ୍ଗନଓ୍ୱାଡି ଲେଡିଜ୍ ୱାର୍କରର୍ସ ମାନଙ୍କର ବହୁବିଧ ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ମହିଳା,ଶିଶୁବିକାଶ ଓ ମିଶନଶକ୍ତି ବିଭାଗ ତଥା ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସରକାର ଦେଇଥିବା ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ ପୂରଣ ନହେବାରୁ ଅଙ୍ଗନବାଡି କର୍ମୀମାନେ କ୍ଷୋଭ ପ୍ରକାଶ କରିବାସହ ତୁରନ୍ତ ଦାବି ଗୁଡିକ ପୂରଣ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ସବୁଜିମା ତ୍ରିପାଠୀ,ସୌଦାମିନୀ ପୁଷ୍ଟି,ତପସ୍ୱିନି ଦାସ,ସାବେହା ଖାତୁନ,ଜୁଗୁନ୍ ବେଗମ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


यूनियन बैंक ऑफ इंडिया | Union Bank of India — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧, ଯୋଗାଯୋଗ ନଂ.: ୯୯୯୩୪୪୯୪୨୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିକୁ (ସମ୍ପତ୍ତି ବିବରଣୀ ସ୍ତମ୍ଭରେ ବର୍ଣ୍ଣିତ) ଗଠନାତ୍ମକ/ଭୌତିକ/ସାଙ୍କେତିକ (ଯେଉଁଟି ପ୍ରଯୁଜ୍ୟ) ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି । ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିର ବିବରଣୀ / ଦଖଲ ତାରିଖ | ସମୁଦାୟ ବକେୟା ଦେୟ (ଟଙ୍କାରେ) | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ପଡିଆ ଶାଖା / ଋଣଗ୍ରହୀତା: ଶ୍ରୀ ଚିନ୍ମମ ଏଙ୍ଗାଲାୟା, ପିତା: ଏକାୟା ଚିନ୍ମମ, ସା/ପୋ.: ପଡିଆ, ଜିଲ୍ଲା: ମାଲକାନଗିରି, ଓଡ଼ିଶା / କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଚିନ୍ମମ ରବୀନ୍ଦ୍ର କୁମାର, ପିତା: ଚିନ୍ମମ ଏଙ୍ଗିଲି, ସା/ପୋ.: ପଡିଆ, ଜିଲ୍ଲା: ମାଲକାନଗିରି, ଓଡ଼ିଶା | ଶ୍ରୀ ଚିନ୍ମମ ଏଙ୍ଗାଲାୟା(ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ସା/ପୋ.: ପଡିଆ, ପ୍ଲଟ୍ ନଂ.: ୪୩୧୭, ଖାତା ନଂ.: ୬୬୯, କ୍ଷେତ୍ର: ଏକର୦.୦୨୫ଡିସିମିଲି, ଜିଲ୍ଲା: ମାଲକାନଗିରି, ପିନ୍-୭୬୪୦୪୭, ଏହାର ଚାରିପାର୍ଶ୍ୱରେ ପୂର୍ବ: ନାରା ରତ୍ନୟା, ପଶ୍ଚିମ: ପୁଣ୍ଡି ବଟକାୟା, ଉତ୍ତର: ରାସ୍ତା, ଦକ୍ଷିଣ: ଚିନ୍ମମ ବଦରିଆ / ୦୬.୧୧.୨୦୧୯ | ୩୦.୦୬.୨୦୨୫ ସୁଦ୍ଧା ଟ.୨,୦୨,୨୨୪/- + ସେବାବଦ ସୁଧ ଓ ଦେୟ | ଟ.୧୨,୮୨,୦୦୦/- / ଟ.୧,୨୮,୨୦୦/- / ଟ.୧୨,୮୨୦/- |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ତା୨୬.୦୮.୨୦୨୫ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://baanknet.com ଦେଖନ୍ତୁ ।

ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/auction-property/view-auction-property.aspx and www.unionbankofindia.co.inକୁ ଅନୁଧ୍ୟାନ କରନ୍ତୁ ।

ଇ-ନିଲାମ ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଇ-ମେଲ ubin0821721@unionbankofindia.bank କରନ୍ତୁ କିମ୍ବା ଶ୍ରୀ ରାଜୁ ଦଭ, ମୋ: ୭୦୦୨୪୭୩୩୬୨, ଜଗନ୍ନାଥ ମାଧି, ମୋ: ୯୬୯୨୬୬୩୦୯୩ରେ ଯୋଗାଯୋଗ କରନ୍ତୁ ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ ।

ସ୍ଥାନ: ରାୟଗଡା, ତାରିଖ: ୦୮.୦୮.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ହାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

ସମୟ

### ମେରିଟ୍ ଯୋଜନା କାର୍ଯ୍ୟକାରୀକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ

# ବୈଷୟିକ ଶିକ୍ଷାକୁ ଗୁଣାତ୍ମକ, ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ କରିବ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ଶିକ୍ଷା ଦୃଶ୍ୟପଟ୍ଟରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଦିଗରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟରେ ଜାତୀୟ ଶିକ୍ଷା ନୀତି ସହ ସମନ୍ୱୟ ରଖି ୧୭୫ ଇଞ୍ଜିନିୟରିଂ ପ୍ରତିଷ୍ଠାନ ଏବଂ ୧୦୦ ପଲିଟେକନିକକୁ ନେଇ ଗଠିତ ୨୭୫ଟି ବୈଷୟିକ ପ୍ରତିଷ୍ଠାନରେ 'ବୈଷୟିକ ଶିକ୍ଷାରେ ବହୁବିଧ ଶିକ୍ଷା ଏବଂ ଗବେଷଣା ଉନ୍ନତି' (ମେରିଟ୍) ଯୋଜନା କାର୍ଯ୍ୟକାରୀ କରିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି, ଯାହା ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ରାକ୍ଷୀ ପୂର୍ଣ୍ଣିମାର ପୂର୍ବ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଛାତ୍ରଛାତ୍ରୀ ଏବଂ ଶିକ୍ଷା ସମୁଦାୟକୁ ଉପହାର । ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବୈଷୟିକ ଶିକ୍ଷାକୁ ଗୁଣାତ୍ମକ, ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଏବଂ ଶାସନକୁ ଉନ୍ନତ କରିବା ମେରିଟ୍ ଯୋଜନାର ଉଦ୍ଦେଶ୍ୟ । ଏହି 'କେନ୍ଦ୍ରୀୟ କ୍ଷେତ୍ର ଯୋଜନା'କୁ କାର୍ଯ୍ୟକାରୀ କରିବା ପାଇଁ ୨୦୨୫-୨୬ ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୪୨୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ୪୨୦୦ କୋଟି ଟଙ୍କା ମଧ୍ୟରୁ ବିଶ୍ୱ ବ୍ୟାଙ୍କରୁ ଋଣ ଭାବରେ ୨୧୦୦ କୋଟି ଟଙ୍କା ସହାୟତା ମିଳିବ । ଏହି ଯୋଜନା ଅଧୀନରେ ପ୍ରାୟ ୨୭୫ଟି ସରକାରୀ/ସରକାରୀ ସହାୟତା



ପ୍ରାପ୍ତ ବୈଷୟିକ ପ୍ରତିଷ୍ଠାନକୁ ଚୟନ ଏବଂ ସମର୍ଥନ କରାଯିବାର ଆଶା କରାଯାଉଛି । ଏଥିରେ ମନୋନୀତ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଏନଆଇଟି), ରାଜ୍ୟ ଇଞ୍ଜିନିୟରିଂ ପ୍ରତିଷ୍ଠାନ, ପଲିଟେକନିକ୍ ଏବଂ ଆଫିଲିଏଟିଂ ବୈଷୟିକ ବିଶ୍ୱବିଦ୍ୟାଳୟ (ଏଟିୟୁ) ସାମିଲ ହେବ । ଏହା ବ୍ୟତୀତ, ବୈଷୟିକ ଶିକ୍ଷା କ୍ଷେତ୍ର ପରିଚାଳନା କରୁଥିବା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ବିଭାଗଗୁଡ଼ିକୁ ମଧ୍ୟ ମେରିଟ୍ ଯୋଜନା ମାଧ୍ୟମରେ ସହାୟତା ଦିଆଯିବ । ଏହା ବ୍ୟତୀତ ପ୍ରାୟ ୭.୫ ଲକ୍ଷ ଛାତ୍ରଛାତ୍ରୀ ଏହି ଯୋଜନାରୁ ଉପକୃତ ହେବେ ।

ଏହାବ୍ୟତୀତ ସେହିପରି କେନ୍ଦ୍ର କ୍ୟାବିନେଟ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ) ର ହିତାଧିକାରୀମାନଙ୍କ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁସାରେ ୧୨,୦୦୦ କୋଟି ଟଙ୍କା ସବସିଡି ଜାରି ରଖିବାକୁ ମଞ୍ଜୁର ଦେଇଛି । ସାରା ଦେଶରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦.୩୩ କୋଟି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ହିତାଧିକାରୀ ଅଛନ୍ତି । ଏହା ଦ୍ୱାରା ଗରିବ ପରିବାର ଶସ୍ତାରେ ଏଲପିଜି ସିଲିଣ୍ଡର ପାଇପାରିବେ । ଅପରପକ୍ଷରେ କେନ୍ଦ୍ର ସରକାର ସୁଲଭ ମୂଲ୍ୟରେ ଏଲପିଜି ସିଲିଣ୍ଡର ଯୋଗାଇ ଦେବାକୁ ସରକାରୀ କ୍ଷେତ୍ରର ତୈଳ ବିପଣନ କମ୍ପାନିଗୁଡ଼ିକ ପାଇଁ ୩୦ ହଜାର କୋଟି ଟଙ୍କାର ସବସିଡି ଘୋଷଣା କରିବା ନିଷ୍ପତିକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି ।

# ରୋଟାରୀ ରୟାଲ୍ ର ଅଧିଷ୍ଠାନ ଉତ୍ସବ ପାଳିତ

ଭୁବନେଶ୍ୱର, (ସବ୍ୟୁ): ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ରୟାଲ୍ ର ୨୪ତମ ପ୍ରତିଷ୍ଠା ଦିବସ ଅବସରରେ କ୍ଲବ୍ ର ଅଧିଷ୍ଠାନ ଉତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତିଷ୍ଠାତା ସଭାପତି ଦେବବ୍ରତ ପଟ୍ଟନାୟକଙ୍କ ଦ୍ୱାରା କେକ୍ କଟାଯାଇ କ୍ଲବ୍ ର ଜନ୍ମ ଦିବସ ପାଳନ କରାଯାଇଥିଲା । ପରେ ପରେ ପୂର୍ବବର୍ତ୍ତୀ ସଭାପତି ବିଭୂତି ଭୂଷଣ କର ସମ୍ପାଦକ ଆଶିଷ ପରିଡ଼ା ବ୍ୟାଟନ୍, କଲାର୍ ଓ ଚାର୍ଟର୍ଡ ସାର୍ଟିଫିକେଟ ପ୍ରଦାନ ସହ ପରବର୍ତ୍ତୀ ସଭାପତି ଅର୍ଜ୍ଜୁନ କୁମାର ସାହୁ ଓ ସମ୍ପାଦକ ଦୀପକ୍ ସେହଗଲ୍ ଙ୍କୁ ସ୍ୱାଗତ ଜଣାଇ ଦାୟିତ୍ୱ ହସ୍ତାନ୍ତର କରିଥିଲେ । କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଅଦୈତ ଗଡ଼ନାୟକ, ବିଧାୟକ ଅଶୋକ ମହାନ୍ତି, ଦୁଷ୍ମନ୍ତ କୁମାର ସ୍ୱାଇଁ ଇତ୍ୟାଦି ଯୋଗଦେଇ ରୋଟାରୀ ସଂଗଠନ ଦ୍ୱାରା କରାଯାଉଥିବା ସମାଜସେବାକୁ ଭୂୟସୀ ପ୍ରଶଂସା କରିଥିଲେ । ଏଥିରେ ରୋଟାରୀ ବର୍ଷ ୨୦୨୪-୨୫ ରେ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ କ୍ଲବ୍ ପକ୍ଷରୁ ସମ୍ପାଦିତ ହୋଇଥିବା ୪୦ରୁ ଉର୍ଦ୍ଧ୍ୱ ସେବା ପ୍ରକଳ୍ପକୁ ସମ୍ପାଦକ ଶ୍ରୀ ପରିଡ଼ାଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା । ଆଗାମୀ



ଦିନରେ 'ସ୍ୱାସ୍ଥ୍ୟ , ଶିକ୍ଷା, ପରିମଳ ଓ ପରିବେଶ କ୍ଷେତ୍ରରେ କ୍ଲବ୍ ପକ୍ଷରୁ ବ୍ୟାପକ ସେବା ପ୍ରକଳ୍ପ ହାତକୁ ନିଆଯିବ ବୋଲି ଅଧିଷ୍ଠିତ ସଭାପତି ଅର୍ଜ୍ଜୁନ ସାହୁ ନିଜର ସଂକଳ୍ପ ଘୋଷଣା କରିଥିଲେ । ଏହି ଅବସରରେ ସାତ ଜଣ ନୂତନ ସଦସ୍ୟ ସଂଘରେ ଯୋଗଦେଇ ଥିଲେ । ବୁଲେଟିନ ସମ୍ପାଦକ ସ୍ମରଣ ଶଙ୍କର ମିଶ୍ରଙ୍କ ଦ୍ୱାରା ସମ୍ପାଦିତ କ୍ଲବ୍ ର ସ୍ମରଣିକା "ଦି ରୟାଲ୍" ଲୋକାର୍ପିତ ହୋଇଥଲା । ପ୍ରାକ୍ତନ ସଭାପତି ସଂଜୟ ଚୌଧୁରୀ , ପ୍ରସନ୍ନ ଲେଙ୍କା, ସମରେନ୍ଦ୍ର ପରିଜା, ପ୍ରଦୀପ ଦାସ, କ୍ଲବ୍ ସେବା ନିର୍ଦ୍ଦେଶକ ପ୍ରଶାନ୍ତ ସାହୁ ଓ ଦେବ ମହାନ୍ତି ଇତ୍ୟାଦି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ପ୍ରାକ୍ତନ ପ୍ରାନ୍ତପାଳ ଶିବବ୍ରତ ଦାଶ, ଭବାନୀ ଚୌଧୁରୀ, ରବିନାରାୟଣ ନନ୍ଦ, ଜୟଶ୍ରୀ ମହାନ୍ତି, ତ୍ରୁରିତ୍ ପ୍ରାକ୍ତନ ପ୍ରାନ୍ତପାଳ ଯଜ୍ଞାଶିଷ୍ ମହାପାତ୍ର, ନିର୍ବାଚିତ ପ୍ରାନ୍ତପାଳ ଅନିଲ୍ କୁମାର ସାମଲ, ପରବର୍ତ୍ତୀ ପ୍ରାନ୍ତପାଳ ଇନ୍ଦ୍ରଜିତ ସାହୁ ଓ ଦେବାଶିଷ ମିଶ୍ର ପ୍ରମୁଖଙ୍କ ସମେତ କ୍ଲବ୍ ର ସମସ୍ତ ପ୍ରାକ୍ତନ ସଭାପତି ମାନେ ଯୋଗଦେଇ ଥିଲେ ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାତୃସ୍ତନ୍ୟପାନ ଜନସଚେତନତା

କଟକ, (ସ୍ୱପ୍ର): ନରାଜ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀଶ୍ରୀ ନର୍ସିଂ କଲେଜ ପକ୍ଷରୁ ଅଗଷ୍ଟ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହରେ ନିକଟସ୍ଥ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଇଛି । ସେଥିପାଇଁ ନିକଟସ୍ଥ ଷଣ୍ଡପୁର ଗ୍ରାମର ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ ଏକ କାର୍ଯ୍ୟକ୍ରମରେ ମାତୃସ୍ତନ୍ୟପାନର ଗୁରୁତ୍ୱ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ଗର୍ଭବତୀ ଓ ଦୁUପୋଷ୍ୟ ଶିଶୁମାନଙ୍କ ପାଇଁ ଲୋକଙ୍କ ସମର୍ଥନ ଲୋଡ଼ା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଲାଇଭ୍ ଡେମନଷ୍ଟ୍ରେସନ୍ ସହ ବ୍ୟକ୍ତିଗତ ପରାମର୍ଶ ଓ ଆଲୋଚନାମୂଳକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ



ହୋଇଥିଲା । ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ, ଅଙ୍ଗନଓ୍ୱାଡ଼ି କର୍ମୀ ଓ ସ୍ଥାନୀୟ ଗ୍ରାମବାସୀମାନେ ଉତ୍ସାହ ସହକାରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଲୋକଙ୍କୁ ସୂଚନାପତ୍ର ଆବଣ୍ଟନ କରାଯିବା ସହ ତୃଣମୂଳ ସ୍ତରରେ ନିଜ ଛୁଆଙ୍କୁ ସ୍ତନ୍ୟପାନ କରାଉଥିବା ମା' ମାନଙ୍କୁ ଉତ୍ସାହିତ କରାଯାଇଥିଲା ।

## ସ୍ୱାଧୀନତା ଦିବସରେ କେନ୍ଷ୍ଟାରର 'ନୋ ଫୋନ ଆୱାର'

ଭୁବନେଶ୍ୱର, (ସବ୍ୟୁ): ଏହି ୭୮ତମ ସ୍ୱାଧୀନତା ଦିବସରେ, ଭାରତର ଏକ ଅଗ୍ରଣୀ ଘରୋଇ ଉପକରଣ ବ୍ରାଣ୍ଡ କେନଷ୍ଟାର, ଦେଶସାରା 'ନୋ ଫୋନ ଆୱାର' ଶିର୍ଷକ ଅଭିଯାନ ଆରମ୍ଭ କରିଛି । ଏହି ଦିନ ଏଥିପାଇଁ ଶପଥ କରାଇବ । ଏଭଳି ଏକ ପଦକ୍ଷେପ ଦେଶର ସମସ୍ତ ନାଗରିକଙ୍କୁ ଅଗଷ୍ଟ ୧୫ ତାରିଖ ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ନିଜର ଫୋନ ଏକ ଘଣ୍ଟା ପାଇଁ ସ୍ୱିଚ ଅଫ କରିବା ପାଇଁ ଆଗ୍ରହ କରିବ ଯେ ସେମାନେ ସେମାନଙ୍କର ସାଙ୍ଗସାଥୀ, ପରିବାର ତଥା ଅତି ଆଦର କରୁଥିବା ସେଇ ମଣିଷ ସହିତ କିଛି ଅର୍ଥପୂର୍ଣ୍ଣ ସମୟ ଅତିବାହିତ କରିବା ପାଇଁ । ଏହି ଅଭିଯାନ ଜରିଆରେ କେନଷ୍ଟାର ସମସ୍ତ ଭାରତୀୟଙ୍କୁ ସମଗ୍ର ପୃଥିବୀରେ ରହିଥିବା ଡ଼ିଜିଟାଲ ପ୍ରତିବନ୍ଧକ ଠାରୁ ନିଜକୁ ଦୂରେଇ ରଖି ନିଜର ସ୍ୱାଧୀନତାକୁ ପୁନରୁଦ୍ଧାର କରିବେ ଯାହା ଆମ ପ୍ରତ୍ୟେକଙ୍କ ପାଇଁ ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ ଏବଂ ପୁନଃ- ସଂଯୋଗୀକରଣ ହୋଇପାରିବ ।

ଏହି ଅବସରରେ ମତ ରଖି ସୁନୀଲ ଜୈନ, ସିଇଓ କେନଷ୍ଟାର କହିଛନ୍ତି, "ଏହା ଅଭିଯାନଠାରୁ ମଧ୍ୟ ଆହୁରି ଅଧିକ ଅଟେ, ଯାହା ଆଜିର ପୃଥିବୀରେ ସ୍ୱାଧୀନତାର ସେହି ପ୍ରକୃତ ଅର୍ଥକୁ ପ୍ରତିଫଳିତ କରିବା ପାଇଁ ଏକ ଡ଼ାକରା । ଅଂଶଗ୍ରହଣକାରୀ ମାନେ ଏହି ଆନ୍ଦୋଳନରେ ନିଜକୁ ସାମିଲ କରି ଅଭିଯାନ ପାଇଁ ଉଦ୍ଦିଷ୍ଟ ଲିଙ୍କକୁ କ୍ଲିକ୍ କରି କେନଷ୍ଟାରର ୱେବସାଇଟରେ ରହିଥିବା ଡ଼ିଜିଟାଲ ଶପଥ ପ୍ରାଚୀରରେ ନିଜର ଦସ୍ତଖତ ଦେଇପାରିବେ ।

## ଏ ଆଇ ଉପରେ ଗବେଷଣାରତ ଓଡ଼ିଆ ପୁଅ ସୁଜିତ ଅନ୍ତର୍ଜାତୀୟସ୍ତରରେ ସମ୍ବର୍ଦ୍ଧିତ

କଟକ, (ସବ୍ୟୁ): କୃତ୍ରିମ ବୁଦ୍ଧିମତ୍ତା ବା ଏ ଆଇ ଉପରେ ଅଧିକରୁ ଅଧିକ ଗବେଷଣା କରୁଥିବା ଏବଂ ଏହାର ଜ୍ଞାନ କୌଶଳକୁ ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ ପାଇଁ ଅହରହ କର୍ଯ୍ୟକରୁଥିବା କଟକ ମହାନଦୀ ବିହାରର ଓଡ଼ିଆ ପୁଅ ସୁଜିତ କୁମାର ରାଉତରାୟଙ୍କୁ ବିଶ୍ୱର ଅଗ୍ରଣୀ ମିଡ଼ିଆ ହାଉସ ଇକୋନୋମିକ୍ସ ଟାଇମସ ଦ୍ୱାରା ଦୁବାଇରେ ଆୟୋଜିତ ଇଟି ଇଣ୍ଡୋ ଗ୍ଲୋବାଲ ଲିଡ଼ର୍ସ ସମିଟରେ ଡ଼ିପ ଟେକ ଟେକ୍ନୋଲୋଜି ପକ୍ଷରୁ ପୁରସ୍କୃତ କରାଯାଇଛି । ଗତ ବୁଧବାର ଦିନ ଦୁବାଇରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଦୁବାଇ ରାଜ ପରିବାର ସଦସ୍ୟ ତଥା ୟୁନାଇଟେଡ଼ ଆରବ ଏମିରେଟସର ଆଜମାନ ଫ୍ରିଜୋନର ଡାଇରେକ୍ଟର ଜେନେରାଲ ହିଜ ଏକସିଲେନ୍ସି ଇସମାଇଲ ଅଲ ନାଜି ଓ ସମ୍ମାନୀତ ଅତିଥିଭାବେ ବଲିଉଡ ତାରକା କୁନାଲ କାପୂର ଯୋଗଦେଇ ଶ୍ରୀ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ବିଶ୍ୱର ବିଭିନ୍ନ ବର୍ଗରୁ ଆସିଥିବା ରିସର୍ଚ୍ଚ ଓ ଡେଭେଲପମେଣ୍ଟ ଅଧିକାରୀ ତଥା ଫାଉଣ୍ଡର୍ସ ମାନେ ଉପସ୍ଥିତ ଥିଲେ । ସୁଜିତ ନିୟୁକ୍ତ ଏଆଇର ପ୍ରତିଷ୍ଠାତା ଓ ସିଇଓ ରହିବା ସଙ୍ଗେ ସଙ୍ଗେ ବାଙ୍ଗାଲୋରରେ ଏକ ଟେକ ଡେଲିଭରି ସେଣ୍ଟର ଖୋଲିଛନ୍ତି ।

# ରୋଟାରୀ ଇ କ୍ଲବ୍ ମହୋଦଧି ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ଭୁବନେଶ୍ୱର (ସବ୍ୟୁ): ରୋଟାରୀ ଇ କ୍ଲବ୍ ମହୋଦଧି, ଭୁବନେଶ୍ୱର ଓ ଜେପିଏମ୍ ରୋଟାରୀ ଆଇ ହସ୍ପିଟାଲ କଟକ ର ମିଳିତ ସହଯୋଗରେ ଏକ ଚକ୍ଷୁ ପରୀକ୍ଷା ଶିବିର "ତରିକୁଣ୍ଡ ଉଚ୍ଚ ବିଦ୍ୟାଳୟ, ଜଗତସିଂପୁର ଠାରେ ଆୟୋଜନ କରାଯାଇଥିଲା । ଏଥିରେ ୧୪୦ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା, ଯେଉଁଥିରେ ୧୨ ଜଣ ଙ୍କର ମୋତିଆ ବିନ୍ଦୁ ଥିବାର ଜଣା ପଡିଥିଲା । ସେଥିରୁ ୬ ଜଣଙ୍କୁ ଜେପିଏମ୍ ରୋଟାରୀ ଆଇ ହସ୍ପିଟାଲକୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ସଙ୍ଗେ ସଙ୍ଗେ ନିଆ ଯାଇଛି । ସେମାନଙ୍କର ମାଗଣା ରେ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରାଯିବ । ଏମାନଙ୍କ ର ଅସ୍ତ୍ରୋପଚାର, ଔଷଧ ପତ୍ର ଓ ଖାଦ୍ୟ ପେୟ ସମସ୍ତ ଖର୍ଚ୍ଚ ଜେପିଏମ୍ ରୋଟାରୀ ଆଇ ହସ୍ପିଟାଲ କଟକ ବହନ କରିବେ । କରିଥିଲେ । ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ, ସମସ୍ତ ଶିକ୍ଷକ, ଛାତ୍ର



୩ ଦିନ ପରେ ସମସ୍ତଙ୍କୁ ଡାକ୍ତଖାନା ନିଜ ଖର୍ଚ୍ଚରେ ସେମାନଙ୍କ ଗାଁ ରେ ପହଞ୍ଚାଇବ । ଏହି ଚକ୍ଷୁ ପରୀକ୍ଷା ଶିବିର ସଫଳତାର ସହିତ ରୋଟରିଆନ୍ ପ୍ରମଥ ଚନ୍ଦ୍ର ନାୟକ ସମ୍ପାଦକ ପରିଚାଳନା କରିଥିଲେ, ଉପ ସଭାପତି ରୋଟାରୀଆନ୍ ରମେଶ ଚନ୍ଦ୍ର ସାହାଣୀ ସହଯୋଗ ଛାତ୍ରୀ, ପୁରାତନ ଛାତ୍ର ଛାତ୍ରୀ ଏବଂ ଅଭିଭାବାକ ମାନେ ଉପସ୍ଥିତ ଥିଲେ ଓ ରୋଟାରୀ ଇ କ୍ଲବ୍ ମହୋଦଧି ଭୁବନେଶ୍ୱରର ଏହି ପ୍ରଚେଷ୍ଟା କୁ ବହୁ ପ୍ରଶଂସା କରିଥିଲେ । ଉଲ୍ଲେଖନିୟ ଯେ ଚକ୍ଷୁ ରେ ଅସୁବିଧା ଥିବା ବ୍ୟକ୍ତି ମାନଙ୍କୁ ୨୦ ଟି ଚଷମା ବିନା ମୂଲ୍ୟରେ ଯୋଗାଇ ଦିଆଯାଇଛି ।

### ବେଦାନ୍ତ ଆଲୁମିନିୟମ ବିଶ୍ୱ ଆଦିବାସୀ ଦିବସ ଅବସରରେ

# ଆଦିବାସୀ ନେତୃତ୍ୱାଧୀନ କଳାହାଣ୍ଡିର ବିକାଶ ପାଇଁ ଉଲ୍ଲେଖନୀୟ ପରିବର୍ତ୍ତନକୁ ପ୍ରତିଫଳିତ କରିଛି

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ଆଦିବାସୀ ଦିବସରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, କଳାହାଣ୍ଡିର ପ୍ରେରଣାଦାୟକ ପରିବର୍ତନ ପାଳନ କରିଛି, ଯାହା ଏକଦା ଦାରିଦ୍ର୍ୟ ଏବଂ ଅଭାବର ସମାର୍ଥକ ଜିଲ୍ଲା ଥିଲା, କିନ୍ତୁ ଏବେ ଆଦିବାସୀ ନେତୃତ୍ୱାଧୀନ ବିକାଶ ଏବଂ ତୃଣମୂଳ ସ୍ତରର ସଶକ୍ତିକରଣ ପାଇଁ ଏକ ଜାତୀୟ ମଡେଲ ଭାବରେ ଉଭା ହେଉଛି । ୨୦୦୧ ମସିହାରେ, ଓଡ଼ିଶାର ମୋଟ ଜିଲ୍ଲା ଘରୋଇ ଉତ୍ପାଦ (ଜିଡିଡିପି) ରେ କଳାହାଣ୍ଡିର ଅବଦାନ ୧% ରୁ କମ୍ ଥିଲା ଏବଂ ହାରାହାରି ମୁଣ୍ଡପିଛା ଆୟ ପ୍ରାୟତଃ ଟ.୧୯,୦୦୦ ଛୁଇଁଥିଲା । ଲାଞ୍ଜିଗଡ଼ରେ ଆଲୁମିନା ରିଫାଇନାରୀ ମାଧ୍ୟମରେ ବେଦାନ୍ତ ଆଲୁମିନିୟମର ସମ୍ପ୍ରଦାୟ-ପ୍ରଥମ ଆଭିମୁଖ୍ୟ ଦ୍ୱାରା ପରିଚାଳିତ ହୋଇ, କଳାହାଣ୍ଡି ଏକ ଆକାଂକ୍ଷୀ ଜିଲ୍ଲାରେ ପରିଣତ ହୋଇଛି, ନୀତି ଆୟୋଗର କାର୍ଯ୍ୟକ୍ରମ ଅଧୀନରେ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର ପାଇଁ ଓଡ଼ିଶାରେ ୧ମ ଏବଂ



ଶିକ୍ଷାରେ ୨ୟ ସ୍ଥାନ ପାଇଛି । ୨୦୦୩ ରୁ ୨୦୧୫ ମଧ୍ୟରେ, ଜିଲ୍ଲାର ମୋଟ ଜିଲ୍ଲା ଘରୋଇ ଉତ୍ପାଦ (ଜିଡିଡିପି) ୧୬% ରୁ ଅଧିକ ବୃଦ୍ଧି ପାଇଛି, ଯାହା ରାଜ୍ୟ ହାରାହାରିଠାରୁ ଦୁଇଗୁଣ ଅଧିକ ।

ଓଡ଼ିଶାରେ ନୀତି ଆୟୋଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ, ମହିଳା ଏବଂ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟିସାର, ଶିକ୍ଷା ଏବଂ କୃଷି ସମେତ ଛଅଟି ପ୍ରମୁଖ ବିକାଶ ସୂଚକ ମଧ୍ୟରୁ ପାଂଚଟିରେ କଳାହାଣ୍ଡିକୁ ୧୦୦% ସଫଳତା ହାସଲ କରିବା ପାଇଁ ପ୍ରଶଂସା କରାଯାଇଥିଲା । ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବିଶ୍ୱ ଆଦିବାସୀ ଦିବସରେ, ଆମେ କଳାହାଣ୍ଡିର ପରିବର୍ତ୍ତନ କାହାଣୀ ପାଇଁ ଅତ୍ୟନ୍ତ ଗର୍ବ ଅନୁଭବ କରୁ, ଏକ ଅଂଚଳ ଯାହା ଏକଦା ଏହାର ଘୋର ଦାରିଦ୍ର୍ୟ ପାଇଁ ଜଣାଶୁଣା, ଯାହାକି ବର୍ତମାନ ଏହାର ଆଦିବାସୀ ସମ୍ପ୍ରଦାୟର ସ୍ଥିରତା ମାଧ୍ୟମରେ ବୃଦ୍ଧି ପାଉଛି । ବେଦାନ୍ତ ଆଲୁମିନିୟମରେ, ଆମର ଲକ୍ଷ୍ୟ ବ୍ୟବସାୟଠାରୁ ଅଧିକ; ଏହା ଭବିଷ୍ୟତ ନିର୍ମାଣ କରିବା ବିଷୟରେ, ବିଶେଷକରି ଆମେ ଯେଉଁ ଗ୍ରାମୀଣ ଅଂଚଳରେ କାର୍ଯ୍ୟ କରୁଛୁ ସେଠାରେ । ଆମର ସାମାଜିକ ପ୍ରଭାବ ପ୍ରୟାସ ଆଦିବାସୀ ପରିଚୟ ପ୍ରତି ସମ୍ମାନ ଏବଂ ଅନ୍ତର୍ଭୁକ୍ତ, ସ୍ଥାୟୀ ବିକାଶରେ ବିଶ୍ୱାସ ଉପରେ ମୂଳ । ବେଦାନ୍ତ ଆଲୁମିନିୟମ ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡିର ଲୋକମାନଙ୍କୁ ସଶକ୍ତ କରିଆସୁଛି ।

## ସିମ୍ବାୟୋସିସ୍ ଏମ୍‌ବିଏରେ ପ୍ରବେଶ ଏବେ ଏସ୍‌ଏନ୍‌ଏପି ପରୀକ୍ଷା ମାଧ୍ୟମରେ ଚାଲୁ ରହିଛି

ଭୁବନେଶ୍ୱର (ସବ୍ୟୁ) ସିମ୍ବାୟୋସିସ୍ ଇଂଟରନ୍ୟାସନାଲ୍ (ଡିମଡ ୟୁନିଭର୍ସିଟି) ଏମବିଏ ଆଶାୟୀମାନଙ୍କ ପାଇଁ ଏକ ଜାତୀୟ ସ୍ତରୀୟ ପ୍ରବେଶ ପରୀକ୍ଷା, ସିମ୍ବାୟୋସିସ୍ ନ୍ୟାସନାଲ୍ ଆପ୍ଟିଚ୍ୟୁଡ୍ (ଏସଏନଏପି) ପରୀକ୍ଷା ୨୦୨୫ ପାଇଁ ଆନୁଷ୍ଠାନିକ ଭାବରେ ଆବେଦନ ଚାଲୁ ରହିଛି । ପାଂଚ ଦଶନ୍ଧିରୁ ଅଧିକ ଶିକ୍ଷାଗତ ଉତ୍କର୍ଷତା ସହିତ, ସିମ୍ବାୟୋସିସ୍ ବିଶ୍ୱସ୍ତରୀୟ ପ୍ରାସଙ୍ଗିକ, ଶିଳ୍ପ-ସମର୍ଥିତ ଏବଂ ଶିକ୍ଷାଗତ ଭାବରେ ଦୃଢ ପରିଚାଳନା ଶିକ୍ଷା ଚାହୁଁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ଶ୍ରେଷ୍ଠ ପସନ୍ଦ ଅଟେ ।

### ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି ବିରୋଧରେ ରଣହୁଙ୍କାର

# ୧୮ ରେ ବରଗଡ଼ ଠାରେ ବିଜେଡିର ବିରାଟ ଚାଷୀ ସମାବେଶ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ବିଜେପି ସରକାରଙ୍କ ଗତ ୧୩ ମାସର ଶାସନ ସମୟରେ ଚାଷୀକୂଳର ସ୍ୱାର୍ଥକୁ ଅଣଦେଖା କରିଛନ୍ତି, ଯେଉଁଥିପାଇଁ ଚାଷୀ ଭାଇମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ୍ନ ହେଉଛନ୍ତି ଓ ସରକାରଙ୍କ ଏହି ଚାଷୀ ମାରଣ ନୀତିକୁ ବିରୋଧ କରି ଆସନ୍ତା ୧୮ ତାରିଖରେ ବରଗଡ଼ ଠାରେ ବିରାଟ ଚାଷୀ ସମାବେଶ କରିବ ବୋଲି ବିଜୁ ଜନତା ଦଳ ଆଜି ଘୋଷଣା କରିଛି ।

ଦଳର କୃଷକ ସେଲ୍ର ଆବାହକତ୍ୱରେ ଆଜି ରାଜ୍ୟସ୍ତରୀୟ ଏକ ବୈଠକ ଶଙ୍ଖ ଭବନରେ ଅନୁଷ୍ଠିତ ହୋଇଥିଲା । ବୈଠକକୁ କୃଷକ ସେଲ୍ର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବା ବେଳେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାରୁ କୃଷକ ପ୍ରତିନିଧିମାନଙ୍କ ସହିତ ଦଳର ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ଅରୁଣ ସାହୁ, ସୁଦାମ ମାରାଣ୍ଡି, ପ୍ରତାପ ଜେନା, ପ୍ରଣବ ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ଶ୍ରୀମତୀ ଟୁକୁନି ସାହୁ, ପ୍ରୀତିରଞ୍ଜନ ଘଡେଇ, ବଦ୍ରି ପାତ୍ର, ନିରଞ୍ଜନ ପୂଜାରୀ, ଅଶୋକ ପଣ୍ଡା, ପ୍ରଫୁଲ୍ଲ



ସାମଲ, ଅମର ପଟ୍ଟନାୟକ, ଶ୍ରୀମତୀ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ରମେଶ ମାଝୀଙ୍କ ସହିତ ଦଳୀୟ ବିଧାୟକଗଣ ଓ ବିଭିନ୍ନ ଜିଲ୍ଲାର ସଭାପତିମାନେ ଅଂଶଗ୍ରହଣ କରିଥିଲେ । ରାଜ୍ୟରେ କୃଷକ ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । ରାଜ୍ୟ ବିଜେପି ସରକାରଙ୍କ ଗତ ୧୩ ମାସର ଶାସନକାଳରେ ଚାଷୀମାନଙ୍କ ସମସ୍ୟା ଅହେତୁକ ବୃଦ୍ଧି ପାଇଛି । ରାଜ୍ୟ ସରକାର ଏହି ସମସ୍ୟା ଗୁଡ଼ିକର ପ୍ରତିକାର କରିବା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି । ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ, ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର କୃଷକ ସେଲ୍ର ଆବାହକ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି ଉପରେ ବର୍ଷିଥିଲେ ।

ଶ୍ରୀ ଆଚାର୍ଯ୍ୟ କହିଥିଲେ, ରାଜ୍ୟ ବିଜେପି ସରକାରଙ୍କ ଗତ ୧୩ ମାସର ଶାସନକାଳରେ ଚାଷୀମାନଙ୍କ ସମସ୍ୟା ଅହେତୁକ ବୃଦ୍ଧି ପାଇଛି । ରାଜ୍ୟ ସରକାର ଏହି ସମସ୍ୟା ଗୁଡିକର ପ୍ରତିକାର କରିବା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି । ଓଡ଼ିଶାର ଚାଷୀକୂଳ ଆଜି ପ୍ରତାରିତ ହୋଇଛି । ଓଡିଶା ସରକାରଙ୍କ ଚାଷୀ ବିରୋଧୀ ନୀତି ବିରୋଧରେ ପ୍ରତିବାଦ କରି ଚଳିତ ମାସ ୧୮ ତାରିଖରେ ବରଗଡ଼ ଠାରେ ବିଜୁ ଜନତା ଦଳ ତରଫରୁ ଏକ ବିରାଟ ଚାଷୀ ସମାବେଶ ଅନୁଷ୍ଠିତ ହେବ, ଯେଉଁଥିରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଚାଷୀ ମାନେ ଯୋଗଦେଇ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ରଣହୁଙ୍କାର ଦେବେ ।

## ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପଶ୍ଚିମ ଓଡ଼ିଶାରେ 'ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର

ଭୁବନେଶ୍ୱର (ସବ୍ୟୁ): ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଏହାର ସମସ୍ତ ଡିଭିଜନ, ସବ-ଡିଭିଜନ ଏବଂ ସେକ୍ସନ୍ କାର୍ଯ୍ୟାଳୟରେ ଚଳିତ ଅଗଷ୍ଟ ମାସ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ 'ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର' ଆୟୋଜନ କରାଯାଉଅଛି । ଏହି ଶିବିରର ଲକ୍ଷ୍ୟ ଗ୍ରାହକ ସନ୍ତୁଷ୍ଟିକୁ ବୃଦ୍ଧି କରିବା, ବିଲିଂ ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ବିଲ୍ ପେମେଣ୍ଟ ପ୍ରକ୍ରିୟାକୁ ସହଜ କରିବା । ଏହି ମେଗା ଶିବିର ଟିପିଡବ୍ଲୁଓଡିଏଲର ସମସ୍ତ ସେକ୍ସନ, ସବ-ଡିଭିଜନ୍ ଏବଂ ଡିଭିଜନ୍ ଅଫିସମାନଙ୍କରେ ଆୟୋଜିତ ହେବ । ଯେଉଁଠାରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଉପଖଣ୍ଡ ଅଧିକାରୀ ଏବଂ ସେକ୍ସନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଶିବିରଗୁଡ଼ିକ ସକ୍ରିୟ ଭାବରେ ପରିଚାଳିତ କରାଯିବ । ଏହି ଶିବିରଗୁଡ଼ିକ ଏକ ସିଙ୍ଗଲ୍-ୱିଣ୍ଡୋ ସୁବିଧା ପ୍ରଦାନ କରିବ, ଯେଉଁଠାରେ ଗ୍ରାହକମାନେ ବିଲିଂ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ଘଟଣାସ୍ଥଳରେ ସମାଧାନ କରିପାରିବେ । ସେହିପରି ସେମାନଙ୍କର ମାସିକ ବିଲ୍ ପେମେଣ୍ଟ ସୁବିଧାଜନକ ଭାବରେ କରିପାରିବେ ।

ଏହି ମେଗା ବିଲ୍ ସଂଶୋଧନ ଶିବିର କମ୍ପାନୀ ପକ୍ଷରୁ ଦ୍ୱିତୀୟଥର ପାଇଁ ଆୟୋଜନ କରାଯାଉଅଛି । ପ୍ରଥମ ପର୍ଯ୍ୟାୟରେ ଏହି ମେଗା ଶିବିର ଗତ ଜୁଲାଇ ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଯାହାର ଫଳାଫଳ ଖୁବ୍ ଉତ୍ସାହଜନକ ରହିଥିଲା । ଏହି ତିନି ଦିନିଆ ଅଭିଯାନରେ ଟିପିଡବ୍ଲୁଓଡିଏଲର ସମଗ୍ର ବିତରଣ ଅଧିକୃତ ଅଞ୍ଚଳରୁ ମୋଟ୍ ୪,୦୦୨ ଜଣ ବିଦ୍ୟୁତ୍ ଉପଭୋକ୍ତା ଅଂଶଗ୍ରହଣ କରିଥିଲେ । ଏଥିମଧ୍ୟରୁ ୧,୨୩୪ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲ୍ ତୁରନ୍ତ ସମାଧାନ କରାଯାଇଥିଲା, ଯାହା ଗ୍ରାହକଙ୍କୁ ତୁରନ୍ତ ଆଶ୍ୱସ୍ତି ପ୍ରଦାନ କରିଥିଲା । ଏଥି ସହିତ ୨,୭୬୮ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କର ବିଲ୍ ସମ୍ବନ୍ଧୀୟ ପ୍ରଶ୍ନର ତଦନ୍ତ କରିବା ପରେ ସେମାନଙ୍କ ବିଲରେ ଥିବା ତ୍ରୁଟିକୁ ସମାଧାନ କରାଯାଇଥିଲା । ଯାହା ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଶ୍ୱାସ ଓ ସ୍ୱଚ୍ଛତାକୁ ଆହୁରି ସୁଦୃଢ଼ କରିଥିଲା । ଏହି ପଦକ୍ଷେପ ବିଷୟରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି, "ଆମର ଲକ୍ଷ୍ୟ ହେଉଛି ବିଲ୍ ପେମେଣ୍ଟ ପ୍ରକ୍ରିୟାକୁ ସହଜ କରିବା ସହିତ ଗ୍ରାହକଙ୍କ ପ୍ରଶ୍ନର ଶୀଘ୍ର ଏବଂ ସ୍ୱଚ୍ଛ ସମାଧାନ ପ୍ରଦାନ କରିବା । ଏହି ଶିବିରଗୁଡ଼ିକ ଆମର ଗ୍ରାହକମାନଙ୍କୁ ଉତ୍ତମ ଗ୍ରାହକ ସେବା ପ୍ରଦାନ କରିବା ଏବଂ କମ୍ପାନୀ ପ୍ରତି ଗ୍ରାହକଙ୍କ ବିଶ୍ୱାସ ସୃଷ୍ଟି କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

## ଆଲାଇଡ୍ ବ୍ଲେଣ୍ଡର୍ସ ଆଣ୍ଡ ଡିଷ୍ଟିଲର୍ସ ପକ୍ଷରୁ ଷ୍ଟର୍ଲିଂ ରିଜର୍ଭ ବି୭

ଭୁବନେଶ୍ୱର, (ସବ୍ୟୁ) : ଆଧୁନିକ ଭାରତୀୟ ଉପଭୋକ୍ତାଙ୍କ ବିକଶିତ ଆଶାକୁ ପୂରଣ କରିବା ପାଇଁ ପ୍ରସ୍ତୁତ ଭାରତର ସର୍ବବୃହତ ସ୍ପିରିଟ୍ କମ୍ପାନି ଆଲାଇଡ୍ ବ୍ଲେଣ୍ଡର୍ସ ଆଣ୍ଡ ଡିଷ୍ଟିଲର୍ସ (ଏବିଡି) ପକ୍ଷରୁ ନବୀକରଣ କରାଯାଇଥିବା ଷ୍ଟର୍ଲିଂ ରିଜର୍ଭ ବି୭ (ଏସଆରବି୭) ମିଶ୍ରଣକୁ ଉନ୍ମୋଚନ କରାଯାଇଛି । ଏହାର ଭିନ୍ନ ସ୍ୱାଦ ଏବଂ ନବୀକରଣ ହୋଇଥିବା ମିଶ୍ରଣ ଫିନିସ୍ ସହିତ, ଏସଆରବି ୭ ବର୍ତମାନ ସରଳତା ପ୍ରଦାନ କରେ ଯାହା ନୂତନ ଯାଦୁଠାରୁ କମ୍ ନୁହେଁ! ଆଜିର ବୁଦ୍ଧିମାନ ଗ୍ରାହକଙ୍କ ପାଇଁ ଡିଜାଇନ୍ କରାଯାଇଥିବା ଏକ ସାହସିକ, ପୂର୍ଣ୍ଣ ଶରୀର ଅନୁଭୂତି ସହିତ ମିଶ୍ରଣ । ଭୁବନେଶ୍ୱର ସହରର ଅତ୍ୟାଧୁନିକ ଓ ବିକଶିତ ଅଂଚଳକୁ ପ୍ରତିଫଳିତ କରିବା ସହ ଦ୍ରୁତ ଗତିରେ ବଢୁଥିବା ଓ ପ୍ରିମିୟମ୍ ହ୍ୱିସ୍କିର ଏକ ବୁଦ୍ଧିମାନ ବଜାର ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି ।

## କେନ୍ଦ୍ର କ୍ୟାବିନେଟରେ ୫ ବଡ଼ ନିଷ୍ପତ୍ତି

# ଉଜ୍ଜ୍ୱଳା ଯୋଜନା: ଅତିରିକ୍ତ ବଜେଟ୍ ପ୍ରସ୍ତାବକୁ ଅନୁମୋଦନ

**ନୂଆଦିଲ୍ଲୀ:** ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକରେ ପାଞ୍ଚଟି ପ୍ରମୁଖ ନିଷ୍ପତ୍ତି ନିଆଯାଇଛି ।ଉଜ୍ଜ୍ୱଳା ଯୋଜନା ପାଇଁ ୧୨୦୬୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ପ୍ରସ୍ତାବକୁ ସରକାର ଅନୁମୋଦନ କରିଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତିରେ ୧୦ କୋଟି ୩୩ ଲକ୍ଷ ଲୋକ ଉପକୃତ ହେବେ ।ଏହା ବ୍ୟତୀତ, ସରକାର ସୁଲଭ ଏଲପିଜି ସିଲିଣ୍ଡର ପାଇଁ ୩୦ ହଜାର କୋଟି ଟଙ୍କାର ଅତିରିକ୍ତ ବଜେଟ୍ ସ୍ଥିର କରିଛନ୍ତି । କେନ୍ଦ୍ର ସରକାର ରକ୍ଷା ବନ୍ଧନରେ ସାଧାରଣ ଜନତା ଏବଂ ବୈଷୟିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି ।

ମୋଦୀ ସରକାରଙ୍କ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ଅନ୍ୟ ନିଷ୍ପତ୍ତି ମଧ୍ୟରେ, ବୈଷୟିକ ଶିକ୍ଷା, ଆସାମ ଏବଂ ତ୍ରିପୁରାର ବିକାଶ ପାଇଁ ବଜେଟ୍, ମାରକନମ୍ – ପୁଡୁଚେରୀ ୪ ଲେନ୍ ରାଜପଥକୁ ମଞ୍ଜୁର କରାଯାଇଛି । ସରକାର ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ପାଇଁ ୪୨୦୦ କୋଟି ଟଙ୍କାର ବଜେଟ୍ ଅନୁମୋଦନ କରିଛନ୍ତି । ସେହି ସମୟରେ,



ଆସାମ ଏବଂ ତ୍ରିପୁରାର ବିକାଶ ପାଇଁ ଏକ ସ୍ୱତନ୍ତ୍ର ବିକାଶ ପାଣ୍ଠି ଭାବରେ ୪୨୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ମାରକନମ୍ – ପୁଡୁଚେରୀ ଚାରି ଲେନ୍ ରାଜପଥ ପାଇଁ ମଧ ସରକାର ୨୧୫୭ କୋଟି ଟଙ୍କା ଅନୁମୋଦନ କରିଛନ୍ତି ।

ବିଶ୍ୱ ବଜାରରେ ଏଲପିଜି ଦର ବଦଳୁଥିବା ବେଳେ ଘରୋଇ ଗ୍ରାହକଙ୍କୁ ସୁରକ୍ଷା ଦେବା ଓ ସରକାରୀ କମ୍ପାନୀଗୁଡ଼ିକ ଆର୍ଥିକ ସ୍ୱାସ୍ଥ୍ୟକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ସରକାର ଏପରି ପଦକ୍ଷେପ ନେଇଛନ୍ତି । ସରକାରୀ ଅଧିକୃତ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ପାଇଁ କେନ୍ଦ୍ର କ୍ୟାବିନେଟ ୩୦ ହଜାର କୋଟିର ସବିସିଡିକୁ ଅନୁମୋଦନ କରିଛି । ବର୍ଦ୍ଧିତ ଦର ସତ୍ତ୍ୱେ ଗ୍ରାହକଙ୍କୁ ଶସ୍ତାରେ ଏଲପିଜି ଯୋଗାଇ କମ୍ପାନୀଗୁଡ଼ିକ ସହିଥିବା କ୍ଷତିକୁ ଭରଣା କରିବା ସରକାର ଏପରି ବ୍ୟବସ୍ଥା କରିଛନ୍ତିଛ ଏହି ସବସିଡି କମ୍ପାନୀଗୁଡ଼ିକୁ ୧୨ଟି କିସ୍ତିରେ ଦିଆଯିବ । ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ୩ ତୈଳ କମ୍ପାନୀ– ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସିଏଲ), ଭାରତ ପେଟ୍ରୋଲିୟମ କର୍ପୋରେସନ (ବିପିସିଏଲ) ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ (ଏଚପିସିଏଲ)କୁ ୩୦ ହଜାର କୋଟିର ସବସିଡି ଦିଆଯିବ । ବିଶ୍ୱ ବଜାରରେ ଏଲପିଜି ଦର ବଦଳୁଥିବା ବେଳେ ଘରୋଇ ଗ୍ରାହକଙ୍କୁ ସୁରକ୍ଷା ଦେବା ଓ ସରକାରୀ କମ୍ପାନୀଗୁଡ଼ିକ ଆର୍ଥିକ ସ୍ୱାସ୍ଥ୍ୟକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ସରକାର ଏପରି ପଦକ୍ଷେପ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏପରି ନିଷ୍ପତ୍ତି ହୋଇଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି ।

## ବିବାଦୀୟ ଏସ୍‌ଆଇଆର୍ ପ୍ରସଙ୍ଗ

# ସଂସଦରେ ବିରୋଧୀଙ୍କ ହଟ୍ଟଗୋଳ

**ନୂଆଦିଲ୍ଲୀ:** ବିହାରରେ ଚାଲିଥିବା ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍‌ଆଇଆର) ସମ୍ପର୍କରେ ସଂସଦରେ ଆଲୋଚନା ଦାବି କରି ବିରୋଧୀ ସାଂସଦମାନଙ୍କର ହଟ୍ଟଗୋଳ ଜାରି ରହିଛି ବିରୋଧୀ ମେଣ୍ଟ ଇଣ୍ଡିଆର ଅଧିକାଂଶ ସାଂସଦ ଆଜି ବ୍ୟାନର ଧରି ଏ ପ୍ରସଙ୍ଗରେ ସଂସଦଭବନ ପରିସରରେ ବିକ୍ଷୋଭ କରିଛନ୍ତି ଏସ୍‌ଆଇଆର୍‌କୁ ନୀରବ ଅଦୃଶ୍ୟ ରାଗିଂ ବୋଲି ସେମାନେ ଅଭିଯୋଗ କରିଛନ୍ତି ।

ସଂସଦ ପରିସରରେ ହୋଇଥିବା ବୈଠକରେ ସୋନିଆ ଗାନ୍ଧିଙ୍କ ସମେତ ଏଆଇସିସି ସଭାପତି ମଲ୍ଲିକାର୍ଜୁନେ ଖଡ୍ଗେ, ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ, ଟିଏମସିର ସାଗରିକ ଘୋଷ୍‌ଙ୍କ ସମେତ ବହୁ ସାଂସଦ ସାମିଲ ହୋଇଥିଲେ ସଂସଦର ମକରଦ୍ୱାର ନିକଟରେ ଏହି ବିକ୍ଷୋଭ ଚାଲିଥିଲା ସେମାନେ ବ୍ୟାନର ଓ ପୋଷ୍ଟର ଧରି ବିହାରର ଏସ୍‌ଆଇଆର୍‌କୁ ବିରୋଧ କରିବା ସହ ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି ଲଗାତର ୧୨ ଦିନ ଧରି



ଏହି ପ୍ରତିବାଦ ଚାଲିଛି ଫଳରେ ସଂସଦରେ ଏକ ରକମ ଅଚଳାବସ୍ଥା ସୃଷ୍ଟି ହୋଇଛି ବିରୋଧୀ ସଦସ୍ୟମାନେ ଗୋଟିଏ ଦିନ ବିରୋଧୀ ପ୍ରଦର୍ଶନ କରିନଥିଲେ ଯେଉଁଦିନ କି ଝାଡଖଣ୍ଡର ପୂର୍ବ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ବିୟୋଗ ହୋଇଥିଲା ଏକ ଲମ୍ବା ବ୍ୟାନର ଧରି ଏସ୍‌ଆଇଆର୍‌କୁ ସେମାନେ ସାଇଲେଣ୍ଟ ଇନଭିଜିବୁଲ୍ ରାଗିଂ ବୋଲି ଦର୍ଶାଇବା ସହ ଷ୍ଟକ୍ ଏସ୍‌ଆଇଆର୍ ପ୍ଲାକାର୍ଡ ଦେଖାଇଥିଲେ ଇସିଆଇ ଓ ସରକାର ହାତ ମିଳାଇ ଏଭଳି କାର୍ଯ୍ୟ କରୁଛନ୍ତି ବୋଲି ଅଧିକାଂଶ ସାଂସଦ ଅଭିଯୋଗ କରିଛନ୍ତି ଡିଏମକେ ଟିଏମ୍ସି ଓ ବାମପନ୍ଥୀ ସଦସ୍ୟମାନେ ମଧ ଧାରଣାରେ ସାମିଲ ହୋଇଥିଲେ ଜୁଲାଇ ୨୧ରୁ ଆରମ୍ଭ ହୋଇଥିବା ସଂସଦ ଅଧିବେଶନ କେବଳ ଅପରେସନ୍ ସିନ୍ଦୂର ଆଲୋଚନା ପ୍ରସଙ୍ଗରେ ଚାଲିପାରିଛି ଅନ୍ୟ ଦିନଗୁଡ଼ିକ ବିରୋଧୀଙ୍କ ପ୍ରତିବାଦ ଯୋଗୁ ବନ୍ଦ ହୋଇଯାଇଛି ।

# ଭୋଟର ତାଲିକା ସଂଶୋଧନ ପାଇଁ ଆମେ ପ୍ରସ୍ତୁତ ନାହୁଁ : ମମତା

**କୋଲକାତା :** ବିହାରରେ ଭୋଟର ତାଲିକା ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ସମାପ୍ତ ହୋଇଛି । ଏହି ସମୟରେ, ପଶ୍ଚିମବଙ୍ଗରେ ମଧ ଏସଆଇଆର ସମ୍ପର୍କରେ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଲଗାତାର କଳ୍ପନାଜଳ୍ପନା କରାଯାଉଥିଲା । ତଥାପି, ପଶ୍ଚିମବଙ୍ଗରେ ଏସଆଇଆର ସମ୍ଭବ ମନେ ହେଉନାହ । ସୂତ୍ର ଅନୁଯାୟୀ, ପଶ୍ଚିମବଙ୍ଗ ସରକାର ଶୁକ୍ରବାର ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ଚିଠି ଲେଖି କହିଛନ୍ତି ଯେ ରାଜ୍ୟରେ ଏବେ ଏସଆଇଆର କରିବା ସମ୍ଭବ ନୁହେଁ । ଏହି ଚିଠିରେ, ପଶ୍ଚିମବଙ୍ଗର ମୁଖ୍ୟ ସଚିବ ମନୋଜ ପନ୍ତ କହିଛନ୍ତି ଯେ ଭୋଟର ତାଲିକାର ଏସଆଇଆର ଏବେ କରାଯାଇପାରିବ ନାହିଁ । ଏଥିପାଇଁ ଅତି କମରେ ଦୁଇ ବର୍ଷ ସମୟ ଲାଗିବ । ନିକଟରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନିର୍ବାଚନ କମିସନଙ୍କୁ ଏକ ଚିଠି ଲେଖି କହିଥିଲେ ଯେ ପଶ୍ଚିମବଙ୍ଗ ଏସଆଇଆର ପାଇଁ ପ୍ରସ୍ତୁତ, କିନ୍ତୁ ଏବେ ପଶ୍ଚିମବଙ୍ଗ ସରକାର ସେହି ଚିଠିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।

ନିକଟରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନିର୍ବାଚନ କମିସନଙ୍କୁ ଏକ ଚିଠି ଲେଖି କହିଥିଲେ ଯେ ପଶ୍ଚିମବଙ୍ଗ ଏସଆଇଆର ପାଇଁ ପ୍ରସ୍ତୁତ, କିନ୍ତୁ ଏବେ ପଶ୍ଚିମବଙ୍ଗ ସରକାର ସେହି ଚିଠିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ମୁଖ୍ୟ ସଚିବ ତରବରିଆ ଭାବରେ ସିଇଓ କାର୍ଯ୍ୟାଳୟକୁ ରାଜ୍ୟର ସ୍ଥିତି ସ୍ପଷ୍ଟ କରିବା ପାଇଁ ଏକ ଚିଠି ପଠାଇଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ଏପର୍ଯ୍ୟନ୍ତ ସମୟ ଆସିନାହିଁ । ଏହା ବ୍ୟତୀତ, ସୂତ୍ର କହୁଛି ଯେ ମୁଖ୍ୟ ସଚିବ ପନ୍ତଙ୍କ ଦ୍ୱାରା ପଠାଯାଇଥିବା ଚିଠିରେ ମଧ ଅସନ୍ତୋଷ ପ୍ରକାଶ ପାଇଛି । ଚିଠିରେ ଏହା ମଧ ପ୍ରଶ୍ନ ଉଠାଯାଇଛି ଯେ ସିଇଓ କାର୍ଯ୍ୟାଳୟ ରାଜ୍ୟ ସହିତ ପରାମର୍ଶ ନକରି କମିସନଙ୍କୁ ଚିଠି କାହିଁକି ପଠାଇଲେ ।

# ପ୍ରୟାଗରାଜରେ ଗଙ୍ଗା-ଯମୁନାର ତାଣ୍ଡବ: ୫ ଲକ୍ଷ ଲୋକ ପ୍ରଭାବିତ

**ପ୍ରୟାଗରାଜ:** ନଦୀ ଯେବେ ଦୁଃଖ ଦିଏ, ଜୀବନ ସେବେ ଜର୍ଜରିତ ହୁଏ । ଯାହାର ବଡ଼ ଉଦାହରଣ ଆସିଛି ସଙ୍ଗମ ନଗରୀ ପ୍ରୟାଗରାଜରୁ । ଯେଉଁଠି ଜଳ ସମାଧି ନେଇଛି ଗାଁରୁ ସହର, ବୁଡ଼ିଛି ରାସ୍ତାଘାଟ, ସ୍କୁଲ କଲେଜ, ବଜାର ହାଟ, ମନ୍ଦିର ମସଜିଦ୍ ଆଦି । ବଡ଼ ବଡ଼ କୋଠା ବି ଅଧା ବୁଡା ହୋଇ ରହିଛି । ଏକପ୍ରକାର କହିବାକୁ ଗଲେ ପ୍ରୟାଗରାଜରେ ଗଙ୍ଗା ଯେତିକି ଦୁଃଖ ଦେଇଛି ଯମୁନାର ଯାତନା ବି ସେତିକି ଦେଖିବାକୁ ମିଳିଛି । ଦୁଇ ନଦୀର ଜଳରେ ପୂରା ତ୍ରାହି ତ୍ରାହି ଡାକୁଛି ପ୍ରୟାଗରାଜ । ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବରରେ କୁହାଯାଇଛି



ପ୍ରୟାଗରାଜରେ ବନ୍ୟା ତାଣ୍ଡବ ଏତେ ଭୟଙ୍କର ରୂପ ଧାରଣ କରିଛି ଯେ ପ୍ରାୟ ୭୦ ହଜାର ଲୋକ ବାସହୀନ ହୋଇଛନ୍ତି । ୨ ହଜାରରୁ ଅଧିକ ଘର ଭାଙ୍ଗିଛି, କ୍ଷତିଗ୍ରସ୍ତ ହୋଇଛି ଏବଂ ପ୍ରାୟ ୫ ଲକ୍ଷ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । କେଉଁଠି ଜଳବନ୍ଦୀ ଅଛନ୍ତି ତ କେଉଁଠି ଖାଦ୍ୟ–ପାନୀୟ ପାଇବାକୁ ବଞ୍ଚିତ ହୋଇଛନ୍ତି । ଘରଦ୍ୱାର ସବୁ ପାଣିରେ ବୁଡ଼ିଯିବା ପରେ ଏବେ ତ୍ରାହି ତ୍ରାହି ଡାକୁଛନ୍ତି । ଖାଲି ଜୀବନ ପ୍ରଭାବିତ ହୋଇଛି ତାହା ନୁହେଁ ଚାଷୀଙ୍କ ଚାଷ ବି ପ୍ରଭାବିତ ହୋଇଛି । ରାଜ୍ୟ କୃଷି ବିଭାଗର ଏକ ରିପୋର୍ଟ ଅନୁସାରେ ବନ୍ୟାରେ ପ୍ରାୟ ୨ ହଜାର ହେକ୍ଟର ଚାଷ ଜମି ପ୍ରଭାବିତ । ଧାନ ଏବଂ ପରିବା ଚାଷ ବନ୍ୟା ପାଇଁ କ୍ଷତିଗ୍ରସ୍ତ ହୋଇଛି । ୨୯୦ ଗାଁ ଏବଂ ୬୦ରୁ ଅଧିକ ସହରର ଲୋକେ ବନ୍ୟାରେ ପ୍ରଭାବିତ ।

ବନ୍ୟାଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରାଯାଉଥିବା ବେଳେ ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଉଛି । ଉଦ୍ଧାର କାମରେ ୩୩୦ଟି ବୋଟ୍, ୨୯ଟି ମୋଟର ବୋଟ୍ ନିୟୋଜିତ ଅଛନ୍ତି । ୬୮ଟି ଗାଁ ଏବେବି ବାହ୍ୟ ଜଗତରୁ ବିଚ୍ଛିନ୍ନ । ଉଦ୍ଧାରକାରୀ ଦଳ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି । ୨୦୦ ରାସ୍ତା ବନ୍ୟା ପାଇଁ କ୍ଷତିଗ୍ରସ୍ତ ହୋଇଛି । ବ୍ରିଜ୍ ଭାଙ୍ଗି ପଡିଛି । ଗଙ୍ଗା–ଯମୁନା ନଦୀର ଜଳ ପୂରା ପ୍ରୟାଗରାଜର ଭୂଗୋଳକୁ ବଦାଇ ଦେଇଛି ।

# ୩ ତୈଳ କମ୍ପାନୀକୁ ୩୦ ହଜାର କୋଟିର ସବସିଡି

ନୂଆଦିଲ୍ଲୀ : ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ୩ ତୈଳ କମ୍ପାନୀ– ଇଣ୍ଡିଆନ ଅଏଲ କର୍ପୋରେସନ(ଆଇଓସିଏଲ), ଭାରତ ପେଟ୍ରୋଲିୟମ କର୍ପୋରେସନ(ବିପିସିଏଲ) ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ (ଏଚପିସିଏଲ)କୁ ୩୦ ହଜାର କୋଟିର ସବସିଡି ଦିଆଯିବ ।

ବିଶ୍ୱ ବଜାରରେ ଏଲପିଜି ଦର ବଦଳୁଥିବା ବେଳେ ଘରୋଇ ଗ୍ରାହକଙ୍କୁ ସୁରକ୍ଷା ଦେବା ଓ ସରକାରୀ କମ୍ପାନୀଗୁଡ଼ିକ ଆର୍ଥିକ ସ୍ୱାସ୍ଥ୍ୟକୁ ସମର୍ଥନ କରିବା ଉଦ୍ଦେଶ୍ୟରେ




ସରକାର ଏପରି ପଦକ୍ଷେପ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏପରି ନିଷ୍ପତ୍ତି ହୋଇଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି ।

୩୦ ହଜାର କୋଟିର ସବସିଡି ସମ୍ପର୍କରେ ଘୋଷଣା କରିବା ବେଳେ ବୈଷ୍ଣବ କହିଛନ୍ତି, ମଧ୍ୟବିତ୍ତଙ୍କ ପାଖରେ ଶସ୍ତାରେ ଏଲପିଜି ପହଞ୍ଚାଇବାକୁ ୩୦ ହଜାର କୋଟିର ସବସିଡିକୁ ଅନୁମୋଦନ ମିଳିଛି । ବର୍ତ୍ତମାନର ବିଶ୍ୱ ରାଜନୀତିକ ସ୍ଥିତି ଯୋଗୁ ଗ୍ୟାସ ଦର ଦୋହଲିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ସବସିଡି ବ୍ୟବସ୍ଥା କରାଯାଇଛି ।

ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ଏଲପିଜି ସିଲିଣ୍ଡ ଗ୍ରାହକଙ୍କୁ ଦିଆଯାଉଛିଛ ୨୦୨୪–୨୫ରେ ଅନ୍ତର୍ଜାତୀୟ ସ୍ତରରେ ଏଲପିଜି ଦର ବେଶ ଅଧିକ ରହିଥିଲା । ହେଲେ ସରକାର ଗ୍ରାହକଙ୍କ ଉପରେ ଏହାର ପ୍ରଭାବ ପଡ଼ିବାକୁ ଦେଇ ନଥିଲେ । କମ୍ପାନୀଗୁଡ଼ିକ ଅଧିକ ଦାମରେ କିଣି ଶସ୍ତାରେ ଏଲପିଜି ବିକ୍ରି କରୁଥିବାରୁ ସେମାନଙ୍କୁ ବେଶ କ୍ଷତି ସହିବାକୁ ପଡ଼ିଥିଲା । କ୍ଷତି ସହି ମଧ ସେମାନେ ଗ୍ରାହକଙ୍କ ପାଖରେ ଏଲପିଜି ପହଞ୍ଚାଉଛନ୍ତି । ସେମାନଙ୍କ କ୍ଷତି ଭରଣ କରିବାକୁ ଏପରି ସବସିଡି ଘୋଷଣା କରାଯାଇଛି । ସବସିଡି ଯୋଗୁ କମ୍ପାନୀଗୁଡ଼ିକ ଅଶୋଧିତ ତୈଳ ଓ ଏଲପିଜି କିଣିପାରିବେ । ଋଣ ଟଙ୍କା ପୈଠକ କରି ଅଧିକ ନିବେଶ କରିପାରିବେ ।

# ଆକସ୍ମିକ ବନ୍ୟାରେ ୧୦ ମୃତ, ୩୩ ଜଣଙ୍କ ପତ୍ତା ମିଳୁନି

ବେଜିଂ : ଅଚାନକ ବନ୍ୟା ସାଂଘାତିକ ସ୍ଥିତି ସୃଷ୍ଟି କରିଛି । ଚାଇନାର ଉତ୍ତରପଶ୍ଚିମ ଗାନସୁ ପ୍ରଦେଶର ଅଧିକାଂଶ ଅଞ୍ଚଳରେ ହଠାତ୍ ବନ୍ୟା ମାଡ଼ି ଯାଇଛି ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବନ୍ୟା ପାଣିରେ ୩୩ ଜଣ ନିଖୋଜ ହୋଇ ଯାଇଛ । ସେହିପରି ଅନେକ ଘରଦ୍ୱାର ଭାଙ୍ଗି ଯାଇଥିବା ବେଳେ ଗାଡ଼ି ମୋଟର ପାଣିର ପ୍ରଖର ସ୍ରୋତରେ ଭାସି ଯାଇଛି । ଅଚାନକ ବନ୍ୟା ପରେ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କହିଛନ୍ତି । ଗୁରୁବାର ଠାରୁ ଅବିଶ୍ରାନ୍ତ ବର୍ଷା ୟୁଝୋଙ୍ଗ କାଉଣ୍ଟୀର ସ୍ଥିତିକୁ ବେହାଲ କରିଛି । ଏଥିଯୋଗୁ ଅଚାନକ ବନ୍ୟା ଆସିଥିବା ବେଳେ ଲାନଝୋଉ ସହରର ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହୋଇଛି । ବର୍ଷା ଓ ବନ୍ୟା ଯୋଗୁ ସିଙ୍ଗଲଙ୍ଗ ପାହାଡ଼ିଆ ରିଜନରେ ବିଜୁଳି ଓ ଫୋନ ସେବା ବନ୍ଦ ହୋଇଯାଇଛି । ଏଠାକାର ୪ ଗାଁର ୪ ହଜାର ଲୋକ ଅନ୍ଧକାର ମଧ୍ୟରେ ରହିଛନ୍ତି । ସେଠାରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାରକାରୀ ଦଳ ଜୋରଦାର ଉଦ୍ୟମ କରୁଛନ୍ତି ।

ଗନସୁ ପ୍ରଦେଶ ଏପରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ଚାଇନାର ଅନ୍ୟ ପ୍ରାନ୍ତଗୁଡ଼ିକରେ ପ୍ରବଳ ବର୍ଷା ଜାରି ରହିଛି । ଦକ୍ଷିଣପୂର୍ବ ଗୌଆଙ୍ଗଡଙ୍ଗ ପ୍ରଦେଶରେ ଉଦ୍ଧାରକାରୀ ଟିମ ଧ୍ୱଂସାବଶେଷକୁ ସାଇଡ କରୁଥିବା ବେଳେ ଡ୍ରେନରେ ଜମି ଥିବା ପାଣିକୁ ଖାଲି କରିବାକୁ ଲାଗି ପଡ଼ିଛନ୍ତି । ଅଗଷ୍ଟ ମାସ ଆରମ୍ଭରୁ ହିଁ ଚାଇନାରେ ଏପରି ସ୍ଥିତି ଦେଖିବାକୁ ମିଳିଛି । ବନ୍ୟା ଯୋଗୁ ରାସ୍ତା ଘାଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗଛ ଉପୁଡ଼ି ପଡ଼ିଛି । ରାସ୍ତା ଧୋଇ ଯିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ବର୍ଷା ଏତେ ଜୋରରେ ହେଉଛି ଯେ ଗୌଙ୍ଗଝୋଉର ବୈୟୁନ ଏୟାରପୋର୍ଟ ପକ୍ଷରୁ ୩୬୦ରୁ ଅଧିକ ବିମାନକୁ ବାତିଲ କରାଯାଇଛି । ୩୦୦ ବିମାନର ଉଡ଼ାଣ ଓ ଲ୍ୟାଣ୍ଡିଂ ସମୟ ପ୍ରଭାବିତ ହୋଇଛି । ବନ୍ୟା ପାଣି ଜମି ରହିଥିବାରୁ ମଶାଙ୍କ ଉତ୍ପାତ ଆରମ୍ଭ ହୋଇଯାଇଛ । ଏଥିଯୋଗୁ ଚାଇନାରେ ଚିକୁନଗୁନ୍ୟା ଭଳି ମାରାତ୍ମକ ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି । ଚଳିତ ବର୍ଷ ୭ ହଜାରରୁ ଅଧିକ ଚିକୁନଗୁନ୍ୟା ରୋଗୀ ଚାଇନାର ଚିହ୍ନଟ ହୋଇସାରିଲେଣି ।

## ସତ୍ୟପାଲଙ୍କୁ ମିଳିଲାନି ରାଷ୍ଟ୍ରୀୟ ମର୍ଯ୍ୟାଦା

# ସଂସଦରେ ଉଠିଲା ପ୍ରଶ୍ନ

**ନୂଆଦିଲ୍ଲୀ:** ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ଅନ୍ତିମ ସଂସ୍କାର ଅଗଷ୍ଟ ୬ ରେ କରାଯାଇଥିଲା । ତେବେ ଏହି ସମୟରେ, ତାଙ୍କ ଅନ୍ତିମ ସଂସ୍କାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ନ ଦିଆଯିବା ନେଇ ଏବେ ରାଜନୀତି ଜୋର ଧରିଛି । ରୋହତକର କଂଗ୍ରେସ ସାଂସଦ ଦୀପେନ୍ଦର ସିଂହ ହୁଡ୍ଡା ସଂସଦରେ ଏହି ପ୍ରସଙ୍ଗ ଉଠାଇଛନ୍ତି । ବିଜେପି ସରକାର ଏହାକୁ ଅଣଦେଖା କରିଥିବାର ମଧ ଅଭିଯୋଗ କରିଛନ୍ତି ।



ଦୀପେନ୍ଦର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ଆଜି ମୁଁ ସଂସଦରେ ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ଜୀଙ୍କ ଅନ୍ତିମ ସଂସ୍କାର ସମୟରେ ସରକାର ଦ୍ୱାରା ତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ନ ଦେବା ପ୍ରସଙ୍ଗ ଉଠାଇଥିଲି ।

ସତ୍ୟପାଲ ମଲିକଙ୍କ ମୃତ୍ୟୁରେ ଲୋକସଭାରେ ଶୋକ ବାର୍ତ୍ତା ପାଠ କରି ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ସତ୍ୟପାଲ ମଲିକଙ୍କ ମୃତ୍ୟୁ ୫ ଅଗଷ୍ଟ ୨୦୨୫ରେ ୭୯ ବର୍ଷ ବୟସରେ ନୂଆଦିଲ୍ଲୀରେ ହୋଇଥିଲା । ଏହି ଗୃହ ସତ୍ୟପାଲ ମଲିକଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛି ଏବଂ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ପ୍ରକାଶ କରିଛି । ଶୋକସନ୍ତପ୍ତ ବାର୍ତ୍ତା ପରେ, ସମସ୍ତ ସଦସ୍ୟ ନିଜ ନିଜ ଆସନରୁ ଠିଆ ହୋଇ ସ୍ୱର୍ଗତ ଆତ୍ମାର ଶାନ୍ତି ପାଇଁ ନୀରବତା ପାଳନ କରିଥିଲେ ଏବଂ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

ଉଲ୍ଲେଖ ଥାଉ କି ଜମ୍ମୁ ଓ କାଶ୍ମୀରର ପୂର୍ବତନ ରାଜ୍ୟପାଳ ଚୌଧୁରୀ ସତ୍ୟପାଲ ସିଂହ ମଲିକଙ୍କ ମଙ୍ଗଳବାର (୦୫ ଅଗଷ୍ଟ) ଦିନ ମୃତ୍ୟୁ ହୋଇଥିଲା । ସେ ଦୀର୍ଘ ସମୟ ଧରି ଅସୁସ୍ଥ ଥିଲେ । ଡାକ୍ତରଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଥିଲା । ଦିଲ୍ଲୀର ଡାକ୍ତର ରାମ ମନୋହର ଲୋହିଆ (ଆରଏମଏଲ) ହସ୍ପିଟାଲରେ ଚିକିତ୍ସା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସତ୍ୟପାଲ ସିଂହ ମଲିକ ମେଘାଳୟ, ଗୋଆ, ବିହାର ଏବଂ ଜମ୍ମୁ ଓ କାଶ୍ମୀର ଭଳି ରାଜ୍ୟରେ ରାଜ୍ୟପାଳ ପଦର ଦାୟିତ୍ୱ ତୁଲାଇଥିଲେ । ସତ୍ୟପାଲ ମଲିକ ଜମ୍ମୁ ଓ କାଶ୍ମୀରର ଶେଷ ପୂର୍ଣ୍ଣକାଳୀନ ରାଜ୍ୟପାଳ ଭାବରେ ମଧ କାର୍ଯ୍ୟ କରିଥିଲେ ।

## ଅପରେସନ ଧରାଳି

# ଆବର୍ଜନା ତଳେ ଫସିଛି ଅନେକ ଜୀବନ

**ଡେରାଡୁନ:** ଅଶୁଭ ମଙ୍ଗଳବାର, ଯେଉଁଦିନ ମାଡି ଆସିଥିଲା ମହାପ୍ରଳୟ । ସେଦିନ କିଏ ଖାଇବସିଥିଲା ତ କିଏ କାମ କରୁଥିଲା ପୁଣି କିଏ ନିଜ ନିଜ କାମରେ ବ୍ୟସ୍ତ ରହିଥିଲା । ହେଲେ ହଠାତ୍ ପାହାଡରୁ ମାଡି ଆସିଥିଲା ପ୍ରଳୟ । ଧରାଳିକୁ ଧୋଇନେଇଥିଲା । ପ୍ରକୃତି ତାଣ୍ଡବ କେତେ ଭୟଙ୍କର ହୋଇପାରେ ତାହା ସୋସିଆଲ ମିଡିଆରେ ଦେଖୁଥିବା ଭିଡିଓରୁ ତ ଜଣାପଡୁଛି ହେଲେ ଯିଏ ସେଠି ଉପସ୍ଥିତ ଥିଲେ ସେମାନେ ହିଁ ଜାଣିଛନ୍ତି କେତେ ବିକଟାଳ ରୂପ ଧାରଣ କରି ଧରାଳି ଆଡେ ମାଡି ଆସୁଥିଲା ମହାବିପତ୍ତି । ଆଜିକୁ ୪ ଦିନ ହେଇଗଲାଣି ହେଲେ ଏଯାଏଁ ଧରାଳି ଓ ହର୍ଷିଲ ଦୁନିଆ ଠାରୁ ଅଲଗା । ପୂରା ବିଚ୍ଛିନ୍ନ ହୋଇ ରହିଛି ଏ ଜାଗା । ଯୋଗାଯୋଗର ମାଧ୍ୟମ କେବଳ ଆକାଶମାର୍ଗ । ହେଲିକପ୍ଟର ଜରିଆରେ କେବଳ ଉଦ୍ଧାରକାର୍ଯ୍ୟ ଚାଲିଥିବା ବେଳେ ରାସ୍ତା ସବୁ ଧୋଇଯାଇଛି, ପୋଲ କୁଆଡେ ଭାସି ପଳେଇଛି ତାର ପତ୍ତା ମିଳୁନି । ଏପରି ସ୍ଥଳରେ ଉଦ୍ଧାରକାମରେ ଅନେକ ବାଧା ଆସୁଥିବା ବେଳେ ପୁନରୁଦ୍ଧାର କାମ ଚାଲିଛି ।

ଘଟଣାସ୍ଥଳରେ ଏନଡିଆରଏଫ, ଏସଡିଆରଏଫ, ଆଇଟିବିପି, ବିଆରଓ



ଉଦ୍ଧାରକାମକୁ ଜୋରଦାର କରିଥିବା ବେଳେ ଆବର୍ଜନା ତଳୁ ଜୀବନ ଖୋଜୁଛନ୍ତି । ସ୍ଥାନୀୟ ଯୁବକ ଏବଂ ସଂଗଠନମାନେ ମଧ୍ୟ ସାଧାରଣ ଲୋକଙ୍କୁ ସହାୟତା କରୁଛନ୍ତି । ଇତିମଧ୍ୟରେ ୩୫୦ ଜଣଙ୍କୁ ଉଦ୍ଧାର କରି ଡେରାଡୁନ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି । ଡ୍ରୋନ ଏବଂ ସନ୍ଧାନୀ କୁକୁର ଜରିଆରେ ଖୋଜାଖୋଜି ଚାଲିଛି । କାପଣ କୁହାଯାଉଛି ଆବର୍ଜନା ତଳେ ଶତାଧିକ ମୃତଦେହ ଥାଇପାରେ ।

କାରଣ ସ୍ଥାନୀୟ ଲୋକ କହୁଛନ୍ତି ପ୍ରଳୟ ପାଟିରେ ପୂରା ଗାଁ, ପୂରା ବଜାର ପଶିଯାଇଛି । ଆବର୍ଜନାର ବଡ଼ ବଡ଼ ହୋଟେଲ, ଘର ଏବଂ ମନ୍ଦିରକୁ ସମାଧି ଦେଇ ଦେଇଛି । ପ୍ରଳୟ ପାଟିରେ ୧୫୦୦ ବର୍ଷ ପୁରୁଣା କଳ୍ପ କେଦାର ମନ୍ଦିର ବି ପଶିଯାଇଛି । ମନ୍ଦିରର କେବଳ ଚୂଳୀ ଦେଖା ଯାଉଥିବା ବେଳେ ବାକି ସବୁ ପୋତି ଯାଇଛି । ଯେତେବେଳେ ପ୍ରଳୟ ଆସିଲା ସେତେବେଳେ ବଜାରରେ ଶହଶହ ଲୋକ ଥିଲେ । ଗାଁରେ ଅନେକ ଲୋକ କାମ କରୁଥିଲେ ଏବଂ ହୋଟେଲରେ ଶତାଧିକ ଲୋକ ରହିଥିଲେ । ତେଣୁ ଆବର୍ଜନା ତଳେ ସେମାନେ ପୋତି ହୋଇଯାଇଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି । ଜଣେ ହୋଟେଲ ମାଲିକ କହିଛନ୍ତି– ମୋ ହେଲେଟରେ ୪୦୦ରୁ ଅଧିକ ଲୋକ ଥିଲେ । ମୁଁ ଦ୍ୱିପହରେ ଘରକୁ ଖାଇବାକୁ ଯାଇଥିଲି କିନ୍ତୁ ଘରେ ପହଞ୍ଚି ଶୁଣିଲି ଏମିତି ପ୍ରଳୟ ଆସିଛି । ଫେରିକି ଦେଖିଲା ବେଳକୁ ହୋଟେଲ ନଥିଲା । ହୋଟେଲ ସହ ସମସ୍ତେ କାଦୁଅ ମିଶା ପାଣି ତଳେ ପୋତି ହୋଇଯାଇଥିଲେ । ତେଣୁ ଏମିତି ଘଟଣା ସାରା ଧରାଳିରେ ଘଟିଥିବା ବେଳେ ମୃତ୍ୟୁ ସଂଖ୍ୟା ଅନେକ ଛୁଇଁବା ଆଶଙ୍କା ରହିଛି ।

## ଜାତୀୟ କନିଷ୍ଠ ସନ୍ତରଣ

# ସାଇ ସ୍ୱରୂପଙ୍କୁ ଆଉ ଏକ ସ୍ୱର୍ଣ୍ଣ



ଭୁବନେଶ୍ୱର, ୮।୮ (ସବ୍ୟୁ) : ଅହମଦାବାଦରେ ଆୟୋଜିତ ୫୧ତମ ଜାତୀୟ କନିଷ୍ଠ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶାର ଯୁବ ସନ୍ତରଣକାରୀ ସାଇ ସ୍ୱରୂପ ସ୍ୱାଇଁ ଚମତ୍କାର ପ୍ରଦର୍ଶନ କରି ୩ (୨ ସ୍ୱର୍ଣ୍ଣ, ୧ କାଂସ୍ୟ) ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଓଡ଼ିଶାର ପ୍ରଥମ ପୁରୁଷ ସନ୍ତରଣକାରୀ ଭାବେ ବୁଧବାର ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିବାର ଗୌରବ ଅର୍ଜନ କରିଥିବା ଏହି ବିସ୍ମୟ ବାଳକ ଗୁରୁବାର ଶେଷ ଦିନରେ ଆଉ ଗୋଟିଏ ସ୍ୱର୍ଣ୍ଣ ପାଇଛନ୍ତି ।

ପୂର୍ବରୁ ୨୦୦ ମିଟର (୨:୩୧.୫୦) ବ୍ରେଷ୍ଟଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଏବଂ ୫୦ ମିଟର (୩୨.୯୫) ବ୍ରେଷ୍ଟଷ୍ଟ୍ରୋକ୍‌ରେ କାଂସ୍ୟ ଜିତିଥିବା ସାଇ ସ୍ୱରୂପ ଗୁରୁବାର ବାଳକ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍-୨ରେ ସ୍ୱର୍ଣ୍ଣ ଜିତିଛନ୍ତି । ଫାଇନାଲ୍ ରେସ୍‌କୁ ସେ ୧ ମିନିଟ୍ ୧୦.୬୧ ସେକେଣ୍ଡରେ ଶେଷ କରି ଏହି ପଦକ ପାଇଥିଲେ । କର୍ଣ୍ଣାଟକର ରିୟାଂଶ କାଣ୍ଡି (୧:୧୨.୦୧) ଏବଂ କେରଳର ଅଭିଜିତ ପି (୧:୧୩.୮୦) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ । ସାଇ ସ୍ୱରୂପଙ୍କ ଏହି ୩ ପଦକ ବଳରେ ଓଡ଼ିଶା ଅଷ୍ଟମ ସ୍ଥାନରେ ଅଭିଯାନ ଶେଷ କରିଛି । ଓଡ଼ିଶା କ୍ରୀଡ଼ା ଇତିହାସରେ ଦ୍ୱିତୀୟ ପୁରୁଷ ଭାବେ ସାଇ ସ୍ୱରୂପ ସନ୍ତରଣରୁ ଜାତୀୟ ପଦକ ଜିତିଛନ୍ତି । ପ୍ରଥମ ଓ ଶେଷ ପଦକଟି ୧୯୯୦ରେ ରଙ୍କନିଧି ସେଠ କାଂସ୍ୟ ପଦକ ଜିତିଥିଲେ । ଜେଏସଡବ୍ଲ୍ୟୁର ଇନ୍‌ସ୍ପାୟାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟସରେ ୟୁର୍ବେଶ ଦୁବେ ଏବଂ ଡଗଲାସ୍ ଇଗରଙ୍କଠାରୁ ପ୍ରଶିକ୍ଷଣ ନେଇ ସାଇ ସ୍ୱରୂପ ଏତେ ସଫଳତା ପାଇଥିବାରୁ ତାଙ୍କୁ ଉଭୟ ଅଭିନନ୍ଦନ ଜଣାଇଛନ୍ତି ।

## ବିଏଫ୍‌ଆଇ ଅଧିକାରୀଙ୍କ ବିରୋଧରେ ଲଭଲିନାଙ୍କ ଦୁର୍ବ୍ୟବହାର ଅଭିଯୋଗ

ମୁମ୍ବାଇ, ୮।୮ (ଏଜେନ୍ସି) : ଟୋକିଓ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜୟିନୀ ଲଭଲିନା ବଡ଼ଗୋହାଁଇ ଭାରତୀୟ ବକ୍ସିଂ ମହାସଂଘର କାର୍ଯ୍ୟକାରୀ ନିର୍ଦ୍ଦେଶକ କର୍ଣ୍ଣେଲ ଅରୁଣ ମଲ୍ଲିକଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଛନ୍ତି । ଜୁଲାଇ ୮ରେ ହୋଇଥିବା ଏକ ଜୁମ୍ ମିଟିଂ ଅବସରରେ ଶ୍ରୀ ମଲ୍ଲିକ ତାଙ୍କୁ ସମସ୍ତଙ୍କ ସାମ୍ନାରେ ଲଜ୍ଜିତ କରିବା ସହ ଆଦୌ ପାଟି ନକରି ଚୁପ୍ ରହିବାକୁ ଚଢ଼ା ଗଳାରେ ତାଗିଦ କରିବା ସହ ମୁଣ୍ଡ ତଳକୁ କରି ଆମେ ଯାହା କରୁଛୁ, ତାକୁ ମାନିବାକୁ କହିଥିଲେ ବୋଲି ଲଭଲିନା ଏକ ଅଭିଯୋଗପତ୍ରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ଭାରତୀୟ କ୍ରୀଡ଼ା ପ୍ରାଧିକରଣର ମହାନିର୍ଦ୍ଦେଶକ, ଭାରତୀୟ ଅଲିମ୍ପିକ୍ସ ସଂଘକୁ ଜଣାଇଛନ୍ତି ।ବ୍ୟକ୍ତିଗତ ପ୍ରଶିକ୍ଷକଙ୍କୁ ଜାତୀୟ ପ୍ରଶିକ୍ଷଣ ଶିବିରରେ ସାମିଲ ହେବାର ସୁଯୋଗ ଦେବା ଲାଗି ଅନୁରୋଧ କରି ପରେ ଶ୍ରୀ ମଲ୍ଲିକ ଏଭଳି ଅଶାଳୀନ ବ୍ୟବହାର କରିଥିଲେ ବୋଲି ଲଭଲିନା ଉଲ୍ଲେଖ କରିଛନ୍ତି । ଅଭିଯୋଗ ପାଇବା ପରେ ସାଇ ପକ୍ଷରୁ ଏହାର ଅନୁଷ୍ଠାନିକ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ଆସିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ସୂଚନା ଦିଆଯାଇଛି ।



# ଦିନିକିଆକୁ ଫେରିବେ କୋହଲି !

## ଲଣ୍ଡନରେ ଚାଲିଛି ତାଲିମ ଅଧିବେଶନ



ନୂଆଦିଲ୍ଲୀ, ୮।୮ (ଏଜେନ୍ସି) : କୋହଲି ଗୁଜୁରାଟ ଟାଇଟାନ୍ସର ସହାୟକ ପ୍ରଶିକ୍ଷକ ନଇମ ଅମିନଙ୍କ ସହ ଲଣ୍ଡନରେ ଅଭ୍ୟାସ କରିଥିଲେ । କୋହଲି ଶେଷ ଥର ପାଇଁ ଆଇପିଏଲ୍ ୨୦୨୫ ଫାଇନାଲରେ ଆରସିବି ପାଇଁ ପ୍ରତିଯୋଗିତାମୂଳକ ଭାବରେ ଖେଳିଥିଲେ । ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ଆଜି ଦିନିକିଆ ଆନ୍ତର୍ଜାତୀୟ କ୍ରିକେଟକୁ ଫେରିବା ପାଇଁ ଅଭ୍ୟାସ କରୁଛନ୍ତି । ଏହି ଷ୍ଟାର ବ୍ୟାଟସମ୍ୟାନ ୮ ଅଗଷ୍ଟ ଶୁକ୍ରବାର ଦିନ ଲଣ୍ଡନରେ ତାଙ୍କ ତାଲିମ ଅଧିବେଶନର ଏକ ଫଟୋ ସେୟାର କରିଛନ୍ତି । କୋହଲି ଗୁଜୁରାଟ ଟାଇଟାନ୍ସର ସହାୟକ ପ୍ରଶିକ୍ଷକ ନଇମ ଅମିନଙ୍କ ସହାୟତା ଲୋଡ଼ିଛନ୍ତି, ଯାହା ଏକ ଇଣ୍ଡୋର ନେଟ୍ ଅଧିବେଶନ ପରି ଦେଖାଯାଉଥିଲା । ହିଟ୍ ସହିତ ସାହାଯ୍ୟ କରିବା ପାଇଁ ଧନ୍ୟବାଦ, ଭାଇ । ତୁମକୁ ଦେଖି ସର୍ବଦା ଭଲ ଲାଗିଲା, କୋହଲି ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ସେସନର ଏକ ଫଟୋ ସେୟାର କରି ଲେଖିଛନ୍ତି ।

କୋହଲି ଫିଟ୍ ଏବଂ ପ୍ରସ୍ତୁତ ଦେଖାଯାଉଥିଲେ, ଏକ ଗ୍ରେ ଟି-ସାର୍ଟ ଏବଂ ନୀଳ ଟ୍ରାଉଜର ପିନ୍ଧିଥିଲେ । ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ପାଇଁ ପ୍ରସ୍ତୁତି ପାଇଁ ଏହା ସେ ଯୋଜନା କରିଥିବା ପ୍ରଥମ କିଛି ଇନଡୋର ତାଲିମ ଅଧିବେଶନ ମଧ୍ୟରୁ ଗୋଟିଏ ବୋଲି ମନେ ହେଉଥିଲା ।

କୋହଲି ଅକ୍ଟୋବର ୧୯ ରୁ ୨୫ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏକଦିବସୀୟ ସିରିଜ୍ ପାଇଁ ଭାରତୀୟ ଦଳର ଅଂଶ ହେବାର ଆଶା କରାଯାଉଛି । ଅଗଷ୍ଟରେ ନିର୍ଦ୍ଧାରିତ ବାଂଲାଦେଶ ବିପକ୍ଷ ସିରିଜ୍ ସ୍ଥଗିତ ହେବା ପରେ ତାଙ୍କର ଏକଦିବସୀୟ ପ୍ରତ୍ୟାବର୍ତ୍ତନ ବିଳମ୍ବିତ ହୋଇଥିଲା ।

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଷ୍ଟାର ଶେଷ ଥର ପାଇଁ ଜୁନ୍ ମାସରେ ଅହମ୍ମଦାବାଦରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ ଫାଇନାଲ୍‌ରେ ପଞ୍ଜାବ କିଙ୍ଗସ୍ ବିପକ୍ଷରେ ପ୍ରତିଯୋଗିତାମୂଳକ କ୍ରିକେଟ୍ ଖେଳିଥିଲେ । ସେହି ଟାଇଟଲ୍ ମୁକାବିଲାରେ କୋହଲି ୪୩ ରନ୍ କରି ଆରସିବିକୁ ଶେଷରେ ସେମାନଙ୍କର ପ୍ରଥମ ଆଇପିଏଲ୍ ଟ୍ରଫି ଉଠାଇବାରେ ସାହାଯ୍ୟ କରିଥିଲେ ।

ବେଙ୍ଗାଲୁରୁରେ ଆରସିବିର ବିଜୟ ପରେଡ୍ ସମୟରେ ହୋଇଥିବା ଅରାଜକତାପୂର୍ଣ୍ଣ ଦୃଶ୍ୟର କିଛିଦିନ ପରେ କୋହଲି ଲଣ୍ଡନ ଉଡ଼ିଯାଇଥିବା ଜଣାପଡ଼ିଛି, ଯାହା ଏକ ଦଳାଚକଟା ଦ୍ୱାରା ପ୍ରଭାବିତ ହୋଇଥିଲା । ଲଣ୍ଡନରେ ଥିବା ସମୟରେ ତାଙ୍କୁ ଯୁବରାଜ ସିଂହଙ୍କ ଦ୍ୱାରା ଆୟୋଜିତ ଏକ ଦାନଶୀଳ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା ଏବଂ ତାଙ୍କ ପତ୍ନୀ ଏବଂ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହିତ ୨୦୨୫ ଓ୍ୱିମ୍ବଲଡନ୍ ସଂସ୍କରଣରେ ମଧ୍ୟ ଯୋଗ ଦେଇଥିଲେ । ଚଳିତ ବର୍ଷ ଆରମ୍ଭରେ ଅଷ୍ଟ୍ରେଲିଆର ଟେଷ୍ଟ ଗସ୍ତ ପରଠାରୁ କୋହଲି ଭାରତ ପାଇଁ ସ୍ଥାନ ପାଇନାହାଁନ୍ତି ।

ବର୍ଡର-ଗାଭାସ୍କର ଟ୍ରଫିରେ ଏକ ସାଧାରଣ ପ୍ରଦର୍ଶନ ପରେ, ସେ ଆଇପିଏଲ୍ ୨୦୨୫ ସିଜିନ୍ ମଧ୍ୟଭାଗରେ ଟେଷ୍ଟ କ୍ରିକେଟ୍‌ରୁ ଅବସର ଘୋଷଣା କରି ପ୍ରଶଂସକମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ । ଦିଲ୍ଲୀ ରଣଜୀ ଟ୍ରଫି ପ୍ରଶିକ୍ଷକ ସରନଦୀପ ସିଂହଙ୍କ ଅନୁସାରେ, ଜୁନ୍-ଅଗଷ୍ଟ ଓ୍ୱିଣ୍ଡୋରେ ଇଂଲଣ୍ଡରେ ଖେଳିବାର ସମ୍ଭାବନା ବିଷୟରେ କୋହଲି ଆଲୋଚନା କରିଥିଲେ, କିନ୍ତୁ ଭାରତର ଭ୍ରମଣକାରୀ ଦଳ ନାମିତ ହେବା ପୂର୍ବରୁ ସେ ତାଙ୍କ ଲାଲ-ବଲ୍ କ୍ୟାରିୟରରୁ ସମୟ ଡାକିଥିଲେ ।

କୋହଲି ଟେଷ୍ଟରୁ ଅବସର ନେବାର ନିଷ୍ପତ୍ତି ବିଷୟରେ ସ୍ପଷ୍ଟ ଭାବରେ କହିଥିଲେ, ଏହାକୁ ତାଙ୍କ ଦାଢ଼ିରେ ବଢୁଥିବା ଧଳା ରଙ୍ଗ ସହିତ ତୁଳନା କରିଥିଲେ ।

ଜୁନ୍ ୨୦୨୪ ରେ ଭାରତର ବିଜୟୀ ଟି-୨୦ ବିଶ୍ୱକପ୍ ଅଭିଯାନ ପରେ ସେ ପୂର୍ବରୁ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍‌ରୁ ଦୂରେଇ ଯାଇଥିଲେ । ତଥାପି ଏହି ଷ୍ଟାର ବ୍ୟାଟ୍ସମ୍ୟାନ୍ ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଏକଦିବସୀୟରେ ଭାରତକୁ ପ୍ରତିନିଧିତ୍ୱ କରିବା ଜାରି ରଖିବେ ବୋଲି ଆଶା କରାଯାଉଛି ।

କୋହଲି ୨୦୨୭ ରେ ଦକ୍ଷିଣ ଆଫ୍ରିକା ଏବଂ ଜିମ୍ବାୱେ ଦ୍ୱାରା ଆୟୋଜିତ ହେବାକୁ ଥିବା ମାର୍କି ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରତ୍ୟେକ ସୁଯୋଗର ସର୍ବାଧିକ ଉପଯୋଗ କରିବାକୁ ଆଗ୍ରହୀ ହେବେ । ସେ ସମ୍ପ୍ରତି ଚମ୍ପିଆନ୍ସ ଟ୍ରଫି ସମୟରେ ଶ୍ରେଷ୍ଠ ଫର୍ମରେ ଥିଲେ । ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଶତକ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ମ୍ୟାଚ୍ ବିଜୟୀ ୮୪ ରନ୍ କରିଥିଲେ । ୨୦୨୫ରେ ଏପର୍ଯ୍ୟନ୍ତ କୋହଲି ୪୫.୮୩ ହାରରେ ୨୭୫ ରନ୍ ସଂଗ୍ରହ କରିଛନ୍ତି । କୋହଲି ଏକଦିବସୀୟରେ ୧୪,୧୮୧ ରନ୍ କରିଛନ୍ତି, ଯେଉଁଥିରେ ରେକର୍ଡ ୫୧ ଶତକ ଅନ୍ତର୍ଭୁକ୍ତ । ବିଶ୍ୱକପର ପୂର୍ବ ସଂସ୍କରଣରେ ସେ ସଚିନ ତେନ୍ଦୁଲକରଙ୍କ ଦୀର୍ଘକାଳୀନ ରେକର୍ଡ ଭାଙ୍ଗି ୭୬୫ ରନ କରି ଶିରୋନାମାରେ ସ୍ଥାନ ପାଇଥିଲେ ।

# ଦେଶ ପାଇଁ ଗୌରବ ଆଣିଲେ ଓଡ଼ିଆ ପୁଅ ଶ୍ରୀରାମ



ଖୋର୍ଦ୍ଧା, ୮।୮ (ସବ୍ୟୁ) : ଇଣ୍ଡୋନେସିଆର ଜାକର୍ତ୍ତା ଠାରେ ଅଗଷ୍ଟ ୨ ଓ ୩ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବିଶ୍ୱସ୍ତରୀୟ ଇସ୍କା ଇଣ୍ଡୋନେସିଆ ଓପନ କିକ ବକ୍ସିଂ ଚାମ୍ପିଅନସିପରେ ଓଡ଼ିଆ ପୁଅ ଶ୍ରୀରାମ ତ୍ରିପାଠୀ (ରିୟାନ) ଭାରତ ପାଇଁ ଗୌରବ ଆଣିଛନ୍ତି । ଶହେ କେଜି ସିନିଅର କିକ୍ ବକ୍ସିଂରେ ବ୍ରୋଞ୍ଜ ପଦକ ଜିତି ଶ୍ରୀରାମ ଭାରତ ତଥା ଓଡିଶା ପାଇଁ ଗୌରବ ପାଲଟିଛନ୍ତି । ୨୮ଟି ଦେଶରୁ ୪୫୦ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।

ସୂଚନାଯୋଗ୍ୟ ଶ୍ରୀରାମ ହେଉଛନ୍ତି ଓଡ଼ିଶାର ବରିଷ୍ଠ ଚର୍ମରୋଗ ବିଶେଷଜ୍ଞ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟର କର୍ଯ୍ୟରତ ଡାକ୍ତର ହର ପ୍ରସନ୍ନ ତ୍ରିପାଠୀ ତଥା ଉଚ୍ଚ ନ୍ୟାୟାଳୟର ଜଣାଶୁଣା ମହିଳା ଆଇନଜୀବୀ ରାଖି ମିଶ୍ରଙ୍କ ଏକମାତ୍ର ପୁଅ । ରିୟାନଙ୍କ ଏହି ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

ରିୟାନଙ୍କ ଅଜା ଯୁଧିଷ୍ଠିର ମିଶ୍ର, ଆଇ ପଦ୍ମିନୀ ମିଶ୍ରଙ୍କ ସମେତ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ସମ୍ପାଦକ ଦିଲୀପ ପଟ୍ଟନାୟକ, ଓୟୁଡବ୍ଲ୍ୟୁଜେ ଖୋର୍ଦ୍ଧା ଶାଖା ସଭାପତି ପ୍ରକାଶ ହାତୀ, ଓୟୁଜେର ଖୋର୍ଦ୍ଧା ସଭାପପତି ତପନ ନାୟକ, ଉତ୍କଳ ସାମ୍ବାଦିକ ସଂଘର ଖୋର୍ଦ୍ଧା ସଭାପତି ଅବ୍ୟକ୍ତ ହରିହର ଖାଡେଙ୍ଗା, ଜିଲ୍ଲା ପ୍ରେସ କ୍ଲବ ଉପସଭାପତି ଲଳିତ ମୋହନ ମହାପାତ୍ର, ସାମ୍ବାଦିକ ରଞ୍ଜିତ ସାମନ୍ତରାୟ, ପ୍ରଭାତ ପାଣିଗ୍ରାହୀ, ଜିତେନ୍ଦ୍ର ଭଞ୍ଜ, ପ୍ରବୀଣ ଭଞ୍ଜ, ଶୁଭକାନ୍ତ ମହାପାତ୍ର, ଆଇନଜୀବୀ ଶିଶିର ପରିଡା, ଖୋର୍ଦ୍ଧା ବାର ସଂଘ ସଭାପତି ଜୀବନ ଜ୍ୟୋତି ମିଶ୍ର ପ୍ରମୁଖ ରିୟାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ସେହିପରି ରିୟାନଙ୍କ ଜେଜେବାପା ରାହସ ବିହାରୀ ତ୍ରିପାଠୀ ଜେଜେମା ବିଷ୍ଣୁପ୍ରିୟା ତ୍ରିପାଠୀ ନିଜ ନାତିର ସଫଳତା ପାଇଁ ମା ସମଲେଇଙ୍କୁ ଆରାଧନା କରିଛନ୍ତି ।

ଅନ୍ୟପଟେ ଶ୍ରୀରାମ ତ୍ରିପାଠୀ ତାଙ୍କ ସଫଳତା ପାଇଁ ସେ ପ୍ରଶିକ୍ଷଣ ନେଉଥିବା ଭୁବନେଶ୍ୱରସ୍ଥିତ ଓଭରାଲ ଏକାଡେମୀର କୋଚ, ସମସ୍ତ ସହଯୋଗୀ ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶାର ଏବଂ ଭାରତର ସମସ୍ତ ପ୍ରତିଯୋଗୀ ସମେତ ଜେଜେ, ଜେଜେମା, ଅଜା, ଆଇ, ପିତା ମାତା ଏବଂ ସମସ୍ତ ଶୁଭେଚ୍ଛୁଙ୍କୁ ଶ୍ରେୟ ଦେଇଛନ୍ତି । ସେ ଆଗକୁ ମାଟି ମା ପାଇଁ ବା ଭାରତ ପାଇଁ କିପରି ସ୍ୱର୍ଣ୍ଣ ଜିତିବେ, ସେ ଦିଗରେ ପ୍ରୟାସ ଜାରି ରଖିବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ଓପି ଜିନ୍ଦଲ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ଅନୁଗୁଳ, ୮।୮ (ସବ୍ୟୁ) : ସ୍ଥାନୀୟ କଦମ ପଡ଼ିଆରେ ଗୁରୁବାର ଓପି ଜିନ୍ଦଲ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟକୁ ଅନୁଗୁଳ ନଗରପାଳ ଅକ୍ଷୟ ସାମନ୍ତ ମୁଖ୍ୟ ଅତିଥି ରୂପେ ଷ୍ଟିଲ । ଶିଳ୍ପର ଅନ୍ୟତମ ମହାରଥୀ ଓପି ଜିନ୍ଦଲଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ରୂପେ ଅନୁଗୁଳ ଏଡିଏମ ପ୍ରତାପ ପ୍ରୀତିମୟ, ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିନ୍ଦଲ ସିଏସଆର ବିଭାଗ ମୁଖ୍ୟ ଜୟନ୍ତ ମହାନ୍ତି, ଜିନ୍ଦଲ ସଭାପତି ଅତୁଲ ଦୁବେ, ଡିଜିଏମ୍ ଆଶୁତୋଷ ମିଶ୍ର, ଜେଏସପିର ବରିଷ୍ଠ ଅଧିକାରୀ ମୈତ୍ରେୟୀ ମିଶ୍ର, ଏଜିଏମ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଅନୁଗୁଳ କ୍ରିକେଟ ଆସୋସିଏସନ୍ ସମ୍ପାଦକ ସାଗର ମିଶ୍ର, ଜିଲ୍ଲା କ୍ରୀଡା ସଂସଦ ସଦସ୍ୟ ଆଡଭୋକେଟ ପ୍ରଦୀପ ଦେବତା, ରୁଚିର ଦାସ, ଜିନ୍ଦଲ କ୍ରୀଡା ଅଧିକାରୀ ତାପସ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

ଉଦଘାଟନୀ ମ୍ୟାଚରେ ପେନାଲଟି ସୁଟ ଆଉଟରେ ଝାରସୁଗୁଡ଼ା ୪-୩ ଗୋଲରେ ଆଠମଲ୍ଲିକକୁ ହରାଇଥିଲା । ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ରମା ହାଁସଦା, ଝାରସୁଗୁଡ଼ା ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ । ପ୍ରଶାନ୍ତି ବେହେରା ଖେଳ ପରିଚାଳନା କରିଥିଲେ । ଧନେଶ୍ୱର ସର୍ଦ୍ଦାର ଓ ବଳରାମ ସାୟ ଲାଇନରେ ସହାୟତା କରିଥିଲେ । ଶୁକ୍ରବାର ଝାରସୁଗୁଡ଼ା ସ୍ପୋର୍ଟ୍ସ ହଷ୍ଟେଲ କଟକକୁ ଭେଟିବ ।

# ଆଉ ଦୁଇଦିନ ପରେ କମ୍ପିବ କଳିଙ୍ଗ

ଭୁବନେଶ୍ୱର, ୮।୮ (ସବ୍ୟୁ) : ଆଉ ଦୁଇ ଦିନ ପରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବ ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ (କାଂସ୍ୟ) ଦୌଡ଼କୁଦ ପ୍ରତିଯୋଗିତା । ଏହି ଦିନିକିଆ ପ୍ରତିଯୋଗିତା ଲାଗି ଓଡ଼ିଶା କ୍ରୀଡ଼ା ଜଗତ ବେଶ୍ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ତାରକା ଖେଳାଳିଙ୍କ ଭିଡ଼ ବଢ଼ିବାକୁ ଲାଗିଛି । ବୁଧବାର ଘରୋଇ ଖେଳାଳି ଏଠାରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଥିଲା ବେଳେ ଗୁରୁବାରଠାରୁ ବିଦେଶୀ ଖେଳାଳି ପହଞ୍ଚିବା ଆରମ୍ଭ କରିଛନ୍ତି । ବିଦେଶୀ ଆଥଲେଟ୍‌ଙ୍କୁ ଓଡ଼ିଶାର ମହନୀୟ ପରମ୍ପରାର ଝଲକ ସ୍ୱରୂପ ପାରମ୍ପରିକ ଓଡ଼ିଆ ରୀତିନୀତିରେ ସ୍ୱାଗତ କରାଯାଉଛି । ସମସ୍ତେ ଯେଭଳି ଅଭୁଲା ଅଭିଜ୍ଞତା ନେଇ ନିଜନିଜ ଦେଶକୁ ଫେରିବେ, ସେଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି । କଳିଙ୍ଗ ଷ୍ଟାଡିୟମ୍ ପୂର୍ବରୁ ୨୦୧୭ ମସିହାରେ ଏସିଆନ୍ ଆଥ୍‌ଲେଟିକ୍ସ ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରିସାରିଛି । ଏବେ ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ଆୟୋଜନ କରି ନିଜ କ୍ରୀଡ଼ା ଇତିହାସକୁ ଆହୁରି ସମୃଦ୍ଧ ଓ ଋଦ୍ଧିମନ୍ତ କରିବାକୁ ଯାଉଛି ।

ସବିଶେଷ ସୂଚନା ଅନୁସାରେ ବିଶ୍ୱ କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତାରେ ୧୭ ଦେଶର ମୋଟ ୧୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ । ସେଥିମଧ୍ୟରୁ ୯୭ ଜଣ ଭାରତୀୟ ଥିଲା ବେଳେ ଅବଶିଷ୍ଟ ୬୩ ଜଣ ବିଦେଶୀ ଖେଳାଳି । ବିଦେଶୀଙ୍କ ମଧ୍ୟରୁ ନେପାଳର ସର୍ବାଧିକ ୧୩ ଜଣ, ଶ୍ରୀଲଙ୍କାର ଦ୍ୱିତୀୟ ସର୍ବାଧିକ ୧୦ ଏବଂ ମାଲେସିଆର ତୃତୀୟ ସର୍ବାଧିକ ୯ଜଣ ଖେଳାଳି ରହିଛନ୍ତି । ଦକ୍ଷିଣ ଆଫ୍ରିକା ଓ ଗ୍ରେଟ୍ ବ୍ରିଟେନର ୪ଜଣ ଲେଖାଏଁ ଖେଳାଳି ନିଜନିଜ ଯାଦୁ ଦେଖାଇବାକୁ ଯାଉଛନ୍ତି । ପ୍ରତିଯୋଗିତାରେ ୧୮ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ସର୍ବଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ) ପୂର୍ବରୁ ମହିଳା ୪ ଗୁଣା ୪୦୦ ରିଲେ ଏବଂ ମିଶ୍ରିତ ୪ଗୁଣା ୪୦୦ ରିଲେକୁ ଏଥିରେ ସାମିଲ କରିବାକୁ ଯୋଜନା କରିଥିଲା । ତେବେ ଆବଶ୍ୟକ ସର୍ବନିମ୍ନ ପ୍ରତିଯୋଗୀଙ୍କ ଅଭାବରୁ ଏହାକୁ ବାତିଲ କରିବାକୁ ବାଧ ହୋଇଛି । ଅନ୍ୟ ଭାରତୀୟ ଖେଳାଳିମାନେ ନିଜ ନିଜ ରାଜ୍ୟ ସହ ବୃତ୍ତିଗତ ସଂସ୍ଥାର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ । ଖେଳଗୁଡ଼ିକ ମଧ୍ୟରୁ ଜାଭେଲିନ୍‌ରେ ଜୋରଦାର ଲଢ଼େଇ ହେବାର ସମ୍ଭାବନା ଅଧିକ ରହିଛି । ଯୁଗଳ ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରାଙ୍କ ଅନୁପସ୍ଥିତି ସତ୍ତ୍ୱେ ଏହି ଖେଳରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆଶା କରାଯାଉଛି । ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ସଚିନ ଯାଦବ, ଯଶବୀର ସିଂହ ଓ ବିକ୍ରାନ୍ତ ମଲ୍ଲିକ ନେବେ । ଶ୍ରୀଲଙ୍କା ପକ୍ଷରୁ ସୁମେଦା ରଣସିଂହେ ଓ ରମେଶ ଥରଙ୍ଗା ପଥିରେଗ ଏମାନଙ୍କୁ କଡ଼ା ଟକ୍କର ଦେବେ । ରଣସିଂହେ ଜାପାନରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଚାମ୍ପିଅନସିପ୍ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିସାରିଛନ୍ତି । ରଣସିଂହେ ଚଳିତ ଋତୁରେ ୮୫.୭୮ ମିଟରର ଶ୍ରେଷ୍ଠ ଥ୍ରୋ' ପାଇଥିଲା ବେଳେ କଳିଙ୍ଗ ଷ୍ଟାଡିୟମରେ ଏହି ସଫଳତାକୁ ଦୋହରାଇବା ଲକ୍ଷ୍ୟରେ ରହିବେ ।




**ଦର୍ଶକଙ୍କ ପାଇଁ ଦେୟମୁକ୍ତ ପ୍ରବେଶ ବ୍ୟବସ୍ଥା**

ଦର୍ଶକମାନେ ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ (କାଂସ୍ୟ)ର ବିଭିନ୍ନ ପ୍ରତିଯୋଗିତା ମାଗଣାରେ ଦେଖିପାରିବେ । ଏହି ପ୍ରତିଯୋଗିତା ଦର୍ଶକଙ୍କ ପାଇଁ ସଂପୂର୍ଣ୍ଣ ଦେୟମୁକ୍ତ ରହିବ ବୋଲି ଓଡ଼ିଶା କ୍ରୀଡ଼ା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରତିଯୋଗିତାକୁ ଅଧିକରୁ ଅଧିକ କ୍ରୀଡ଼ାପ୍ରେମୀଙ୍କ ନିକଟରେ ପହଞ୍ଚାଇବାକୁ ଏଭଳି ବ୍ୟବସ୍ଥା କରାଯାଇଛି । ପ୍ରତିଯୋଗିତା ଅପରାହ୍ନରୁ ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ଚାଲିବାର ସୂଚୀ ରହିଛି । ତେବେ ଆବଶ୍ୟକସ୍ଥଳେ ଏଥିରେ କିଛିଟା ପରିବର୍ତ୍ତନ କରାଯାଇପାରେ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି । ଅଧିକରୁ ଅଧିକ ଦର୍ଶକ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି ।


## ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି